# ଧରିତ୍ରୀ
DHARITRI

ରାୟଗଡ଼ା, ଶନିବାର, ଅଗଷ୍ଟ ୧୫/୨୦୨୦ (୧୬ ପୃଷ୍ଠା) | Rayagada, Saturday, August 15/2020 | ★

୧୦ମ ଭାଗ ୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




## ‘ମୋ ବଲିଉଡ୍ ଯାତ୍ରା ସମ୍ପୂର୍ଣ୍ଣ ନିଆରା’

ଫିଲ୍ମ ‘କିକ୍’ରେ ସହ ନିର୍ଦ୍ଦେଶିକା ଥିବା ଅଭିନେତ୍ରୀ ଶିବଲୀକା ଓବେରୟ୍ ନିଜର ବଲିଉଡ୍ ଯାତ୍ରା ସମ୍ପୂର୍ଣ୍ଣ ନିଆରେ ବୋଲି ଏକ ସାକ୍ଷାତକାରରେ କହିଛନ୍ତି।

୧୨

୧୪

## ଜୋର୍ଡାନଙ୍କ ଜୋତା ରେକର୍ଡ ମୂଲ୍ୟରେ ବିକ୍ରି

ଆମେରିକୀୟ ପୂର୍ବତନ ବାସ୍କେଟବଲ ଖେଳାଳି ତଥା ଏନ୍‌ବିଏ କିମ୍ବଦନ୍ତୀ ମାଇକେଲ ଜୋର୍ଡାନଙ୍କ ଏକ ହଳ ଜୋତା ରେକର୍ଡ ୪ କୋଟି ୬୦ ଲକ୍ଷ ଟଙ୍କା ମୂଲ୍ୟରେ ନିଲାମ ହୋଇଛି।






### ପବିତ୍ର ସ୍ୱାଧୀନତା ଦିବସ - ୨୦୨୦ ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇ-ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

ବୈଶ୍ୱିକ ମହାମାରୀ କରୋନା ବିରୋଧରେ ସମଗ୍ର ମାନବଜାତିର ଲଢ଼େଇରେ ଓଡ଼ିଶାର ପ୍ରଦର୍ଶନ ବେଶ ଉତ୍ସାହଜନକ ଓ ପ୍ରେରଣାଦାୟୀ । ଏହି ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରୁଛି ।

(ଗଣେଶୀ ଲାଲ)

DADLS - 50 | OIPR-15001/13/0076/2021



### ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ୨୦୨୦ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏକ ବିକଶିତ ଓଡ଼ିଶା ଓ ଅଗ୍ରଣୀ ଭାରତ ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ଆସନ୍ତୁ, ଆମେ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରିଚାଲିବା ।

କୋଭିଡ୍-୧୯ ନିୟନ୍ତ୍ରଣ ପାଇଁ ଆପଣମାନେ ସରକାରଙ୍କ କୋଭିଡ୍ ନିୟମାବଳୀ ପାଳନ କରନ୍ତୁ । ନିଜେ ସୁରକ୍ଷିତ ରୁହନ୍ତୁ ଏବଂ ସମସ୍ତଙ୍କୁ ସୁରକ୍ଷିତ ରଖିବା ପାଇଁ ସହଯୋଗ କରନ୍ତୁ ।

(ନବୀନ ପଟ୍ଟନାୟକ)

DADLS - 50 | OIPR-15001/13/0076/2021



### ପବିତ୍ର ସ୍ୱାଧୀନତା ଦିବସ ଅବସରରେ ବାର୍ତ୍ତା

ପବିତ୍ର ୭୪ତମ ସ୍ୱାଧୀନତା ଦିବସ ଅବସରରେ ମୁଁ ଓଡ଼ିଶାବାସୀ ସମସ୍ତ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଭାରତର ସ୍ୱାଧୀନତା, ଲକ୍ଷ ଲକ୍ଷ ସଂଗ୍ରାମୀମାନଙ୍କ ଆତ୍ମୋତ୍ସର୍ଗ, ଦେଶପ୍ରେମ ଓ ଅହିଂସା ଅସ୍ତ୍ରରେ ସମାହିତ ଚିରସ୍ମରଣୀୟ ଉପଲବ୍ଧି । ଆସନ୍ତୁ, ସ୍ୱାଧୀନତାର ମୂଲ୍ୟବୋଧକୁ ସ୍ମରଣ କରି ସେହି ସଂଗ୍ରାମୀମାନଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ କାର୍ଯ୍ୟ କରିବା । କରୋନାକୁ ହରାଇ ଏକ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ନିର୍ମାଣ କରିବାକୁ ସଂକଳ୍ପବଦ୍ଧ ହେବା ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS - 50 | OIPR-15001/13/0076/2021

DSPL-23

## ODISHA DEVELOPMENT AUTHORITIES (PLANNING AND BUILDING STANDARDS) RULES, 2020

### — VISION FOR TRANSFORMING TOWNS IN ODISHA —

- **Setting the Stage for Fully Automated Building Plan Approval System:**
  1. Rules made uniform for all Development Authorities
  2. Rules to eliminate multiplicity of standards

- **Proactive and People-centric Rules:**
  1. Relaxation in Setbacks
  2. FAR restriction removed for low-risk buildings
  3. 108 standard ready-made building plans made available to people for free
  4. Restriction on commencement of construction removed
  5. Obtaining occupancy certificate for low-risk buildings made easy
  6. Mixed use allowed to encourage commercial activities in residential zone
  7. Dependency on architects, technical persons & DAs reduced

- **Prioritizing Affordable Housing for MIG, LIG & EWS:**
  1. Relaxation in setbacks
  2. Relaxation in road width (access road)
  3. Relaxation in parking requirement
  4. Relaxation in building criteria
  5. 20% reservation of land for EWS & LIG made mandatory
  6. Rules brought in sync with amended Policy for Housing for All in Uban Areas, Odisha, 2015
  7. Extent of Govt. land proposed to be released is highest in the country for Affordable Housing in PPP mode

- **Promoting Real Estate:**
  1. Permissible limit of FAR enhanced to 7, which is the highest in the country, to encourage growth of high-rise buildings
  2. Setbacks reduced
  3. Minimum plot size restriction for apartments removed
  4. Up to 8 residential unit in one block not to be treated as apartment
  5. Creation of more parking space encouraged by exempting the stilt and basement from calculation of height
  6. Relaxation given for design flexibility
  7. Exemption given in open spaces
  8. Part Occupancy allowed
  9. Rules made RERA compliant

- **Enforcement made more Transparent & Time-bound:**
  1. Penalty for non-submission of stage-wise report
  2. Two-stage Third Party Inspection

- **Structural Stability & Fire Safety made Non-negotiable**

- **Embracing Eco-friendly & Resillient Infrastructure Development**



Shri Naveen Patnaik
Hon'ble Chief Minister of Odisha

Please visit www.urbanodisha.gov.in for details and the notification

**Housing & Urban Development Department, Govt. of Odisha**

@CMO.Odisha @CMO_Odisha

OIPR-13036/13/0002/2021




## କରୋନା ସଂକ୍ରମଣ ସ୍ଥିତି

(ଶୁକ୍ରବାର ରାତି ୯ଟା ସୁଦ୍ଧା)

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୧୧,୬୧,୦୭୬ | ୭,୫୯,୨୦୬ | ୧,୩୯,୮୧,୧୪୧ |
| ଭାରତ | ୨୫,୦୬,୨୪୭ | ୪୮,୮୮୮ | ୧୭,୭୦,୬୮୨ |
| ଓଡ଼ିଶା | ୫୪,୬୩୦ | ୩୨୪(+୫୩) | ୩୭,୯୦୧ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଜିଲାପାଳ ପଦକ୍ଷେପ ନିଅନ୍ତୁ: ହାଇକୋର୍ଟ

**କୋଭିଡ୍ କେୟାର ସେଣ୍ଟର ସ୍ଥାନାନ୍ତର ମାମଲା**

କଟକ ଅଫିସ,୧୪।୮

ପୁରୀ ଜିଲା କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ କେୟାର ସେଣ୍ଟର କରାଯାଇଛି। ଏହା ବିରୋଧରେ ରୁଜୁ ହୋଇଥିବା ମାମଲାର ଶୁଣାଣି କରି ହାଇକୋର୍ଟ ଆବେଦନକାରୀଙ୍କ ଦ୍ୱାରା ଦିଆଯାଇଥିବା ରିପ୍ରେଜେଣ୍ଟେସନ ଆଧାରରେ ପଦକ୍ଷେପ ନେବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ୧୫ ଦିନ ସମୟ ଦିଆଯାଇଛି। ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍ ଓ ବିଚାରପତି ବି.ଆର୍. ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। କୋଣାର୍କ ବାର୍ ଆସୋସିଏଶନ ରୁଜୁ କରିଥିବା ମାମଲାରେ ଦର୍ଶାଇଥିଲା ଯେ, କୋଣାର୍କ ହେଉଛି ବିଶ୍ୱ ଐତିହ୍ୟ ପର୍ଯ୍ୟଟନ ସ୍ଥଳ। ଏଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କେବଳ ସ୍ଥାନୀୟ ଲୋକେ ନୁହନ୍ତି, ବରଂ ପର୍ଯ୍ୟଟକମାନେ ମଧ୍ୟ ନିର୍ଭର କରନ୍ତି। ଜିଲା ପ୍ରଶାସନ ଏହାକୁ କୋଭିଡ୍ କେୟାର ସେଣ୍ଟର କରିବା ପରେ ସ୍ଥାନୀୟ ବାସିନ୍ଦା ଅଣକୋଭିଡ୍ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି କେନ୍ଦ୍ରକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ନିବେଦନ କରାଯାଇଛି।






# ପିଏମ୍‌ଜିଏସ୍‌ୱାଇ: ଚତୁର୍ଥ ଥର ଓଡ଼ିଶା ଅଗ୍ରଣୀ

- ୩ୟ ପର୍ଯ୍ୟାୟରେ ୯,୪୦୦ କି.ମି. ରାସ୍ତା ନିର୍ମାଣ ଲକ୍ଷ୍ୟ
- ଗୁଣାତ୍ମକମାନ, ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୪।୮(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) କାର୍ଯ୍ୟାନ୍ୱୟନରେ ଓଡ଼ିଶା ଚତୁର୍ଥଥର ପାଇଁ ଜାତୀୟସ୍ତରରେ ଅଗ୍ରଣୀ ରହିଛି। ୨୦୧୬-୧୭ରୁ ୨୦୧୯-୨୦ ପର୍ଯ୍ୟନ୍ତ ପିଏମ୍‌ଜିଏସ୍‌ୱାଇ କାର୍ଯ୍ୟକାରିତାରେ ରାଜ୍ୟ ଜାତୀୟସ୍ତରରେ ୧ନଂ. ସ୍ଥାନ ବଜାୟ ରଖିଛି। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଷ୍ଟାଣ୍ଡିଂ କମିଟି ବୈଠକରୁ ଏହା ଜଣାପଡ଼ିଛି। ରାଜ୍ୟ ଲୋକସେବା ଭବନରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଗ୍ରାମ ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଯୋଗଦେଇ ପିଏମ୍‌ଜିଏସ୍‌ୱାଇର ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ତଥ୍ୟ ସହ ୩ୟ ପର୍ଯ୍ୟାୟ ପାଇଁ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକର ବୈଷୟିକ ଦିଗ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ପିଏମ୍‌ଜିଏସ୍‌ୱାଇର ତୃତୀୟ ପର୍ଯ୍ୟାୟରେ ମୋଟ୍ ୯,୪୦୦ କି.ମି. ରାସ୍ତା ନିର୍ମାଣ ଲାଗି ନୀତିଗତ ନିଷ୍ପତ୍ତି ନିଆଯାଇଛି। ରାସ୍ତା ନିର୍ମାଣ ବେଳେ ଗୁଣାତ୍ମକମାନ ବଜାୟ ରଖିବା ସହ ଉପଯୁକ୍ତ ରକ୍ଷଣାବେକ୍ଷଣ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ଚଳିତ ଆର୍ଥିକ ବର୍ଷରୁ ୩ୟ ପର୍ଯ୍ୟାୟ ରାସ୍ତା ନିର୍ମାଣ ଆରମ୍ଭ ହେବ। ଏହାକୁ ୨୦୨୪-୨୫ ସୁଦ୍ଧା ସାରିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି।

ଅତିରିକ୍ତ ମୁଖ୍ୟ ଶାସନ ପ୍ରଦୀପ ଜେନା କହିଲେ, ଭୂ-କେନ୍ଦ୍ରିକ ମ୍ୟାପିଂ ମାଧ୍ୟମରେ ରାସ୍ତାଗୁଡ଼ିକର କ୍ରମାନ୍ୱୟ ତାଲିକା ପ୍ରସ୍ତୁତ କରାଯାଉଛି। ଗୋଟିଏ ରାସ୍ତା କେଉଁ କେଉଁ ଗ୍ରାମକୁ ସଂଯୋଗ କରିବ, ଏହାଦ୍ୱାରା କେତେ ଲୋକ ଉପକୃତ ହେବେ, ରାସ୍ତାଟି କେତେ ହସ୍ପିଟାଲ୍, ବିଦ୍ୟାଳୟ, ଗ୍ରାମୀଣ ବଜାର, ପର୍ଯ୍ୟଟନ ସ୍ଥଳୀକୁ ସଂଯୋଗ କରିବ ସେସବୁ ଦିଗକୁ ବିଚାରକୁ ନେଇ ରାସ୍ତା ନିର୍ମାଣର ଅଗ୍ରାଧିକାର ସ୍ଥିର କରାଯିବ। ତୃତୀୟ ପର୍ଯ୍ୟାୟ ନିମନ୍ତେ ପ୍ରଥମ ଦଫାରେ ୧୩ ଜିଲାର ୩୫୦୦ କି.ମି. ରାସ୍ତା ନିର୍ମାଣ ପାଇଁ ୫୧୮ ପ୍ରକଳ୍ପ ପ୍ରସ୍ତାବ ଅନୁମୋଦିତ ହୋଇଛି। ଅନୁଗୋଳ ଜିଲାର ୨୯, ବରଗଡ଼ର ୪୧, ବୌଦ୍ଧର ୧୨, ଦେଓଗଡ଼ର ୧୨, ଢେଙ୍କାନାଳର ୩୫, ଗଜପତିର ୪୧, ଝାରସୁଗୁଡ଼ାର ୨୬, କନ୍ଧମାଳର ୫୭, କେନ୍ଦୁଝରର ୫୨, କୋରାପୁଟର ୭୧, ରାୟଗଡ଼ାର ୪୬, ସୋନପୁରର ୨୮ ଏବଂ ସୁନ୍ଦରଗଡ଼ ଜିଲାର ୬୮ ପ୍ରକଳ୍ପ ପ୍ରସ୍ତାବ ଏହାର ଅନ୍ତର୍ଭୁକ୍ତ। ଏଥିଲାଗି ୨୨୦୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ଗ୍ରାମ ଉନ୍ନୟନ ବିଭାଗ ଇଞ୍ଜିନିୟର ଇନ୍ ଚିଫ୍ ଚନ୍ଦ୍ରମୌଳି ପଟ୍ଟନାୟକ କହିଛନ୍ତି। ଅବଶିଷ୍ଟ ୧୭ ଜିଲାର ୫,୯୦୦ କି.ମି. ରାସ୍ତା ନିମନ୍ତେ ପ୍ରକଳ୍ପ ପ୍ରସ୍ତାବ ସେପ୍ଟେମ୍ବର ସୁଦ୍ଧା ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତା ନିର୍ମାଣ ସମୟରେ ମୁଖ୍ୟରାସ୍ତାକୁ ନିକଟବର୍ତ୍ତୀ ଗ୍ରାମ ଓ ଅନୁଷ୍ଠାନ ସହ ସଂଯୋଗ କରିବା ନିମନ୍ତେ ଲିଙ୍କ୍ ରାସ୍ତା, ପୋଲ ନିର୍ମାଣ କରିବାକୁ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଏହି ଯୋଜନାରେ ରାସ୍ତା ଓ ପୋଲ ନିର୍ମାଣ ପାଇଁ କେନ୍ଦ୍ର ସରକାର ୬୦% ଏବଂ ରାଜ୍ୟ ସରକାର ୪୦% ଅର୍ଥ ଯୋଗାଇବେ।






## ମନେ ପଡ଼ନ୍ତି


**ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି**



ୱ ଅଶୋକ କୁମାର ପଣ୍ଡା
ନିର୍ବାହୀ ଅଧିକାରୀ, ଆସିକା ଏନ୍‌ଏସି
କଲେଜ ଛକ, ଫୁଲବାଣୀ
ଆବିର୍ଭାବ : ୨.୬.୧୯୬୪
ତିରୋଧାନ : ୪.୮.୨୦୨୦

ଜୀବଦଶାରେ "କର୍ମ ହିଁ ଧର୍ମ" ନିତିରେ ଅଟଳ ରହି ସମୟର ସ୍ରୋତରେ ସମସ୍ତଙ୍କୁ ପରକରି ଚାଲିଯିବାକୁ ମଧ୍ୟ ପଛଘୁଞ୍ଚା ଦେଲନାହିଁ । ଆପଣଙ୍କ ଏହି ନିତି ଆଦର୍ଶ ଲାଗି ଆଜି ଆମେ ଗର୍ବିତ । ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଆପଣଙ୍କ ଅମରଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ ।

- ଶୋକସନ୍ତପ୍ତ -
ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ

ଧ-୧୭୯୫୦

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ମନୋରଞ୍ଜନ ମଲ୍ଲିକ (ବିକି)
ଦାମୋଦରପୁର, ମଣପଡ଼ା, ବ୍ରହ୍ମଗିରି, ପୁରୀ
ଆବିର୍ଭାବ: ୧୧।୧୨।୧୯୯୪
ତିରୋଧାନ: ୧୫।୦୮।୨୦୧୩
ମାତା: ଜ୍ୟୋସ୍ନାରାଣୀ ମଲ୍ଲିକ
ପିତା: ମୂଷା ମଲ୍ଲିକ

ଚାହୁଁ ଚାହୁଁ ୭ବର୍ଷ ବିତିଗଲାଣି। ତୁ ଯେଉଁଠି ଥାଆ ଶାନ୍ତିରେ ଥାଆ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

:ଶୋକସନ୍ତପ୍ତ:
ତୋର ଠୁବି ଆଣ୍ଟି, ଅଙ୍କଲ ଏବଂ ଆତ୍ମୀୟସ୍ୱଜନ

ଧ-୧୭୯୫୯

ଏକାଦଶାହ ଉପଲକ୍ଷେ
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ୱନରହରି ଜେନା
ବିଶିଷ୍ଟ ସମାଜସେବୀ ତଥା କେ.ସି.ଜେନା ଏମ୍.ଇ. ସ୍କୁଲର ପ୍ରତିଷ୍ଠାତା ସମ୍ପାଦକ (ପୂର୍ବତନ)
ପିତା : ୱ ହୃଷିକେଶ ଜେନା
ତଳିହା ଜେନାସାହି, ରାମବାଗ, ଯାଜପୁର
ଆବିର୍ଭାବ :୧୫.୦୪.୧୯୩୦
ତିରୋଧାନ :୦୫.୦୮.୨୦୨୦

ଆପଣଙ୍କ ନୀତି, ଆଦର୍ଶ ଓ ପ୍ରେରଣା ଆମ୍ଭମାନଙ୍କ ଚିର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମା' ବିରଜାଙ୍କ ନିକଟରେ ପ୍ରାର୍ଥନା।

-: ଶୋକସନ୍ତପ୍ତ :-
ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ

ଧ-୧୭୯୬୦

# ଧରିତ୍ରୀ
DHARITRI






ମହାଯୋଗୀ ଶ୍ରୀଅରବିନ୍ଦଙ୍କ ପବିତ୍ର ଜନ୍ମଦିବସରେ ଧରିତ୍ରୀର ବିନମ୍ର ପ୍ରଣତି।

## ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଧରିତ୍ରୀ ତା'ର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଖବରଦାତା, ଏଜେଣ୍ଟ, ବିତରକ, ପୃଷ୍ଠପୋଷକମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

## ଧରିତ୍ରୀର ଛୁଟି

ସ୍ୱାଧୀନତା ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ୧୫ ତାରିଖ ଶନିବାର ବନ୍ଦ ରହିବ। ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ ସକାଳେ ପ୍ରକାଶ ପାଇବ।

## ଆଜିର ସମ୍ପାଦକୀୟ


ବାବୁଙ୍କୁ ବାସିନ୍ଦା ଅଧିକାର


# ପ୍ରଶାନ୍ତଙ୍କୁ ଦୋଷୀ କରାଗଲା

**ନୂଆଦିଲ୍ଲୀ,୧୪।୮(ପି.ଟି./ଆଇଏଏନ୍ଏସ୍)**

ନ୍ୟାୟପାଳିକା ଓ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେଙ୍କ ଉପରେ ଟୁଇଟ୍ କରିଥିବାରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କୁ ଅଦାଲତ ଅବମାନନା ମାମଲାରେ ସୁପ୍ରିମକୋର୍ଟ ଦୋଷୀ କରିଛନ୍ତି। ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ଗତ ୫ ତାରିଖରେ ପ୍ରଶାନ୍ତଙ୍କ ଓକିଲ ଦୁଷ୍ୟନ୍ତ ଡାଭେଙ୍କ ଦୃଢ଼



ଆଇନଜୀବୀ ପ୍ରଶାନ୍ତ ଭୂଷଣ

ଯୁକ୍ତି ପରେ ମାମଲାର ରାୟ ସଂରକ୍ଷିତ ରଖିଥିଲେ। ଖଣ୍ଡପୀଠ ଶୁକ୍ରବାର ନିଜ ରାୟରେ କହିଛନ୍ତି, ପ୍ରଶାନ୍ତ ଭୂଷଣଙ୍କ ଟୁଇଟ୍ ନ୍ୟାୟର ପ୍ରଶାସନ ପାଇଁ ବଦନାମ ଆଣିଛି। ଏହା ସାଧାରଣ ଜନତାଙ୍କ ନଜରରେ ସର୍ବୋଚ୍ଚ ଅଦାଲତ ବିଶେଷକରି ସିଜେଆଇଙ୍କ କାର୍ଯ୍ୟାଳୟର ଗରିମା ଓ ଅଧିକାରକୁ ନ୍ୟୂନ କରିବା ପାଇଁ ସକ୍ଷମ। ଏହି ମାମଲାରେ ଆସନ୍ତା ୨୦ ତାରିଖରେ ପ୍ରଶାନ୍ତଙ୍କ ବିରୋଧରେ ଦଣ୍ଡବିଧାନ ହେବ।

### ପ୍ରଥମ ଟୁଇଟ୍

ଆକ୍ଟିଭିଷ୍ଟ ତଥା ଆଇନଜୀବୀ ପ୍ରଶାନ୍ତ ଭୂଷଣ ଗତ ଜୁନ୍ ୨୭ରେ ଏକ ଟୁଇଟ୍ କରିଥିଲେ। ଏଥିରେ ସେ କହିଥିଲେ, ଭବିଷ୍ୟତରେ ଯେତେବେଳେ ଐତିହାସିକମାନେ ୬ ବର୍ଷ ପଛକୁ ଫେରି ଦେଖିବେ ଯେ ଭାରତରେ ବିନା କୌଣସି ଆନୁଷ୍ଠାନିକ ଜରୁରିକାଳୀନ ପରିସ୍ଥିତିରେ ଗଣତନ୍ତ୍ରକୁ ଧ୍ୱଂସ କରି ଦିଆଯାଇଛି, ସେତେବେଳେ ସେମାନେ ଏଥିରେ ନିର୍ଦ୍ଦିଷ୍ଟ ଭାବେ ସୁପ୍ରିମକୋର୍ଟ

## ଟୁଇଟ୍ କରିବାରୁ ଅଦାଲତ ଅବମାନନା ମାମଲା: ୨୦ରେ ଦଣ୍ଡବିଧାନ



Prashant Bhushan
@pbhushan1

When historians in future look back at the last 6 years to see how democracy has been destroyed in India even without a formal Emergency, they will particularly mark the role of the Supreme Court in this destruction, & more particularly the role of the last 4 CJIs

8:25 AM · 27/06/20 · Twitter for Android




ଏବଂ ବିଶେଷକରି ୪ ଜଣ ସିଜେଆଇଙ୍କ ଭୂମିକା ରହିଥିବା ଜାଣିବାକୁ ପାଇବେ।

### ଦ୍ୱିତୀୟ ଟୁଇଟ୍

ଏହାର ୨ ଦିନ ପରେ ଅର୍ଥାତ୍ ଜୁନ୍ ୨୯ରେ ପ୍ରଶାନ୍ତ ଭୂଷଣ ଦ୍ୱିତୀୟ ଟୁଇଟ୍ କରିଥିଲେ। ଏଥିରେ ସେ ଉଲ୍ଲେଖ କରିଥିଲେ, ସିଜେଆଇ ୫୦ ଲକ୍ଷ ଟଙ୍କାର ଏକ ମୋଟରସାଇକେଲ ଚଳାଉଛନ୍ତି। ନାଗପୁରସ୍ଥିତ ରାଜଭବନରେ ଜଣେ ଭାଜପା ନେତାଙ୍କ ବାଇକ୍‌ରେ ସିଜେଆଇ ବସିଥିବାବେଳେ ମାସ୍କ କିମ୍ବା ହେଲ୍‌ମେଟ୍ ପିନ୍ଧିନାହାନ୍ତି, ଯେତେବେଳେ କି ସେ ସୁପ୍ରିମକୋର୍ଟକୁ ☞ପୃଷ୍ଠା-୨

# କରୋନା ଯୋଦ୍ଧାଙ୍କ ନିକଟରେ ରାଷ୍ଟ୍ର ଋଣୀ



ଅଭିଭାଷଣ ଦେଉଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ।

**ନୂଆଦିଲ୍ଲୀ,୧୪।୮**

ମହାମାରୀ କରୋନା ସାରା ବିଶ୍ୱକୁ କବଳିତ କରିଛି। ଏହି ଭାଇରସ୍‌ର ମୁକାବିଲା ଲାଗି ଭାରତର ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀମାନେ ଯେପରି ଉଦ୍ୟମ ଚଳାଇଛନ୍ତି ତାହା ପ୍ରଶଂସନୀୟ। ଆଗଧାଡ଼ିର କରୋନା ଯୋଦ୍ଧାମାନଙ୍କ ନିକଟରେ ରାଷ୍ଟ୍ର ଋଣୀ ବୋଲି ୭୪ତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପ୍ରକାଶ କରିଛନ୍ତି।

ଟେଲିଭିଜନ ବାର୍ତ୍ତାରେ ଶୁକ୍ରବାର ଜାତି ଉଦ୍ଦେଶ୍ୟରେ ସମ୍ବୋଧିତ କରି ରାଷ୍ଟ୍ରପତି କୋବିନ୍ଦ ଅନେକ ସାମ୍ପ୍ରତିକ ପ୍ରସଙ୍ଗ ଉପରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, କରୋନା ଭୂତାଣୁ ଏକ ବଡ଼ ଚ୍ୟାଲେଞ୍ଜ ରୂପେ ଉଭା ହୋଇଥିବାବେଳେ ଏହାର ମୁକାବିଲା ପାଇଁ କେନ୍ଦ୍ର ସରକାର ସମୟୋଚିତ ଭାବେ ପ୍ରଭାବଶାଳୀ ଢଙ୍ଗରେ ପଦକ୍ଷେପ ନେଇଛନ୍ତି। ଭାରତ

## ୭୪ତମ ସ୍ୱାଧୀନତା ଦିବସ: ଜାତି ଉଦ୍ଦେଶ୍ୟରେ ରାଷ୍ଟ୍ରପତିଙ୍କ ବାର୍ତ୍ତା

- ଓଡ଼ିଶା ଓ ପଶ୍ଚିମବଙ୍ଗ ବାତ୍ୟା 'ଅମ୍ଫାନ୍' କୁ ସାମ୍ନା କରିଛି

ଭଳି ଏକ ଜନସଂଖ୍ୟା ବହୁଳ ବିସ୍ତୃତ ଓ ବିବିଧତାପୂର୍ଣ୍ଣ ଦେଶ ପାଇଁ ଏହି ଆହ୍ୱାନର ସମ୍ମୁଖୀନ ହେବା ସକାଶେ ବୃହତ ମାନବିକ ଉଦ୍ୟମ ଆବଶ୍ୟକ। ମହାମାରୀର ସ୍ଥାନୀୟ ସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେଇଛନ୍ତି। ସାଧାରଣ ଜନତା ମଧ୍ୟ ଏହାକୁ ସହୃଦୟେ ସମର୍ଥନ କରିଛନ୍ତି। ଆମର ପ୍ରତିଶ୍ରୁତିବଦ୍ଧ ଉଦ୍ୟମ ଯୋଗୁ ମହାମାରୀର ଭୟାବହତାକୁ ରୋକିବାରେ ସକ୍ଷମ ହୋଇପାରିଛୁ। ☞ପୃଷ୍ଠା-୨

# ସରକାରଙ୍କୁ ଆର୍‌ବିଆଇ ଦେବ ୫୭ ହଜାର କୋଟି

**ମୁମ୍ବାଇ,୧୪।୮**

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) କେନ୍ଦ୍ର ସରକାରଙ୍କୁ ୫୭ ହଜାର କୋଟି ଟଙ୍କାର ଲାଭାଂଶ ପ୍ରଦାନ କରିବ। ଏହି ପ୍ରସ୍ତାବକୁ ଶୁକ୍ରବାର କେନ୍ଦ୍ରୀୟ ବ୍ୟାଙ୍କ ବୋର୍ଡ ପକ୍ଷରୁ ମଞ୍ଜୁରୀ ମିଳିଥିବା ଜଣାପଡିଛି। ୨୦୨୦-୨୧ ଆକାଉଣ୍ଟିଂ ବର୍ଷ ଲାଗି ଆର୍‌ବିଆଇ ବଳକା ଅର୍ଥ ମଧ୍ୟରୁ ମୋଟ ୫୭,୧୨୮ କୋଟି ଟଙ୍କା ସରକାରଙ୍କୁ ଦେବ। କେନ୍ଦ୍ରୀୟ ବ୍ୟାଙ୍କ ଏହାର ଜରୁରିକାଳୀନ ପାଣ୍ଠିକୁ ୫.୫% ହାରରେ ରଖିବ ବୋଲି ନିଷ୍ପତ୍ତି ନେଇଥିବା ଶୁକ୍ରବାର କହିଛି। ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ବସିଥିବା ୫୮୪ତମ କେନ୍ଦ୍ରୀୟ ବୈଠକରେ ଏଭଳି ନିଷ୍ପତ୍ତି ହୋଇଛି।

ରିଜର୍ଭ ବ୍ୟାଙ୍କ ଏବଂ ଅନ୍ୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକଠାରୁ ପ୍ରାୟ ୬୦ ହଜାର କୋଟି ଟଙ୍କାର




- ମିଳିଲା କେନ୍ଦ୍ରୀୟ ବ୍ୟାଙ୍କ ବୋର୍ଡ ମଞ୍ଜୁରୀ
- ୫.୫%ରେ ରହିବ ଜରୁରୀ ପାଣ୍ଠି

ଲାଭାଂଶ ପାଇବା ନେଇ କେନ୍ଦ୍ର ସରକାର ବଜେଟରେ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଜୁନ୍ ସମୟରେ କେନ୍ଦ୍ର ସରକାରଙ୍କ ☞ପୃଷ୍ଠା-୨

# ଗାଁକୁ ଯାଇ ପାଠ ପଢ଼ାଇବେ ଶିକ୍ଷକ

## ଅନ୍‌ଲାଇନ ଶିକ୍ଷାର ବିକଳ୍ପ 'ଶିକ୍ଷା ସମ୍ପର୍କ' ଆଣିବେ ସରକାର

**ଭୁବନେଶ୍ୱର,୧୪।୮(ବ୍ୟୁରୋ)**

କରୋନା ସଂକ୍ରମଣ ଯୋଗୁ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଦୋହଲିଯାଇଛି। କେବେ ସ୍କୁଲ ଖୋଲିବ ଏବଂ ଶ୍ରେଣୀରେ ପାଠପଢ଼ା ସ୍ୱାଭାବିକ ହେବ ସେନେଇ ନିର୍ଦ୍ଦିଷ୍ଟ କହିହେଉନାହିଁ। ତେଣୁ ଅନ୍‌ଲାଇନ୍ ପାଠପଢ଼ାକୁ ଅଧିକାଂଶ ଶିକ୍ଷାନୁଷ୍ଠାନ ଆପଣାଇଛନ୍ତି। କିନ୍ତୁ ଏ କ୍ଷେତ୍ରରେ ସରକାରୀ ବିଦ୍ୟାଳୟଗୁଡିକ ଏକ ପ୍ରକାର ଫେଲ୍ ହୋଇଥିବା ଜଣାପଡିଛି। ରାଜ୍ୟର ମୋଟ ୬୦ ଲକ୍ଷ ପିଲାଙ୍କ ମଧ୍ୟରୁ ୨୨ ଲକ୍ଷ ଅନ୍‌ଲାଇନ ବ୍ୟବସ୍ଥାରେ ପଢ଼ିବାକୁ ସକ୍ଷମ ଥିବାବେଳେ ୪୦ଲକ୍ଷ ଏଥିରୁ ବଞ୍ଚିତ ଅଛନ୍ତି। ଏଥିସକାଶେ ଅନ୍‌ଲାଇନ ପାଠପଢ଼ାର ବିକଳ୍ପ ଚିନ୍ତା କରି ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ 'ଶିକ୍ଷା ସମ୍ପର୍କ' ଆରମ୍ଭ ହେବାକୁ ଯାଉଥିବା ଜଣାପଡିଛି। ଏହି ବ୍ୟବସ୍ଥା ଦ୍ୱାରା ଶିକ୍ଷକମାନେ ଗ୍ରାମାଞ୍ଚଳକୁ ଯାଇ ପିଲାମାନଙ୍କୁ ପାଠ ପଢ଼ାଇବେ। ଏଥିପାଇଁ ବିଭାଗୀୟ ବୈଠକ ଶେଷ ହୋଇସାରିଥିବା ବେଳେ ଆସନ୍ତା ସପ୍ତାହକ ମଧ୍ୟରେ ଘୋଷଣା ହେବ ବୋଲି ଜଣାପଡିଛି।

- ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସର୍ବାଧିକ ୧୦, ୯ମରୁ ୧୦ମ ଶ୍ରେଣୀ ସର୍ବାଧିକ ୨୫ ଛାତ୍ରୀଛାତ୍ରଙ୍କୁ ପଢ଼ାଯିବ
- ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ କ୍ଲାସ୍
- ଶନିବାର ପୂରା ସପ୍ତାହର ସମୀକ୍ଷା ହେବ
- ଶିକ୍ଷାଦାନସ୍ଥଳକୁ ଅଚାନକ ଗସ୍ତ କରିବେ ବିଇଓ, ସିଆର୍‌ସିସି
- ପାଠପଢ଼ା ବେଳର ଫଟୋ ଜିଓ-ଟ୍ୟାଗିଂ ହେବ

ସରକାର ଆରମ୍ଭ କରିବାକୁ ଯାଉଥିବା 'ଶିକ୍ଷା ସମ୍ପର୍କ' ଅନୁଯାୟୀ, ଶିକ୍ଷକମାନେ ଗାଁରେ ଯାଇ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ପଢ଼ାଇବେ। ଗୋଟିଏ ସ୍ଥାନରେ ସର୍ବାଧିକ ୧୦ଜଣ ପିଲାଙ୍କ ପାଠପଢ଼ା ହୋଇପାରିବ। ଗାଁର ଗୋଟିଏ ସ୍ଥାନ ଚୂଡ଼ାନ୍ତ କରାଯିବା ସହ ସବୁ କୋଭିଡ୍ ନିୟମ ମାନି ପାଠ ପଢ଼ାଯିବ। ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ପାଳି ଅନୁସାରେ ଗାଁକୁ ଯାଇ ପଢାଇବେ। ପ୍ରଧାନ ଶିକ୍ଷକ ଏ ସମସ୍ତ ବ୍ୟବସ୍ଥାର ତଦାରଖ କରିବେ। ପାଠପଢ଼ା ସ୍ଥାନରେ ଗହଳି ନ ହେବା ପ୍ରତି ଧ୍ୟାନ ଦିଆଯିବ। ଶିକ୍ଷକମାନେ ପିଲାମାନଙ୍କୁ ହୋମୱାର୍କ ଦେଇଆସିବେ ଏବଂ ପରଦିନ ସେସବୁକୁ ଠିକ୍‌ଭାବେ ଯାଞ୍ଚ କରିବେ। ଗାଁର କେଉଁଠାରେ ପାଠପଢ଼ା ଲାଗି ସ୍ଥାନ(କୋଠଘର, ପଞ୍ଚାୟତ ଅଫିସ, ଭାଗବତ ଟୁଙ୍ଗି) ଠିକ ହେବ ସେନେଇ ସରପଞ୍ଚଙ୍କ ସହ ଆଲୋଚନା କରାଯାଇ ସ୍ଥିର ହେବ। ସେହିପରି ୯ମରୁ ୧୦ଶ୍ରେଣୀ ପର୍ଯ୍ୟନ୍ତ ସର୍ବାଧିକ ୨୦ରୁ ୨୫ ପିଲାଙ୍କୁ ନେଇ ପାଠପଢ଼ା ହେବ। ସପ୍ତାହକୁ ଗୋଟିଏ ଥର ଅଭିଭାବକଙ୍କ ସହିତ ଶିକ୍ଷକମାନେ ଯୋଗାଯୋଗ କରି ସେମାନଙ୍କ ମତାମତ ନେବେ। ଯେଉଁ ପିଲାମାନେ ଗାଁରେ ପଢ଼ାହେବା ସ୍ଥାନକୁ ନ ☞ପୃଷ୍ଠା-୨

# କୋଠାବାଡ଼ି ନିୟମ କୋହଳ ହେଲା



## ସବୁ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପାଇଁ ଗୋଟିଏ ନିୟମ

- କମ୍ ଜାଗାରେ ନିର୍ମାଣ ହେବ ବହୁତଳ ଅଟ୍ଟାଳିକା
- ୪ ନୁହେଁ, ୮ ମହଲା କୋଠାକୁ ମିଳିବ ଆପାର୍ଟମେଣ୍ଟ ମାନ୍ୟତା
- ପ୍ରକଳ୍ପ ଅଧାରୁ ମିଳିବ ଅକୁପାନ୍ସି ସାର୍ଟିଫିକେଟ
- ଘରବାରି ଜମି ବିକ୍ରି ପ୍ରକଳ୍ପରେ ଗରିବଙ୍କ ପାଇଁ ୨୦% ସଂରକ୍ଷଣ

**ଭୁବନେଶ୍ୱର,୧୪।୮(ବ୍ୟୁରୋ)**

ସହରାଞ୍ଚଳରେ ଗୃହ ନିର୍ମାଣ କରିବା ସହଜ ହେବ। ରାଜ୍ୟ ସରକାର କୋଠାବାଡ଼ି ନିର୍ମାଣକୁ ନେଇ ଥିବା ନିୟମରେ କେତେକ ସଂଶୋଧନ ଆଣିଛନ୍ତି । ରାଜ୍ୟର ୯ଟି ଉନ୍ନୟନ କର୍ତ୍ତୃପକ୍ଷଙ୍କ ପାଇଁ ଗୋଟିଏ ପ୍ରକାର କୋଠାବାଡି ନିୟମ ପ୍ରଚଳନ କରାଯିବ। ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଞ୍ଚଳ ଅଧୀନରେ ଆସୁଥିବା ସମସ୍ତ ସହର ଓ ଗ୍ରାମାଞ୍ଚଳ ପାଇଁ ଓଡିଶା ଉନ୍ନୟନ କର୍ତ୍ତୃପକ୍ଷ (ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାର୍ଡ )ରୁଲ୍ସ -୨୦୨୦ କାର୍ଯ୍ୟକାରୀ ହେବ। ଶୁକ୍ରବାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଏ ନେଇ ସୂଚନା ଦେଇଛନ୍ତି ।

ସହରାଞ୍ଚଳରେ ବହୁତଳ ଅଟ୍ଟାଳିକା ନିର୍ମାଣକୁ ସହଜ କରିବା ପାଇଁ ନୂତନ ରେଗୁଲେଶନରେ ପୂର୍ବ ପ୍ରଚଳିତ କୋଠାବାଡି ନିୟମକୁ କୋହଳ କରାଯାଇଛି। ପୂର୍ବରୁ ୪ରୁ ଊର୍ଦ୍ଧ୍ୱ ଫ୍ଲାଟ ବିଶିଷ୍ଟ କୋଠାଘରକୁ ଆପାର୍ଟମେଣ୍ଟ କୁହାଯାଉଥିଲା। ଏବେ ୮ଟି ଫ୍ଲୋର ଥିବା କୋଠାକୁ ଆପାର୍ଟମେଣ୍ଟର ମାନ୍ୟତା ମିଳିବ। ପୂର୍ବରୁ ଫ୍ଲାଟ ସାଇଜ ୫୦୦ ବର୍ଗ ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**

ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବା ମାନବସେବାର ଶ୍ରେଷ୍ଠ ନିଦର୍ଶନ।
**-ହର୍ଷବର୍ଦ୍ଧନ୍, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ**




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



କୁନ୍‌ମୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨ ଦିନ ପ୍ରବଳ ବର୍ଷା

**ଭୁବନେଶ୍ୱର,୧୪।୮(ବ୍ୟୁରୋ)**

ଉତ୍ତର ଓଡ଼ିଶା ଓ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏଥିସହିତ ସମୁଦ୍ର ପତ୍ତନରୁ ୭.୬ କିମି ଉପର ଦକ୍ଷିଣ ପଶ୍ଚିମ ଦିଗରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଅଧିକ ସକ୍ରିୟ ହୋଇଛି। ଏଥିଯୋଗୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପୁରୀ, ଜଗତସିଂହପୁର, ସମ୍ବଲପୁର, ଅନୁଗୋଳ ଏବଂ ଦେବଗଡ଼ ଜିଲାର କେତେକ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷାଯୋଗୁ ଏହି ଜିଲାଗୁଡ଼ିକର ତଳିଆ ଅଞ୍ଚଳ ଜଳମଗ୍ନ ହେବା ସହ ମାଟିରାସ୍ତା, କଚ୍ଛାଘର ନଷ୍ଟ ହେବାର ସମ୍ଭାବନା ରହିଛି। କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଭଦ୍ରକ,

### ଲଘୁଚାପ

■ **କଣ୍ଟ୍ରୋଲ ରୁମ୍ ଖୋଲିବାକୁ ନିର୍ଦ୍ଦେଶ**

ଢେଙ୍କାନାଳ, ବୌଦ୍ଧ, ସୁବର୍ଣ୍ଣପୁର, ବରଗଡ଼, ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ଅତିପ୍ରବଳ ବର୍ଷା ସମ୍ଭାବନା ରହିଛି। କନ୍ଧମାଳ, କଳାହାଣ୍ଡି, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼, ମାଲକାନଗିରି, ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବ। ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟାକୁ ୪୫ରୁ ୫୫ କିମି ବେଗରେ ପବନ ବହିବାର ସମ୍ଭାବନା ଅଛି। ଏଥିପାଇଁ ମତ୍ସ୍ୟଜୀବୀଙ୍କୁ ସତର୍କ କରାଯାଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳମାନଙ୍କୁ ସତର୍କ କରାଯିବା ସହ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ୧୯୭୭ ନୂଆ ଆକ୍ରାନ୍ତ, ଖୋର୍ଦ୍ଧାରୁ ୩୩୨

**ଭୁବନେଶ୍ୱର, ୧୪।୮(ବ୍ୟୁରୋ)**

ରାଜ୍ୟର ସବୁଠୁ ସଚେତନ ତଥା ଶିକ୍ଷିତ ନାଗରିକ ରହୁଥିବା ଖୋର୍ଦ୍ଧା ଜିଲାରେ ସବୁ କଟକଣା ସତ୍ତ୍ୱେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ୨୪ ଘଣ୍ଟାରେ ୩୦ ଜିଲାରୁ ୧,୯୭୭ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧାରୁ ସର୍ବାଧିକ ୩୩୨ଜଣ ରହିଛନ୍ତି। ଗଞ୍ଜାମରେ ୨୮୦, ମୟୂରଭଞ୍ଜ ୧୨୦, ଭଦ୍ରକ ୧୧୮, କଟକ ୧୦୧, ଗଜପତି ୯୩, କୋରାପୁଟ ୯୦, ସୁନ୍ଦରଗଡ଼ ୮୮, ପୁରୀ ୮୩, ନୟାଗଡ଼ ୭୫, ରାୟଗଡ଼ା ୭୦, ଯାଜପୁର ୬୯, କନ୍ଧମାଳ ୬୦, ସମ୍ବଲପୁର ୫୯, ବାଲେଶ୍ୱର ୫୬, ମାଲକାନଗିରି ୫୨, କଳାହାଣ୍ଡି ୪୮, ଢେଙ୍କାନାଳ ୪୦, ଜଗତସିଂହପୁର ୩୪, ବରଗଡ଼ ୨୨, ନୂଆପଡ଼ା ୨୦, ନବରଙ୍ଗପୁର ୧୭, ଝାରସୁଗୁଡ଼ା ୧୧, କେନ୍ଦୁଝର ୧୦, ବଲାଙ୍ଗୀର ଓ ସୋନପୁରରେ ୭ଜଣ ଲେଖାଏ, କେନ୍ଦ୍ରାପଡ଼ା ୬, ବୌଦ୍ଧ ୫, ଦେବଗଡ଼ ଓ ଅନୁଗୋଳରେ ୨ଜଣ ଲେଖାଏ ନୂଆ ପଜିଟିଭ୍ ବାହାରିଛନ୍ତି। ଏଥିମଧ୍ୟରୁ ୧,୨୪୧ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୭୩୬ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୫୪,୬୩୦କୁ ବୃଦ୍ଧି ପାଇଛି। ମୋଟ ୮,୦୭,୮୨୬ କରୋନା ନମୁନା ପରୀକ୍ଷା ହୋଇଥିବାବେଳେ ଚିହ୍ନଟ ହୋଇଥିବା ପଜିଟିଭ୍ ସଂଖ୍ୟା ୬.୬୭% ରହିଛି। ଅନ୍ୟପକ୍ଷରେ ଆଉ ୧୦ଜଣଙ୍କ ଜୀବନ ନେଇଛି କରୋନା। ଏମାନଙ୍କ ମଧ୍ୟରୁ ଗଞ୍ଜାମରୁ ସର୍ବାଧିକ ୪ଜଣ ଥିବାବେଳେ ପୁରୀରୁ ୩, ସୁନ୍ଦରଗଡ଼, ସମ୍ବଲପୁର ଓ କଟକରୁ ଜଣେ ଲେଖାଏ ମୃତକ ରହିଛନ୍ତି। ଫଳରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୩୨୪ରେ ପହଞ୍ଚିଛି।

### ଆଉ ୧୦ ଜୀବନ ନେଲା କରୋନା

# ଆଇପିଏସ୍, ଓପିଏସ୍ ଅଫିସର ସ୍ତରରେ ବଦଳି

**ଭୁବନେଶ୍ୱର,୧୪।୮(ବ୍ୟୁରୋ)**

ଗୃହ ବିଭାଗ ଶୁକ୍ରବାର ୨ଜଣ ଆଇପିଏସ୍ ଏବଂ ୩ଜଣ ଓପିଏସ୍ ଅଧିକାରୀଙ୍କୁ ବଦଳି କରିଛି। ଇଓଡବ୍ଲ୍ୟୁରେ ଥିବା ୧୯୯୯ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ଘନଶ୍ୟାମ ଉପାଧ୍ୟାୟଙ୍କୁ ଭିଜିଲାନ୍ସ ଆଇଜି ଭାବେ ବଦଳି କରାଯାଇଛି। ଏସ୍‌ପି (କମ୍ପ୍ୟୁଟର) ସତୀଶ କୁମାର ଗଜଭିୟେଙ୍କୁ ବଦଳି କରାଯାଇ ଅର୍ବାନ ପୋଲିସ ଓ ଟ୍ରାଫିକ ତାଲିମ ପ୍ରତିଷ୍ଠାନର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ସେହିଭଳି ଟ୍ରାଫିକ ତାଲିମ ପ୍ରତିଷ୍ଠାନ ଅଧ୍ୟକ୍ଷ (ଭୁବନେଶ୍ୱର) ଥିବା ଓପିଏସ୍ ଅଧିକାରୀ ବିଜୟ କୁମାର ସାହୁଙ୍କୁ ୭ମ ବାଟାଲିୟନ କମାଣ୍ଡାଣ୍ଟ ଭାବେ ବଦଳି କରାଯାଇଛି। କଳାହାଣ୍ଡିର ଅତିରିକ୍ତ ଏସ୍‌ପି ଥିବା ଓପିଏସ୍ ଅଧିକାରୀ ମନୋଜ କୁମାର ମହନ୍ତଙ୍କୁ ଦେବଗଡ଼ ଏସ୍‌ପି ଇନ୍‌ଚାର୍ଜ ଭାବେ ବଦଳି କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଏଆଇଜି ଥିବା ଏସ୍.ସି. ଜମାଦାରଙ୍କର ପୂର୍ବରୁ ଦେବଗଡ଼ ଏସ୍‌ପି ଭାବେ ବଦଳି କରାଯାଇଥିଲା। ହେଲେ ତାଙ୍କର ବଦଳି ଅର୍ଡରକୁ ଗୃହ ବିଭାଗ ବାତିଲ କରିଛନ୍ତି। ତେଣୁ ସେ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଏଆଇଜି ଭାବେ କାର୍ଯ୍ୟ କରିବେ।

## ପ୍ରଥମ ପୃଷ୍ଠାରୁ...

### କୋଠାବାଡ଼ି ନିୟମ ...

ମିଟର ଥିବାବେଳେ ଏହି ନୂତନ ନିୟମରେ ତାହାକୁ କୋହଳ କରାଯାଇଛି। ଏଥିପାଇଁ ପ୍ଲଟ ସାଇଜର କୌଣସି ପ୍ରତିବନ୍ଧକ ରହିବ ନାହିଁ। ଏବେ ଘର ନିର୍ମାଣ କରିବା ପୂର୍ବରୁ କେବଳ ଟଙ୍କା ଦାଖଲ କରି ଅଣ୍ଡରଟେକିଂ ଦେଲେ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଅନୁମତି ମିଳିପାରିବ। ବାରମ୍ବାର ଅଫିସକୁ ଦୌଡିବାକୁ ପଡିବ ନାହିଁ। ଆଗରୁ ପୁରୁଣା ଘର ନବୀକରଣ କରିବା ପାଇଁ କର୍ତ୍ତୃପକ୍ଷଙ୍କ ଅନୁମତି ନେବାକୁ ପଡୁଥିଲା। ନୂତନ ନିୟମରେ ଅନୁମତି ନେବାକୁ ପଡିବ ନାହିଁ। ଫ୍ଲୋର ଏରିଆ ରେସିଓ(ଏଫଆରଏ)କୁ ୭ ଗୁଣା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି, ଯାହାକି ଦେଶରେ ସର୍ବାଧିକ। ଯେଉଁମାନେ ବହୁତଳ କୋଠା ନିର୍ମାଣ କରିବେ ସେମାନଙ୍କ ପାଇଁ ଆଗରୁ ଜମି ମୂଲ୍ୟର ୫୦ ଭାଗ ଦାଖଲ କରିବାକୁ ପଡୁଥିଲା। ନୂତନ ନିୟମରେ ଏହାକୁ ୨୫ ପ୍ରତିଶତକୁ କମାଇ ଦିଆଯାଇଛି। ଏହାଛଡା ବିଲ୍‌ଡରମାନେ ଜମି ମୂଲ୍ୟର ଏଫଆରଏ ଉପରେ ନିଆଯାଉଥିବା ଅର୍ଥକୁ କିସ୍ତି ଆକାରରେ ଜମା ଦେଇ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିପାରିବେ। ଏଥିପାଇଁ ୩ଟି କିସ୍ତି ବ୍ୟବସ୍ଥା କରାଯାଇଛି। ଆଗରୁ ଆପାର୍ଟମେଣ୍ଟ ନିର୍ମାଣ ଶେଷ ହେବା ପରେ ଅକୁପାନ୍ସି ସାର୍ଟିଫିକେଟ ଦିଆଯାଉଥିଲା। ମାତ୍ର ନୂତନ ନିୟମରେ ଯେତିକି ଘର ନିର୍ମାଣ ହେବ ସେତିକି ଘରକୁ ଅକୁପାନ୍ସି ସାର୍ଟିଫିକେଟ ପ୍ରଦାନ କରାଯିବ। ଆଗରୁ ଘର କରିବା ପାଇଁ ଗ୍ରାଉଣ୍ଡ କଭରେଜ ବ୍ୟବସ୍ଥା ନ ଥିଲା। ଏବେ ନୂଆ ନିୟମରେ ପରିବର୍ତ୍ତନ କରାଯାଇଛି। ୧୫ରୁ ୧୮ରୁ ମିଟର ଉଚ୍ଚ ଘର ନିର୍ମାଣ କଲେ ଡେଭେଲପରଙ୍କୁ ୫୦ ପ୍ରତିଶତ ଖାଲି ଜାଗା ଛାଡିବାକୁ ପଡିବ। ଏହାଠାରୁ ଅଧିକ ଉଚ୍ଚ କଲେ ୪୦ ପ୍ରତିଶତ ଖାଲି ଜାଗା ଛାଡିବାକୁ ହେବ। ଏହାକୁ ବାଧ୍ୟତାମୂଳକ କରାଯାଇଛି। ଗୃହଗୁଡିକର ସେଟ୍‌ବ୍ୟାକଗୁଡିକୁ ମଧ୍ୟ କୋହଳ କରାଯାଇଛି। କମ୍ ବିପଦ ଥିବା ଆପାର୍ଟମେଣ୍ଟଗୁଡିକ ପାଇଁ ସେଟ୍‌ବ୍ୟାକକୁ ସମ୍ପୂର୍ଣ୍ଣ ହଟାଇ ଦିଆଯାଇଛି। ଯେଉଁମାନେ ଶପିଂ ମଲ୍ ଏବଂ ମଲ୍ଟିପ୍ଲେକ୍ସ କରିବେ ତାଙ୍କୁ ପାର୍କିଂ ପାଇଁ ୫୦ ପ୍ରତିଶତ ଛାଡିବାକୁ ପଡିବ। ପୂର୍ବରୁ ଶପିଂମଲ, ମଲ୍ଟିପ୍ଲେକ୍ସ ପାଇଁ ୫୦ ପ୍ରତିଶତ ପାର୍କିଂ ସ୍ଥାନ ରଖିବାକୁ ନିୟମ କରାଯାଇଥିବା ବେଳେ ବ୍ୟବସାୟିକ କୋଠାବାଡି ପାଇଁ ୪୦ ଓ ଆବାସିକ ଗୃହ ପାଇଁ ୩୦ ପ୍ରତିଶତ ପାର୍କିଂ ବ୍ୟବସ୍ଥା ଥିଲା। ତେବେ ନୂତନ ନିୟମରେ ପାର୍କିଂ ଜାଗା ରଖିବା ସହିତ ଗୋଦାମ ପାଇଁ ୨୦ ପ୍ରତିଶତ ନିୟମ କରାଯାଇଛି। ପୂର୍ବରୁ ସମସ୍ତ ପ୍ରେକ୍ଷାଳୟ କିମ୍ବା ଆସେମ୍ବ୍ଲି ହଲ ପାଇଁ ଆଗରେ ୧୨ ପ୍ରତିଶତ ଖାଲି ସ୍ଥାନ ଛାଡିବାର ବ୍ୟବସ୍ଥା ଥିଲା। ଏବେ ୧୦୦୦ ବର୍ଗ ମିଟର ଆସେମ୍ବ୍ଲି ଗୃହ ପାଇଁ ଆଗରେ ୬ ମିଟର ଖାଲି ସ୍ଥାନ ଛାଡିବାକୁ ନିୟମ କରାଯାଇଛି। ଆର୍ଥିକ ଦୁର୍ବଳ ଶ୍ରେଣୀ କିମ୍ବା ନିମ୍ନ ଆୟ ବର୍ଗର ଲୋକଙ୍କ ପାଇଁ ଘରୋଇ-ସରକାରୀ ଭାଗୀଦାରିରେ ଗୃହ ନିର୍ମାଣ ପ୍ରକଳ୍ପ ପାଇଁ ୪୦ ପ୍ରତିଶତ ସୁଲଭ ଗୃହ ନିର୍ମାଣ କରିବା ବାଧ୍ୟତାମୂଳକ ଥିଲା ଏବେ ସେହି ପକଳ୍ପ ପାଇଁ ୬୦ ପ୍ରତିଶତ ସରକାରୀ ଜାଗା ମିଳିବ। ପୂର୍ବରୁ ଏହାର ଅନୁପାତ ୬୫:୩୫ ଥିଲା। ଏବେ ଏହାର ଅନୁପାତ ୬୦:୪୦ କରାଯାଇଛି। ସମଗ୍ର ଭାରତ ବର୍ଷରେ ଏହା ହେଉଛି ପ୍ରଥମ। ଘରବାରି ବିକ୍ରୟ ପ୍ରକଳ୍ପରେ ଆର୍ଥିକ ଦୁର୍ବଳ ଶ୍ରେଣୀ ଏବଂ ନିମ୍ନ ଆୟ ବର୍ଗର ଲୋକମାନଙ୍କ ପାଇଁ ୨୦ ପ୍ରତିଶତ ଜାଗା ସଂରକ୍ଷଣ ରଖିବାକୁ ବାଧ୍ୟତାମୂଳକ କରାଯାଇଛି। ସବୁଜ ବଳୟ ସୃଷ୍ଟି ଏବଂ ଖୋଲା ସ୍ଥାନ ଛାଡିବା ନେଇ ଏଥିରେ ଗୁରୁତ୍ୱ ଦିଆଯାଇଛି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବ୍ୟବସ୍ଥା କରାଯାଇଛି। ଏହି ନୂତନ ନିୟମରେ ତୃତୀୟ ପକ୍ଷ ଯାଞ୍ଚ ବ୍ୟବସ୍ଥା କରାଯାଇଛି। ନୂଆ ଆଇନ ଗୃହ ନିର୍ମାଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ମନ୍ତ୍ରୀ କହିଛନ୍ତି। ସାଧାରଣ ଲୋକ ଏବଂ ଆପାର୍ଟମେଣ୍ଟ ନିର୍ମାଣ କରୁଥିବା ସଂସ୍ଥାଗୁଡିକୁ ପ୍ଲାନ ଅନୁମୋଦନ ପାଇଁ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟକୁ ଆଉ ବାରମ୍ବାର ଦୌଡିବାକୁ ପଡିବ ନାହିଁ। ଏହା ଦ୍ୱାରା ରାଜ୍ୟରେ କୋଠାବାଡି ନିର୍ମାଣ କ୍ଷେତ୍ରରେ ଅଧିକରୁ ଅଧିକ ପୁଞ୍ଜି ନିବେଶ ହୋଇ ପାରିବ। ଏହାଦ୍ୱାରା ରିୟଲ ଇଷ୍ଟେଟ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ହୋଇପାରିବ। ସହରାଞ୍ଚଳରେ ବାସ କରୁଥିବା ସବୁ ବର୍ଗର ଲୋକଙ୍କ ପାଇଁ ଏହା ସହାୟକ ହୋଇପାରିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି।

#### ୯ ଉନ୍ନୟନ କର୍ତ୍ତୃପକ୍ଷ

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, କଟକ ଉନ୍ନୟନ କର୍ତ୍ତୃପକ୍ଷ, ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ତାଳଚେର-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ପାରାଦୀପ ଉନ୍ନୟନ କର୍ତ୍ତୃପକ୍ଷ

### ପ୍ରଶାନ୍ତଙ୍କୁ ଦୋଷୀ ...

ଲକ୍‌ଡାଉନ୍ କରି ନାଗରିକମାନଙ୍କୁ ସେମାନଙ୍କ ନ୍ୟାୟ ପାଇବାର ମୌଳିକ ଅଧିକାରରୁ ବଞ୍ଚିତ କରିଛନ୍ତି! ସିଜେଆଇ ହାର୍ଲେ ଡେଭିଡ୍‌ସନରେ ବସିଥିବା ଫଟୋକୁ ମଧ୍ୟ ପ୍ରଶାନ୍ତ ଭୂଷଣ ଉକ୍ତ ଟୁଇଟ୍‌ରେ ସଂଲଗ୍ନ କରିଥିଲେ। ଏହି ଟୁଇଟ୍‌କୁ ନେଇ ମଧ୍ୟପ୍ରଦେଶର ଆଇନଜୀବୀ ମହେକ୍ ମାହେଶ୍ୱରୀ ଜୁଲାଇ ୨ରେ ପ୍ରଶାନ୍ତ ଭୂଷଣଙ୍କ ବିରୋଧରେ ଏକ ଅବମାନନା ପିଟିଶନ ଦାଏର କରିଥିଲେ। ସୁପ୍ରିମକୋର୍ଟ ଉପରୋକ୍ତ ଦୁଇଟି ଟୁଇଟ୍‌କୁ ନେଇ ଜୁଲାଇ ୨୨ରେ ନିଜଆଡୁ ମାମଲା ରୁଜୁ କରି ପ୍ରଶାନ୍ତଙ୍କୁ ନୋଟିସ କରିଥିଲେ। ଏହାସହ ଅଗଷ୍ଟ ୫ ସୁଦ୍ଧା ଜବାବ ଦାଖଲ କରିବାକୁ ପ୍ରଶାନ୍ତ ଓ ଟୁଇଟରକୁ ନିର୍ଦ୍ଦେଶ ଦେଇଥିଲେ।

#### କ'ଣ ରଖିଥିଲେ ଜବାବ

ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ସହ ବି.ଆର୍. ଗଭାଇ ଏବଂ କ୍ରିଷ୍ଣା ମୁରାରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରୁଥିବାବେଳେ ପ୍ରଶାନ୍ତ ୧୪୨ ପୃଷ୍ଠା ସମ୍ବଳିତ ସତ୍ୟପାଠ ଦାଖଲ କରି ନିଜ ଜବାବ ରଖିଥିଲେ। ଏଥିରେ ସେ କହିଥିଲେ ଯେ, ତାଙ୍କ ଟୁଇଟ୍‌ଗୁଡ଼ିକ ଯଥାର୍ଥ ଏବଂ ସେଗୁଡ଼ିକୁ ଅଦାଲତ ଅବମାନନା ଭାବେ ବିଚାରକରାଯାଇ ପାରିବ ନାହିଁ। ସିଜେଆଇ ବୋବ୍‌ଡେ ବାଇକ୍‌ରେ ବସିଥିବା ବେଳ ଫଟୋର ଟୁଇଟ୍ ସ୍ଥିତିର ଅସଙ୍ଗତିକୁ ନେଇ ତାଙ୍କର ମନୋବ୍ୟଥାର ପରିପ୍ରକାଶ ପାଇଁ ଉଦ୍ଦିଷ୍ଟ ଥିଲା। ସେହିପରି ୪ ଜଣ ସିଜେଆଇଙ୍କ ଉପରେ ଟିପ୍ପଣୀ ତାଙ୍କର ସଦ୍ଭାବପୂର୍ଣ୍ଣ ବିଚାର ଥିଲା। ପ୍ରଶାନ୍ତଙ୍କ ମତରେ ସୁପ୍ରିମକୋର୍ଟ ଗଣତନ୍ତ୍ରର ବିନାଶ ପାଇଁ ଅନୁମତି ଦେଇଥିଲେ। ଏପରି ଅଭିବ୍ୟକ୍ତି ମୁଖର, ଅସହନୀୟ ବା କଡ଼ା ହୋଇପାରେ। ତେବେ ତାକୁ ଅବମାନନା ବୋଲି ବିବେଚନା କରାଯାଇ ପାରିବ ନାହିଁ ବୋଲି ସେ ଜବାବ ରଖିଥିଲେ। ଏଥିସହ ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳଙ୍କ ବିନା ସମ୍ମତିରେ ଉକ୍ତ ମାମଲାକୁ ତାଲିକାଭୁକ୍ତ କରିଥିବା ସେକ୍ରେଟାରି ଜେନେରାଲଙ୍କ କାର୍ଯ୍ୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଉକ୍ତ ପିଟିଶନରେ ପ୍ରଶାନ୍ତ ତାଙ୍କ ବିରୋଧରେ ଗଡୁଥିବା ୧୧ ବର୍ଷ ପୁରୁଣା ଅବମାନନା ମାମଲାର ଶୁଣାଣି ପାଇଁ ହଠାତ୍ ତାଲିକାଭୁକ୍ତ କରାଯିବା ନେଇ ମଧ୍ୟ ପ୍ରଶ୍ନ ଉଠାଇଥିଲେ। କାରଣ ଅଗଷ୍ଟ ୧୦ରେ ସୁପ୍ରିମକୋର୍ଟ ଯୋଗ୍ୟତା ଆଧାରରେ ମାମଲାର ଶୁଣାଣି ପାଇଁ ନିଷ୍ପତ୍ତି ନେଇଥିଲେ। ୨୦୦୯ରେ ପ୍ରଶାନ୍ତ ଭୂଷଣ ତେହେଲକା ମାଗାଜିନକୁ ସାକ୍ଷାତ୍‌କାର ଦେବାବେଳେ ନ୍ୟାୟପାଳିକାରେ ଚାଲିଥିବା ଦୁର୍ନୀତି ଉପରେ ମନ୍ତବ୍ୟ ଦେଇଥିଲେ, ଯାହାକୁ ନେଇ ଉକ୍ତ ମାମଲା ଦାଏର ହୋଇଥିଲା।

### କରୋନା ଯୋଦ୍ଧାଙ୍କ...

ଫଳରେ ବହୁ ଜୀବନ ରକ୍ଷା କରାଯାଇ ପାରିଛି । ୨୦୨୦ରେ ଅଦୃଶ୍ୟ ଭୂତାଣୁଠାରୁ ଭାରତ କେତେକ ବଡ଼ ଶିକ୍ଷା ପାଇଛି। ମଣିଷ ପ୍ରକୃତିର ଊର୍ଦ୍ଧ୍ୱରେ ଓ ଏହାକୁ ନିୟନ୍ତ୍ରଣ କରିବା କ୍ଷମତା ରଖିଛି ବୋଲି ଯେଉଁ ଧାରଣା ରହିଥିଲା ତାକୁ କରୋନା ଦୂର କରିଦେଇଛି। ଜଳବାୟୁ ପରିବର୍ତ୍ତନ ଭଳି ମହାମାରୀ ବିଶ୍ୱ ସମୁଦାୟକୁ ଜାଗ୍ରତ କରିଛି। ଦ୍ୱିତୀୟ ଶିକ୍ଷା ହେଉଛି ପ୍ରକୃତି ମା' ଆଗରେ ଆମେ ସମସ୍ତେ ସମାନ। କରୋନା ଭାଇରସ୍ ସମାଜ ଦ୍ୱାରା ସୃଷ୍ଟ କୌଣସି ମାନବକୃତ ବର୍ଗୀକରଣକୁ ସ୍ୱୀକୃତି ଦିଏନାହିଁ। ଆମେ ସମସ୍ତ ପ୍ରକାର କୃତ୍ରିମ ବୈଷମ୍ୟ, ପକ୍ଷପାତ ଓ ପ୍ରତିବନ୍ଧକରୁ ଊର୍ଦ୍ଧ୍ୱକୁ ଯିବା ଆବଶ୍ୟକ ବୋଲି ଥିବା ଧାରଣାକୁ ଏହା ଆହୁରି ମଜବୁତ କରିଛି। ସେହିପରି ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରାଯିବାକୁ ରାଷ୍ଟ୍ରପତି ତୃତୀୟ ଶିକ୍ଷା ଭାବେ ଅଭିହିତ କରିଛନ୍ତି। କୋଭିଡ୍-୧୯ ବିରୋଧୀ ଲଢ଼େଇରେ ହସ୍ପିଟାଲ ଓ ଲାବରେଟୋରିଗୁଡ଼ିକ ଅଗ୍ରଣୀ ଭୂମିକା ନେଇଛନ୍ତି। ଜନସ୍ୱାସ୍ଥ୍ୟ ସେବା ଗରିବମାନଙ୍କୁ ମହାମାରୀ ବିରୋଧରେ ଲଢ଼ିବା ପାଇଁ ସହାୟକ ହୋଇଛି। ତେଣୁ ଏହାକୁ ଆହୁରି ସୁଦୃଢ଼ ଓ ବ୍ୟାପକ କରାଯିବା ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି। କରୋନା ଭୂତାଣୁ ସଂକ୍ରମଣ ଯୋଗୁ ସ୍କୁଲ କଲେଜଗୁଡ଼ିକ ବନ୍ଦ ରହିଛି। ଏହି ଖରାପ ସମୟ ବେଶି ଦିନ ରହିବ ନାହିଁ। ତେଣୁ ଛାତ୍ରଛାତ୍ରୀମାନେ ସେମାନଙ୍କ ସ୍ୱପ୍ନ ପୂରଣ ପାଇଁ ଉଦ୍ୟମ ବନ୍ଦ କରନ୍ତୁ ନାହିଁ। ନୂଆ ଜାତୀୟ ଶିକ୍ଷାନୀତି (ଏନ୍‌ଇପି)ରେ ଏକ ଦୂରଦୃଷ୍ଟି ରହିଛି। ଏହାର ସୁଦୂରପ୍ରସାରୀ ଓ ଦୀର୍ଘକାଳୀନ ପ୍ରଭାବ ଭାରତୀୟ ଶିକ୍ଷା ବ୍ୟବସ୍ଥା ଉପରେ ପଡ଼ିବ। ଇତିମଧ୍ୟରେ ଆସିଥିବା ସାମୁଦ୍ରିକ ଝଡ଼ ଅମ୍ଫନକୁ ପଶ୍ଚିମବଙ୍ଗ ଓ ଓଡ଼ିଶାବାସୀ ଧୈର୍ଯ୍ୟର ସହ ସାମ୍ନା କରିଛନ୍ତି। ଚାଇନା ସହ ସୀମା ବିବାଦ ଲାଗିରହିଥିବାବେଳେ ରାଷ୍ଟ୍ରପତି ଭାରତର ଆଭିମୁଖ୍ୟକୁ ଦୋହରାଇଛନ୍ତି। ଆମର କେତେକ ପଡ଼ୋଶୀ ବିସ୍ତାରବାଦ ଦୁଃସାହସ ଦେଖାଇବାକୁ ଉଦ୍ୟମ କରିଛନ୍ତି। ଗଲୱାନ ଉପତ୍ୟକାରେ ଚାଇନା ସୈନ୍ୟଙ୍କ ସହ ସଂଘର୍ଷ ବେଳେ ଶହୀଦ ହୋଇଥିବା ଯବାନମାନଙ୍କୁ ସେ ଶ୍ରଦ୍ଧାଞ୍ଜଳି ଦେଇ ସେମାନଙ୍କୁ ଦେଶର ଗର୍ବ ବୋଲି ଅଭିହିତ କରିଛନ୍ତି। ଭାରତ ଶାନ୍ତିରେ ବିଶ୍ୱାସ କରେ, କିନ୍ତୁ କୌଣସି ପ୍ରକାର ଅତିକ୍ରମଣ ହେଲେ ମୁହଁତୋଡ଼ ଜବାବ ଦେବା ପାଇଁ ମଧ୍ୟ ପ୍ରସ୍ତୁତ ଥିବା ରାଷ୍ଟ୍ରପତି କହିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଆତ୍ମନିର୍ଭର' ଅଭିଯାନକୁ ମଧ୍ୟ ସେ ପ୍ରଶଂସା କରିଛନ୍ତି। ଭାରତର ଆତ୍ମନିର୍ଭରଶୀଳତା ବିଶ୍ୱଠାରୁ ଦୂରେଇ ନ ଯାଇ ସ୍ୱାବଲମ୍ବୀ ହେବା ବୋଲି ସେ କହିଛନ୍ତି ।

### ଗାଁକୁ ଯାଇ ପାଠ ...

ଆସିପାରିବେ ସେହି କ୍ଷେତ୍ରରେ ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅଡିଓ କଲ୍ କରାଯିବ। ଏହାସହ ସ୍କୁଲ ଲାଇବ୍ରେରୀରେ ଥିବା ବହିଗୁଡ଼ିକକୁ ମଧ୍ୟ ଶିକ୍ଷକମାନେ ଗାଁରେ ପଢାହେବା ସ୍ଥାନକୁ ଆଣି ଯୋଗାଇବା ଲାଗି ସ୍ଥିର କରାଯାଇଛି। 'ଶିକ୍ଷା ସମ୍ପର୍କ' ବ୍ୟବସ୍ଥାକୁ ଠିକଣା ଢଙ୍ଗରେ ପରିଚାଳନା ପାଇଁ ରାଜ୍ୟ ଏବଂ ଜିଲାସ୍ତରରେ କଣ୍ଟ୍ରୋଲ ରୁମ୍ ରହିବ। ଶିକ୍ଷକମାନେ ଗାଁର ଯେଉଁଠି ପାଠ ପଢ଼ାଇବେ ସେଠାରୁ ଫଟୋ ଉଠାଇ ଜିଓ-ଟ୍ୟାଗିଂ କରି ପଠାଇବେ। ପ୍ରଧାନ ଶିକ୍ଷକ ଏସବୁର ଦାୟିତ୍ୱ ତୁଲାଇବା ସହ ପ୍ରତ୍ୟେକ ଶନିବାର ସମୀକ୍ଷା କରିବେ। ବ୍ଲକ ଶିକ୍ଷା ଅଧିକାରୀ(ବିଇଓ), ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ (ସିଆର୍‌ସିସି) ଅଚାନକ ପାଠପଢ଼ା ସ୍ଥାନକୁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବେ। କେତେ ଗ୍ରାମରେ ପାଠପଢ଼ା ହେଲା, କେତେ ଛାତ୍ରୀଛାତ୍ର ଭାଗ ନେଇଛନ୍ତି ଏବଂ କେଉଁସବୁ ବିଷୟ କେତେ ସରିଲା ତାହାର ତଥ୍ୟ ସଂଗ୍ରହ କରାଯିବ। ଉପୁଜୁଥିବା ସମସ୍ୟାର ସମାଧାନ ପାଇଁ ହେଲ୍ପଲାଇନ ନମ୍ବର ରହିବ। ଯେଉଁ ଶିକ୍ଷୟିତ୍ରୀ, ଶିକ୍ଷକମାନେ କୋଭିଡ୍-୧୯ ଦାୟିତ୍ୱରେ ରହିଛନ୍ତି ସେମାନଙ୍କୁ କୌଣସି ଦାୟିତ୍ୱ ଦିଆଯିବ ନାହିଁ। ଏଭଳି ଅନେକ ନିୟମ କରାଯାଇଥିବାବେଳେ ଆହୁରି ଦୁଇଟି ପ୍ରସ୍ତାବ ଏଥିରେ ଯୋଡ଼ାଯିବ ବୋଲି ଜଣାପଡିଛି। ଶିକ୍ଷକମାନେ ପାଠ ପଢ଼ାଇବାକୁ ଆସିବା ସମୟରେ ସେମାନଙ୍କ ସାନିଟାଇଜେଶନ ଲାଗି ଯାହା ଖର୍ଚ୍ଚ ହେବ ତାହା ସ୍କୁଲ ପାଣ୍ଠିରୁ ଦିଆଯିବ। ଏହାସହ ପରିବର୍ତ୍ତିତ କୋର୍ସ ଅନୁଯାୟୀ ପାଠ ପଢ଼ାଯିବ। ଏହି ନୂଆ ବ୍ୟବସ୍ଥା ଅଗଷ୍ଟ ଶେଷ ସୁଦ୍ଧା ଆରମ୍ଭ ହୋଇପାରେ ବୋଲି ଜଣାପଡ଼ିଛି। ହେଲେ ସହରାଞ୍ଚଳ ପିଲାଙ୍କ କ୍ଷେତ୍ରରେ ଏହି ବ୍ୟବସ୍ଥା ଲାଗୁ ହେବନାହିଁ। ଏହି କ୍ଷେତ୍ରରେ କ'ଣ କରାଯିବ ତାହାକୁ ନେଇ ସରକାର ବିଚାର କରିନାହାନ୍ତି। ସହରାଞ୍ଚଳ ପିଲାଙ୍କ ଲାଗି କିଛି ନୂଆ ବ୍ୟବସ୍ଥା ଆସିପାରେ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

### ସରକାରଙ୍କୁ ଆର୍‌ବିଆଇ ...

ବିତ୍ତୀୟ ନିଅଣ୍ଟ ୬.୬୨ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହା ରେକର୍ଡ ସ୍ତର ବୋଲି ଜଣାପଡିଛି। କରୋନା ଭାଇରସ୍ ଯୋଗୁ ରାଜସ୍ୱ ସଂଗ୍ରହ ଉପରେ ମଧ୍ୟ ପ୍ରଭାବ ପଡିଛି। ରାଜସ୍ୱ ସଂଗ୍ରହ ଲଗାତର ଖସୁଥିବା ବେଳେ କେନ୍ଦ୍ରୀୟ ବ୍ୟାଙ୍କର ଏହି ଅର୍ଥ ସରକାରଙ୍କ ଦରକାରରେ ଆସିବ। ବର୍ତ୍ତମାନ ରାଜସ୍ୱ କମିଥିବା ବେଳେ ସରକାରଙ୍କ ଖର୍ଚ୍ଚ ମଧ୍ୟ ବଢିଛି। ଏଭଳି ସ୍ଥିତିରେ ବିତ୍ତୀୟ ନିଅଣ୍ଟକୁ ଦେଖିଲେ ସରକାର ଅଧିକ ଅର୍ଥ ଆବଶ୍ୟକ କରୁଛନ୍ତି। ଆର୍‌ବିଆଇ ବୈଠକରେ ଇନୋଭେସନ ହବ୍ ସ୍ଥାପନ ନେଇ ରହିଥିବା ପ୍ରସ୍ତାବ ଉପରେ ଆଲୋଚନା କରାଯାଇଛି। ଆର୍‌ବିଆଇ ଆଇନ ୧୯୩୪ ମୁତାବକ ବଳକା ପାଣ୍ଠିକୁ କେନ୍ଦ୍ର ସରକାରଙ୍କୁ ପ୍ରଦାନ ନେଇ ନିୟମ ରହିଛି। କେନ୍ଦ୍ରୀୟ ବ୍ୟାଙ୍କ ଏହାର ପରିଚାଳନାରୁ କରୁଥିବା ଲାଭ ଆଧାରରେ ଏହି ଅର୍ଥ ପ୍ରଦାନ କରିଥାଏ। ଆର୍‌ବିଆଇ ସରକାରୀ ପ୍ରତିଭୂତି ବିକ୍ରି, ବ୍ୟାଙ୍କଗୁଡିକୁ ପ୍ରଦାନ କରୁଥିବା ଋଣ ଉପରେ ସୁଧ, ବଣ୍ଡରୁ ଆଦାୟ ହେଉଥିବା ସୁଧ ଏବଂ ଓପନ୍ ମାର୍କେଟ ପ୍ରିନ୍ସିପୁଲରୁ ଅର୍ଥ ଆଦାୟ କରିଥାଏ। କେନ୍ଦ୍ରୀୟ ବ୍ୟାଙ୍କ ଏହାର ପରିଚାଳନା ଖର୍ଚ୍ଚକୁ ବାଦ୍ ଦେଲା ପରେ ଯାହ ନିଜ ପାଖରେ ରହେ ତାକୁ ନେଟ୍ ଲାଭ ଭାବେ ବିବେଚିତ କରିଥାଏ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଭାଗ୍ୟସ୍ଥାନ ଏକାଧିକ ଗ୍ରହ ଦ୍ୱାରା ପ୍ରଭାବିତ ହୋଇଥିବାରୁ କର୍ମକ୍ଷେତ୍ରରେ ସୌଭାଗ୍ୟଜନକ ସଫଳତା ପାଇବେ। କିନ୍ତୁ ଦ୍ୱିଜା ନକ୍ଷତ୍ରକୁ କୌଣସି ସମସ୍ୟା ଭିତରେ ଛନ୍ଦି ହୋଇଯିବାକୁ ପଡିପାରେ। ଯାତ୍ରାରୁ ସୁଫଳ ପାଇବେ ଏବଂ ସାମାଜିକ ସ୍ଥିତି ସୁଦୃଢ ରହିବ। ଈର୍ଷାକରି ନିକଟ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ।

**ବୃଷ** – ତୃତୀୟାଧିପ ରାଶ୍ୟାଧିପଙ୍କ ସଂଯୋଗରୁ ସାହାଯ୍ୟ ଲାଭ କରି ଆଶ୍ୱସ୍ତି ଅନୁଭବ କରିବେ। ତଥାପି ଚେଷ୍ଟା କରୁଥିବା କାମଟି ପାଇଁ କଠିନ ଶ୍ରମ କରିବାକୁ ପଡିବ। କିନ୍ତୁ ବାଣିଜ୍ୟ,ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**ମିଥୁନ** – କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। ବ୍ୟବସାୟରେ କ୍ରମଶଃ ଉନ୍ନତି ପରିଲକ୍ଷିତ ହେବ। ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହେବାରୁ ସାମୟିକ ଖୁସୀ ରହିବେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ନିଜର ଗୃହସଜ୍ଜା ପ୍ରତି ଆଗ୍ରହ ବଢିପାରେ।

**କର୍କଟ** – ଭାଗ୍ୟଭାବରେ ମଙ୍ଗଳ ଆନୁଷ୍ଠାନିକ କାର୍ଯ୍ୟରେ ଦକ୍ଷତାବୃଦ୍ଧି ପୂର୍ବକ କାର୍ଯ୍ୟସିଦ୍ଧି ଓ ସମ୍ମାନିତ କରାଇବ। ଦୀର୍ଘଦିନରୁ ରହିଆସିଥିବା ସମସ୍ୟାଗୁଡିକ ସୁପ୍ତ ଅବସ୍ଥାରେ ରହିଯାଇପାରେ। କେତେକ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ପାରିବାରିକ ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିପାରନ୍ତି।

**ସିଂହ** – ବ୍ୟୟଭାବସ୍ଥ ଧନାଧିପ ଯୋଗୁ ଅଭାବ ଅନଟନ ମଧ୍ୟରେ ନିଜକୁ ଅଣନିଃଶ୍ୱାସୀ ମନେକରିବେ। ସରକାରୀ କାମରେ କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। କଚେରି ମାମଲାର ଶୁଣାଣିରେ ବିଳମ୍ବ ଅସ୍ଥିରତାକୁ ବଢାଇ ଦେଇପାରେ। ପ୍ରକାଶନ, ପ୍ରଶାସନ, ଏଜେନ୍ସି ଏବଂ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** – ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। କର୍ମକ୍ଷେତ୍ରରେ କଠିନ ପରିଶ୍ରମ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ବନ୍ଧୁସମ୍ପର୍କ, ଯାତ୍ରା ପାଇଁ ଦିନଟି ସ୍ୱାଭାବିକ ରହିବ।

**ତୁଳା** – ପାରସ୍ପରିକ ଉତ୍ତମ ବୁଝାମଣା ହେତୁ ପରିବାରରେ ସୁଖ ଶାନ୍ତି ରାଜୁତି କରିବ। କର୍ମକ୍ଷେତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ସଭାସମିତିରେ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ଆଇନ ଅଦାଲତରେ ଚିନ୍ତା ପ୍ରକଟ କରିପାରନ୍ତି।

**ବିଛା** – ଅଷ୍ଟମସ୍ଥ ରାହୁ ଯୁକ୍ତ ଚନ୍ଦ୍ର ଅପୂରଣୀୟ ଅଭିଳାଷକୁ ନେଇ ମାନସିକ ଅଶାନ୍ତି ସୃଷ୍ଟି କରିବ। ତଥାପି କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। ଶତ୍ରୁମାନେ ପାଖେଇ ଆସିବେ ସିନା କୌଣସି କ୍ଷତି କରିପାରିବେ ନାହିଁ। ଖର୍ଚ୍ଚର ଏକାଧିକ ଦିଗ ମନକୁ ବ୍ୟଥିତ କରିପାରେ।

**ଧନୁ** – ଭୁଲ୍ ବୁଝାମଣା କାରଣରୁ ନିଜର ଲୋକଟି ଆଉ ନ ପଚାରୁଥିବାରୁ ଦୁଃଖୀତ ରହିବେ। ନିଃସଙ୍ଗତା ଅନୁଭବପୂର୍ବକ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। କର୍ମକ୍ଷେତ୍ରରେ ମାପିଚୁପି ଚଳିଲେ କୌଣସି ଅସୁବିଧା ହେବନାହିଁ। ବନ୍ଧୁସମ୍ପର୍କ, ଯାତ୍ରା, ବ୍ୟବସାୟରୁ ସୁଫଳ ପାଇବେ।

**ମକର** – ଦୀର୍ଘଦିନରୁ ଅଟକି ରହିଥିବା କୌଣସି କାର୍ଯ୍ୟ ହଠାତ୍ ଆରମ୍ଭ କରିବାକୁ ମନସ୍ଥ କରିପାରନ୍ତି। ତୃତୀୟସ୍ଥ ମଙ୍ଗଳ ଯୋଗୁ ବନ୍ଧୁମାନେ ଠିକ ଖବର ଦେବାରେ ହେଳା କରିପାରନ୍ତି। ବ୍ୟବସାୟ, ଯୋଗାଯୋଗ, ପରିବହନ, ପ୍ରଶାସନ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** – ଯେତେ ପ୍ରକାରର ଉପାୟ ଅବଲମ୍ବନ କଲେ ମଧ୍ୟ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ। ଆପଣଙ୍କ ପରିସ୍ଥିତି ପ୍ରତି ପାଖ ପଡୋଶୀ ସହାନୁଭୂତି ପ୍ରଦର୍ଶନ କରିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପରିବାରରେ ବୁଝାମଣା ଠିକ୍ ରହିବ।

**ମୀନ** – ପରିସ୍ଥିତିକୁ ଲାଘବ କରିବା ସକାଶେ ପରିବାରରେ ହେଉ କିମ୍ବା ଅନ୍ୟାନ୍ୟ କ୍ଷେତ୍ରରେ ହେଉ ଭାବିଚିନ୍ତି କିଛି କହିବା ଭଲ ହେବ। ବହୁତଦିନରୁ ଦେହରେ ବସା ବାନ୍ଧିଥିବା ପୁରାତନ ରୋଗର ପୀଡା ବୃଦ୍ଧି ପାଇପାରେ। ପାଖପଡୋଶୀ ଏବଂ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡିକ ସଂପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ।

ସ୍ୱାଧୀନତା ଦିବସ, ଶ୍ରୀଅରବିନ୍ଦ ଜୟନ୍ତୀ, ଭାଦ୍ରବ କୃଷ୍ଣପକ୍ଷର ସର୍ବସମ୍ମତ କାଳୀୟଦଳନ ଏକାଦଶୀ ଶନିବାର, ମାସାନ୍ତ, ଶ୍ରୀମନ୍ଦିରରେ କାଳୀୟଦଳନ ବେଶ, ଧେନୁକାସୁର ବଧ ପ୍ରସ୍ତାବ, ଅଗଷ୍ଟ ୧୫ ତାରିଖ, ରାଶିନକ୍ଷତ୍ର- ଆରଦ୍ରା/ମିଥୁନ,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୯.୪୪ମି.ଗତେ ଘ.୦୧.୦୭ ମି. ମଧ୍ୟେ, ରାତ୍ରି ଘ.୦୮.୨୭ମି. ଗତେ ଘ.୧୦.୪୩ ମି. ମଧ୍ୟେ, ଘ.୧୨.୧୩ ମି. ଗତେ ଘ.୦୧.୪୪ମି. ମଧ୍ୟେ, ଘ.୦୨.୨୯ମି. ଗତେ ଘ.୦୪.୦୦ମି.ମଧ୍ୟେ ଅମୃତବେଳା। ସକାଳ ଘ.୦୮.୪୧ମି. ଗତେ ଘ.୧୦.୧୬ମି. ମଧ୍ୟେ ରାହୁକାଳ।


# classifieds

**Everyday**
**0674-2580101, 2549302**




**SALE**

**Earthquake proof 2BHK flat in Apartment of Avantika near Gokul Kunj Apartment of Rasulgarh GGP Pandra road for immediate sale. Contact: 9938095118, 8763935874 during office hour.** D-68100

Litigation free yellow zone plots at Nuagaon, Malipada near Sum Hospital, DAV School, Bhubaneswar. One time registration, 1700/-psqft. 7735768268. D-69328

**Bhubaneswar-Khordha NH side ରେ boundary wall road ସହିତ plot ମିଳୁଅଛି। 6372852525.** D-69124

4/5BHK Duplex with Gated Community at Balianta. Construction- 2200 @ 60-65lakhs/ 2600 @ 70-75lakhs. MPlanets: 9938219397/ 9861022055. D-17905

**Gharabari plot at Patia, Raghunathpur Padasahi, Baranga, duplex, flat Raghunathpur, Patia, Nakhara, Balianta, Bhubaneswar. 8917589179.** D-69135

3' boundary developed gharabari plot near Synergy College, Phulnakhara. 9937166932. D-69327

**Flats sale Jagannathdham Puri, cost 1250. lakhs with fully furnished Bhulaxmi Team. 7978230118, 9668060081.** D-69142

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**Plot sale near AIIMS Hospital, Bhubaneswar with 30' road. 9439206202.** D-69143

Urgent sale fully furnished Office, 9th Floor DLF, Patia. Whatsapp- 9437513333. D-17957

**ଭୁବନେଶ୍ୱର ନିକଟସ୍ଥ ପିତାପଲ୍ଲୀଛକରେ NH16କୁ ଲାଗି 30ft mainroad ଓ 25ft subroad ଥାଇ BDA ଅନ୍ତର୍ଭୁକ୍ତ ସ୍ଥିତିବାନ ପ୍ଲଟ୍ Electricity, ପାଚେରିସହ ମିଳୁଅଛି। 9090963952.** D-69141




Single Room, attached Toilet, Single/ Double Lady Tenant, Goutam Nagar. 7008598255. D-69425

3BHK flat 3Bedrooms, 3Toilets, 3Balcony, Parking near ITER College, main road, Bhubaneswar. 9437705858. D-67758




Newly open SPA centre full body massage, Rasulgarh, Bhubaneswar. 7846814019. D-59956

Get refreshment body massage by expert therapist contact for. 9556978408. D-69718

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭାଙ୍ଗିଲା ଡ୍ୟାମ୍‌: ୫୦୦ ଏକର ଜମି ଜଳମଗ୍ନ

ମାଲକାନଗିରି/ପଡିଆ/କୋରୁକୋଣ୍ଡା, ୧୪।୮ (ଡି.ଏନ୍‌.ଏ.)


ପାତ୍ରପୁଟ ଡ୍ୟାମ ଭାଙ୍ଗି ଜଳାର୍ଣ୍ଣବ ହୋଇଯାଇଥିବା ଅଞ୍ଚଳ।

- ବଢୁଛି ୮ ନଦୀର ଜଳସ୍ତର
- ପ୍ରଭାବିତ ଅଞ୍ଚଳ ଉପରେ ନଜର ରଖିଛି ଜିଲା ପ୍ରଶାସନ
- କଚ୍ଚା ଘର ଭାଙ୍ଗି ଲୋକେ କଷ୍ଟରେ ଚଳୁଛନ୍ତି

ମାଲକାନଗିରି ଜିଲାରେ ଗତ ୫ଦିନ ଧରି ଲଗାଣ ବର୍ଷା ଲାଗିରହିଛି। ମାଥିଲି ବ୍ଲକରେ ଡ୍ୟାମ ଭାଙ୍ଗି ୫୦୦ଏକର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି । ଜିଲାର ପୋଟେରୁ, କାଙ୍ଗୁରୁକୋଣ୍ଡା, ଏମ୍‌.ଭି.-୯୬, ନିଲିଗୁଡା, କନ୍ୟାଶ୍ରମ, କୋରୁକୋଣ୍ଡା, ତାର୍ଲାକୋଟା, ପାଙ୍ଗାମ ଆଦି ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। କାଙ୍ଗୁରୁକୋଣ୍ଡା ଓ ପୋଟେରୁ ନଦୀ ଉପରେ ଜଳସ୍ତର ବୃଦ୍ଧି ହେତୁ ବଜାରରେ ଅନେକ ଦୋକାନରେ ବର୍ଷାଜଳ ପ୍ରବେଶ କରିଥିବା ଜଣାପଡିଛି। ମାଲକାନଗିରିରୁ ମୋଟୁ, କଲିମେଲାରୁ ପଡିଆ, ମାଲକାନଗିରିରୁ ଜୟପୁର, ମାଲକାନଗିରିରୁ ବାଲିମେଲାକୁ ଯାତାୟାତ ବନ୍ଦ ରହିଛି। ମାଲକାନଗିରି-ବାଲିମେଲା ମୁଖ୍ୟ ରାସ୍ତାର ଏମଭି-୩୭ସ୍ଥିତ ପୋଲ ଉପରେ ୮ ଫୁଟ ଉପରେ ପାଣି ଚାଲୁଥିବା ବେଳେ କୋରୁକୋଣ୍ଡାରେ ୪ ଫୁଟ ପାଣି ଚାଲୁଥିବା ଦେଖିବାକୁ ମିଳିଛି। ମାଥିଲି ବ୍ଲକର ପାତ୍ରପୁଟ ଡ୍ୟାମ ଭାଙ୍ଗି ରାସ୍ତା ଧୋଇ ହୋଇଯାଇ ପ୍ରାୟ ୫୦୦ ଏକର ଚାଷଜମି ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଚମ୍ପାଝରଣ, ମିଲୁଗୁଡା ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ବର୍ଷାରେ ଅନେକ କଚ୍ଚାଘର ଭାଙ୍ଗି ଲୋକେ ପରିବାର ସହ କଷ୍ଟରେ ଚଳୁଛନ୍ତି। ପଡିଆ ବ୍ଲକ ୩ ଦିନ ଧରି ବାହ୍ୟଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇରହିଛି । ଚାଷଜମି ବର୍ଷା ଜଳରେ ବୁଡି ରହିଛି । ଫଳରେ ତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ଜରୁରିକାଳୀନ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି । ଜିଲା ପ୍ରଶାସନ ପ୍ରଭାବିତ ଅଞ୍ଚଳ ଉପରେ ନଜର ରଖିଛି। ଜିଲାପାଳ ମନୀଷ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ୭ଟିଯାକ ବ୍ଲକ ବିଡିଓ ଓ ତହସିଲଦାରମାନେ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯାଇ ଲୋକଙ୍କୁ ଉଦ୍ଧାର କରି ନିକଟସ୍ଥ ବିଦ୍ୟାଳୟ ଏବଂ ଆଶ୍ରୟସ୍ଥଳୀରେ ରଖି ସେମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦେଇଛନ୍ତି। ମାଲକାନଗିରି ସୁକୁମା ମୁଖ୍ୟ ରାସ୍ତା ସାବେରୀ ନଦୀ ପୋଲ ଉପରେ ୨ଫୁଟ ଜଳ ପ୍ରବାହିତ ହୋଇ ମାଲକାନଗିରି-ସୁକ୍‌ମା ଯାତାୟାତ ଠପ୍‌ ହୋଇଯାଇଛି। ବିପଦ ସଙ୍କୁଳ ଅଞ୍ଚଳର ଲୋକଙ୍କୁ ଉଚ୍ଚସ୍ଥାନକୁ ଚାଲିଯିବାକୁ ଜିଲା ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଉଛି। ଅନ୍ୟପକ୍ଷରେ ଆହୁରି ୩ ଦିନ ବର୍ଷା ହେବା ନେଇ ପାଣିପାଗ ବିଭାଗ ଘୋଷଣା କରିବା ପରେ ଲୋକେ ଚିନ୍ତାରେ ପଡିଛନ୍ତି।

## ସଂକ୍ଷେପରେ

### ଘରେ ରହି ଜାତୀୟ ସଙ୍ଗୀତ ଗାନ କରନ୍ତୁ: ଡିଆଇଜି

କୋରାପୁଟ,୧୪।୮ (ସ୍ୱ.ପ୍ର.)- ୭୪ତମ ସ୍ୱାଧୀନତା ଦିବସ ଦିନ ଶନିବାର କୋଭିଡ-୧୯ର ସମସ୍ତ ନିୟମ ପାଳନ କରି ଘରେ ରହି ଜାତୀୟ ସଙ୍ଗୀତ ଗାନ କରିବାକୁ ଶୁକ୍ରବାର ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସଫିନ ଅହମ୍ମଦ କେ। ସ୍ୱାଧୀନତା ଦିବସ ଅବସରରେ ଅବିଭକ୍ତ କୋରାପୁଟ ଜିଲାରେ ମାଓବାଦୀଙ୍କ କାର୍ଯ୍ୟକଳାପ ଉପରେ ପୋଲିସ କଡା ନଜର ରଖି ସୁରକ୍ଷା ନେଇ ପଦକ୍ଷେପ ଗ୍ରହଣ କରିଛି ବୋଲି ସେ କହିଛନ୍ତି। କୋରାପୁଟସ୍ଥିତ ପୋଲିସ ପଡିଆଠାରେ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ।

### ୫ କୁଇଣ୍ଟାଲ ଗଞ୍ଜେଇ ଜବତ ,୨ ଗିରଫ

ବୈପାରିଗୁଡା,୧୪।୮ (ଡି.ଏନ୍‌.ଏ.)- କୋରାପୁଟ ଜିଲା ବୈପାରିଗୁଡା ପୋଲିସ ଚଢାଉ କରି ଏକ ଭ୍ୟାନ (ଓଡି ୧୦ଇ ୨୫୮୫)ରୁ ୫ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭଗବାନ ଗୌଡ ଏବଂ ପ୍ରହ୍ଲାଦ ଖରା । ଉଭୟଙ୍କ ଘର ବୈପାରିଗୁଡା ଥାନା ଅନ୍ତର୍ଗତ ଜାମଯୋଡି ଗ୍ରାମରେ ବୋଲି ଥାନା ଅଧିକାରୀ ଅଂଶୁମାନ ଦ୍ୱିବେଦୀ କହିଛନ୍ତି। ଯାଞ୍ଚ ବେଳେ ମାଜିଷ୍ଟ୍ରେଟ୍‌ ଦାୟିତ୍ୱରେ ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ ଉପସ୍ଥିତ ଥିଲେ ।

### ରାୟଗଡ଼ା ଜିଲାରୁ ପୁଣି ୭୦ ସଂକ୍ରମିତ ଚିହ୍ନଟ

ରାୟଗଡ଼ା ଅଫିସ,୧୪।୮: ରାୟଗଡ଼ା ଜିଲାରୁ ଆଉ ୭୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରେ ରାୟଗଡ଼ା ସହରାଞ୍ଚଳରୁ ୧୫ଜଣ, ଗୁଣପୁର ସହରାଞ୍ଚଳରୁ ୧୧, ଗୁଣୁପୁର ଗ୍ରାମାଞ୍ଚଳରୁ ୧୧, ପଦ୍ମପୁରରୁ ୯, କାଶୀପୁରରୁ ୩, ରାମନାଗୁଡ଼ାରୁ ୧୫, ବିଷମକଟକରୁ ୧ ଏବଂ ମୁନିଗୁଡ଼ାରୁ ୫ ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରେ ୭ କରୋନା ଯୋଦ୍ଧା ରହିଥିବା ଜଣାପଡ଼ିଛି। କଣ୍ଟାକ୍ଟ ଟ୍ରେସିଂରୁ ୪୩ ଜଣ ଚିହ୍ନଟ ହୋଇଥିବାବେଳେ, ଆଇଏଲ୍‌ଆଇ(ଇନ୍‌ଫ୍ଲୁଏନ୍‌ଜ ଲାଇକ୍‌ ଇଲ୍‌ନେସ୍‌) ଏବଂ ସାରି(ସିଭିୟର ଆକ୍ୟୁଟ୍‌ ରେସ୍‌ପିରେଟୋରି ଇଲ୍‌ନେସ୍‌)ରେ ୪୦, ହୋମ୍‌ କ୍ୱାରାଣ୍ଟାଇନରେ ଥିବା ସମୟରେ ୭୦ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ୨ ଜଣଙ୍କ ଟ୍ରାଭେଲ୍‌ ହିଷ୍ଟ୍ରି ରହିଥିବା ଜଣାପଡ଼ିଛି। ଏଥିସହ ଜିଲାରେ ମୋଟ ପଜିଟିଭ ସଂଖ୍ୟା ୧୮୦୪ରେ ପହଞ୍ଚିଛି।

### ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍‌ ତାର

ଜୟପୁର,୧୪।୮(ନି. ପ୍ର.)-ଜୟପୁର ସହରର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍‌ ତାର ବିପଦସଙ୍କୁଳ ଅବସ୍ଥାରେ ରହିଛି । ବାରମ୍ବାର ଅଭିଯୋଗକଲେ ମଧ ବିଭାଗ ଗୁରୁତ୍ୱ ଦେଉନାହିଁ । ସହରର ବୈଦ୍ୟନାଥ ମନ୍ଦିର ରାସ୍ତାରେ ଯାଇଥିବା ବିଦ୍ୟୁତ୍‌ ତାର ଉପରେ ବରଗଛ ଡାଳ ଲମ୍ବିଛି। ସେହିପରି ନିକଟସ୍ଥ ପଞ୍ଚାନନ ମନ୍ଦିର ସମ୍ମୁଖରେ ଥିବା ବିଦ୍ୟୁତ୍‌ ଖୁଣ୍ଟ ମଧ କେତେବେଳେ ରୋଡ୍‌ ଉପରେ ପଡିଯିବ ସେନେଇ ସାହିବାସିନ୍ଦା ଚିନ୍ତାରେ ରହିଛନ୍ତି । ବାରମ୍ବାର ଦାବି କରିବା ପରେ ମଧ ବିଭାଗ ଗଛ କାଟୁନି କି ବିଦ୍ୟୁତ୍‌ ଖୁଣ୍ଟ ବଦଳାଉ ନାହିଁ । କୌଣସି ଦୁର୍ଘଟଣା ଘଟିଲେ ବିଭାଗ ଦାୟୀ ରହିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ଲୁଟ୍‌ର ଶିକାର ବ୍ୟକ୍ତି ହିଁ ମାଷ୍ଟରମାଇଣ୍ଡ

ରାୟଗଡ଼ା ଅଫିସ,୧୪।୮


ଜବତ ଟଙ୍କା ଓ ଗିରଫ ଅଭିଯୁକ୍ତ ।

- ଛୁରି ଦେଖାଇ ୨୪ ଲକ୍ଷ ଲୁଟ ଘଟଣା
- ୪ ଲୁଟେରା ଗିରଫ, ଟଙ୍କା ଜବତ

ରାୟଗଡ଼ା ଏଫ୍‌ସିଆଇ ତୁମ୍ବିଗୁଡ଼ା ଛକ ନିକଟରୁ ଛୁରି ଦେଖାଇ ୨୪ଲକ୍ଷ ଟଙ୍କା ଲୁଟ୍‌ ଘଟଣାର ପର୍ଦ୍ଦାଫାସ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତି ହିଁ ଏ ସବୁର ମାଷ୍ଟରମାଇଣ୍ଡ ବୋଲି ପୋଲିସ ସ୍ପଷ୍ଟ କରିଛି । ଏହି ଘଟଣାରେ ଟାଉନ ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସହ ୪ଜଣଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ପୋଲିସ ୨୩ଲକ୍ଷ ୯୯ହଜାର ୭୯୭ଟଙ୍କା ଜବତ କରିଥିବା ରାୟଗଡ଼ା ଏସ୍‌ପି ଶର୍ବଣା ବିବେକ ଏମ୍‌. ସୂଚନା ଦେଇଛନ୍ତି । ଗିରଫମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଗୁଡାରି ଥାନା ଅଞ୍ଚଳର ଅନିଲ୍‌ କୁମାର ଗରଡ଼ିଆ(୩୨), ସହଯୋଗୀ ବିବେକ ଗରଡ଼ିଆ(୨୨), ରାୟଗଡ଼ା ରେଭିନ୍ୟୁ କାଲୋନୀର ବାପି ମିଶାଲ(୨୮) ଏବଂ ସୁଧାଂଶୁ ମିଶାଲ(୨୦) । ପ୍ରକାଶଯେ, ଅର୍ଥ ସଂଗ୍ରହକାରୀ ସଂସ୍ଥା ସିଏମ୍‌ସି କର୍ମଚାରୀ ଅନିଲ ୧୦ ତାରିଖ ମଧ୍ୟାହ୍ନରେ ପ୍ରାୟ ୨୪ଲକ୍ଷ ଟଙ୍କା ସଂଗ୍ରହ କରି ବ୍ୟାଙ୍କରେ ଜମା କରିବାକୁ ଯାଉଥିଲେ। ତୁମ୍ବିଗୁଡ଼ାଠାରେ କିଛି ଦୁର୍ବୃତ୍ତ ତାଙ୍କୁ ଛୁରି ଦେଖାଇ ଟଙ୍କା ବ୍ୟାଗ୍‌ ଲୁଟି ନେଇଥିବା ଅନିଲ ଜଣାଇଥିଲେ। ସଂସ୍ଥାର ଅଧିକାରୀ ଜେ. ଈଶ୍ୱର ରାଓ ଲୁଟ୍‌ ବିଷୟରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ଗଠିତ ସ୍ୱତନ୍ତ୍ର ଟିମ୍‌ ତଦନ୍ତ ଚଳାଇଥିଲା। ଅନିଲ୍‌ ଏବଂ ୩ ସହଯୋଗୀ ଲୁଟ୍‌ ଯୋଜନା କରିଥିବା ଜଣାପଡ଼ିଥିଲା। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଏକ ବାଇକ୍‌(ଓଡି-୧୮ଏଫ୍‌-୭୫୧୮) ଜବତ କରିଥିବା ସୂଚନା ମିଳିଛି।

### ବିଷାକ୍ତ ଛତୁ ଖାଇ ୨ ଗୁରୁତର

ଝରିଗାଁ, ୧୪।୮(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଭାଲୁକୁନାଡି ପଞ୍ଚାୟତ ସରିଆପଡା ଗାଁର ଦୁଇ ଜଣ ବିଷାକ୍ତ ଛତୁ ଖାଇ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତରମାନେ ହେଲେ ଶୁକ୍ରୁ ସାନ୍ତା(୬୦) ଓ ହରି ସାନ୍ତା(୪୦)। ପ୍ରକାଶ ଯେ, ଶୁକ୍ରବାର ସକାଳେ ଶୁକ୍ରୁ ଓ ହରି ଭରୁଆମୁଣ୍ଡାସ୍ଥିତ ମକା ଜମିକୁ ସାର ପକାଇବାକୁ ଯାଇଥିଲେ। ସେଠାରେ ଛତୁ ସଂଗ୍ରହ ପରେ ରୋଷେଇ କରି ଖାଇଥିଲେ। ଏହାର କିଛି ସମୟ ପରେ ଉଭୟ ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ଖବର ପାଇ ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି।

# ଓଡ଼ିଆ ଭାଷାରେ 'ଥ୍ରୀଲର'

ଭୁବନେଶ୍ୱର (ବ୍ୟୁରୋ),୧୪।୮:

ମହାମାରୀ କରୋନା ଲାଗି ସିନେମା ହଲ୍‌ ବନ୍ଦ ଥିବାବେଳେ ବଲିଉଡ୍‌ ନିର୍ଦ୍ଦେଶକ ରାମ ଗୋପାଳ ବର୍ମାଙ୍କ ନିର୍ଦ୍ଦେଶିତ ତଥା ବହୁ ପ୍ରତୀକ୍ଷିତ ଫିଲ୍ମ 'ଥ୍ରୀଲର' ଶୁକ୍ରବାର ଡିଜିଟାଲ ପ୍ଲାଟ୍‌ଫର୍ମରେ ରିଲିଜ ହୋଇଛି। ଓଡ଼ିଶା ଜନ୍ମିତ ଅଭିନେତ୍ରୀ ଅପ୍‌ସରା ରାଣୀ ଏବଂ ମଡେଲ ରକ୍‌କାଛି ଏଥିରେ ନାୟିକା ଓ ନାୟକ ଭୂମିକାରେ ଅଭିନୟ କରିଥିବାବେଳେ ଫିଲ୍ମକୁ ନେଇ ଯେତିକି ଉତ୍ସାହ ରହିଛି ସେତିକି ବିବାଦ ମଧ୍ୟ ଦେଖିବାକୁ ମିଳିଛି। ହିନ୍ଦୁ ଏକତା ବାହିନୀ ପକ୍ଷରୁ ଫିଲ୍ମ ବିରୋଧରେ ଏତଲା ଦିଆଯିବା ସହ ନାୟିକାଙ୍କ ଅଙ୍ଗ ପ୍ରଦର୍ଶନ ଓଡ଼ିଶାର ସଂସ୍କୃତି, ପରମ୍ପରା ପ୍ରତି ଅପମାନ ବୋଲି କୁହାଯାଇଛି। ସେହିପରି ଫିଲ୍ମର ଟ୍ରେଲରକୁ ତୁରନ୍ତ ୟୁଟ୍ୟୁବ୍‌ରୁ ହଟାଇବାକୁ ଦାବି ହୋଇଛି। ଏଭଳି ସ୍ଥଳେ ଶୁକ୍ରବାର ରାତି ୯ଟାରେ rgvworldtheatre.com ଏବଂ shreyasET.com ଭଳି ଦୁଇଟି ଅନଲାଇନ୍‌ ପ୍ଲାଟଫର୍ମରେ ଥ୍ରୀଲର ଫିଲ୍ମ ରିଲିଜ ହୋଇଛି। ଓଡ଼ିଆ ସମେତ ମୋଟ ୯ଟି ଭାଷା ହିନ୍ଦୀ, ତେଲୁଗୁ, ତାମିଲ, କନ୍ନଡ଼, ମାଲୟାଲମ, ଭୋଜପୁରୀ ଏବଂ ଗୁଜରାଟିରେ ଦର୍ଶକ ଏହି ଫିଲ୍ମ ଦେଖିପାରିବେ। ଫିଲ୍ମ ରିଲିଜ ଅବସରରେ ଅପସରାଙ୍କ ସହ ରାମଗୋପାଳ ଏକ ଲାଇଭ୍‌ ଶୋ'ରେ ଥ୍ରୀଲରର ପ୍ରମୋଶନ କରିଥିବା ନେଇ ସୂଚନା ମିଳିଛି। 'ଥ୍ରୀଲର' ପାଇଁ ରାତାରାତି ଇଣ୍ଟରନେଟ୍‌ ସେନ୍‌ସେସନ୍‌ ପାଲଟିଥିବା ଅପ୍‌ସରା ରାମଗୋପାଳଙ୍କ ଆଗାମୀ ଫିଲ୍ମ 'ଡେରସ୍‌'ରେ ମଧ୍ୟ ନଜର ଆସିବେ। ଏହି ଫିଲ୍ମରେ ସେ ନୈନା ଗାଙ୍ଗୁଲିଙ୍କ ସହ ସମଲିଙ୍ଗୀ ଚରିତ୍ରରେ ଅଭିନୟ କରିବେ।


ରାମ ଗୋପାଳ ବର୍ମାଙ୍କ ସହ ଅପ୍‌ସରା ରାଣୀ।

## କୋରାପୁଟ: ପଜିଟିଭ ସଂଖ୍ୟା ୧୫ଶହ ଟପିଲା

କୋରାପୁଟ,୧୪।୮ (ସ୍ୱ.ପ୍ର.)

ଶୁକ୍ରବାର କୋରାପୁଟ ଜିଲାରୁ ୯୦ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ୫ କୋଭିଡ୍‌ ଯୋଦ୍ଧା ମଧ୍ୟ ରହିଥିବା ଜଣାପଡିଛି। ସେମାନଙ୍କ ମଧ୍ୟରେ ୪୧ ମହିଳା ଓ ୪୯ ପୁରୁଷ ଅଛନ୍ତି। ଏହାକୁ ମିଶାଇ ଜିଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫୬୩ରେ ପହଞ୍ଚିଥିବା ଜିଲାପାଳ ମଧୁସୂଦନ ମିଶ୍ର କହିଛନ୍ତି। ଆକ୍ରାନ୍ତମାନଙ୍କ ମଧ୍ୟରୁ ଜଣେ ମାଲକାନାଗିରି ଫେରନ୍ତା, ଜଣେ ପୁରୀ ଜିଲା ଫେରନ୍ତା ରହିଛନ୍ତି। ଚିହ୍ନଟ ପଜିଟିଭଙ୍କ ମଧ୍ୟରେ ବନ୍ଧୁଗାଁ ବ୍ଲକରୁ ୫ ଜଣ, ଲମତାପୁଟ ବ୍ଲକରୁ ୨, ଜୟପୁର ବ୍ଲକରୁ ୫, ଜୟପୁର ମ୍ୟୁନିସିପାଲିଟିରୁ ୨୬, କୋରାପୁଟ ବ୍ଲକରୁ ୨, କୋରାପୁଟ ମ୍ୟୁନିସିପାଲିଟିରୁ ୨, କୋଟପାଡ ବ୍ଲକରୁ ୮, ଲକ୍ଷ୍ମୀପୁର ବ୍ଲକରୁ ୮, ନାରାୟଣପାଟଣା ବ୍ଲକରୁ ୨୫, ନନ୍ଦପୁର ବ୍ଲକରୁ ୩, ପଟ୍ଟାଙ୍ଗି ବ୍ଲକରୁ ଜଣେ ଓ ସେମିଳିଗୁଡା ବ୍ଲକରୁ ୩ ଜଣ ପଜିଟିଭ ରହିଛନ୍ତି। ସୂଚନାଯୋଗ୍ୟ ଯେ, ଜିଲାରୁ ବୁଧବାର ୭୭ ଜଣ ଏବଂ ଗୁରୁବାର ୯୭ ଜଣ ପଜିଟିଭ୍‌ ଚିହ୍ନଟ ହୋଇଛନ୍ତି।

# ସଙ୍ଗରୋଧରେ ଥିବା ବୃଦ୍ଧଙ୍କ ମୃତ୍ୟୁ

ଟିକିରି,୧୪।୮(ଡି.ଏନ୍‌.ଏ):

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ କୁଚେଇପଦରଠାରେ ସଙ୍ଗରୋଧରେ ଥିବା ଡି. କରଳ ଗ୍ରାମର ଜଣେ ବୃଦ୍ଧଙ୍କ ଶୁକ୍ରବାର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସେ ସପ୍ତାହେ ତଳେ ଜ୍ୱର ଏବଂ ଝାଡ଼ାରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ କୋରାପୁଟ ମେଡିକାଲ ନେଇ ଚିକିତ୍ସା କରାଯିବା ପରେ ସାମାନ୍ୟ ସୁସ୍ଥ ହୋଇଥିଲେ। କିନ୍ତୁ ତାଙ୍କ ଯତ୍ନ ନେଉଥିବା ସମ୍ପର୍କୀୟ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ତେଣୁ ଡାକ୍ତର ଔଷଧ ଲେଖିଦେଇ ବୃଦ୍ଧଙ୍କୁ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦେଇଥିଲେ। ପରେ ତାଙ୍କୁ କୁଚେଇପଦର ପ୍ରାଥମିକ ବିଦ୍ୟାଳୟରେ ସଙ୍ଗରୋଧରେ ରଖାଯାଇଥିଲା। ସେଠାରେ ଶୁକ୍ରବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଏ ନେଇ କୁଚେଇପଦର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଖଗେଶ୍ୱର ନାୟକ କହିଛନ୍ତି, ସରପଞ୍ଚଙ୍କ ପରାମର୍ଶରେ ବୃଦ୍ଧଙ୍କୁ ବିଦ୍ୟାଳୟରେ ରଖାଯାଇଥିଲା। ଅନ୍ୟପକ୍ଷରେ କାଶୀପୁର ବିଡିଓ ସୁଧାକର ରଇତ ପ୍ରତିକ୍ରିୟାରେ କହିଛନ୍ତି, କାଶୀପୁର ସଦରଠାରେ ଏକମାତ୍ର ଟିଏମ୍‌ସି ରହିଛି। କିନ୍ତୁ କୁଚେଇପଦର ସ୍କୁଲ ସଙ୍ଗରୋଧ କେନ୍ଦ୍ର ନୁହେଁ। ତେଣୁ ମୃତ୍ୟୁ ନେଇ କୌଣସି ସୂଚନା ନାହିଁ ବୋଲି ସେ କହିଛନ୍ତି।

# ୪ ମହିଳାଙ୍କ ସମେତ ୧୬ ମାଓବାଦୀଙ୍କ ଆତ୍ମସମର୍ପଣ

କୋରୁକୋଣ୍ଡା, ୧୪।୮(ଡି.ଏନ.ଏ.)

**ସୀମାନ୍ତରେ ଭୁଶୁଡୁଛି ଲାଲ ଦୁର୍ଗ**

ଛତିଶଗଡ଼ରେ ଭୁଶୁଡୁଛି ଲାଲ ସଙ୍ଗଠନ। ଏକକାଳୀନ ୧୬ ଜଣ ମାଓବାଦୀ ଗୁରୁବାର ଆତ୍ମସମର୍ପଣ କରିବା ପରେ ସଙ୍ଗଠନକୁ ଲାଗିଛି ଶକ୍ତ ଧକ୍କା। ସେମାନଙ୍କ ମଧ୍ୟରେ ଅଛନ୍ତି ୪ ମହିଳା ଏବଂ ୩ କମାଣ୍ଡର। ସମସ୍ତେ ପଶ୍ଚିମ ବସ୍ତର ଜିଲାର ବାସିନ୍ଦା ବୋଲି ଦାନ୍ତେୱାଡା ଏସ୍‌ପି ଅଭିଷେକ ପଲ୍ଲବ କହିଛନ୍ତି। ଏହି ମାଓବାଦୀମାନେ ରେଲୱେ ଟ୍ରାକ୍‌ ଉଡାଇଦେବା, ପଞ୍ଚାୟତ ପ୍ରତିନିଧିଙ୍କୁ ହତ୍ୟା ଭଳି ସଙ୍ଗିନ ମାମଲାରେ ଜଡିତ ଅଛନ୍ତି। ବିଭିନ୍ନ ଥାନାରେ ଏମାନଙ୍କ ନାମରେ ଏକାଧିକ ମାମଲା ରହିଛି। ଆତ୍ମ ସମର୍ପଣ କରିଥିବା ୩ କମାଣ୍ଡର ହେଲେ ରାଜେଶ ଭାସ୍କର(୨୬), ସହଦେବ ଓରଫ ସାଦେ(୩୦) ଓ ଭୀମା ତେଲାମ। ପ୍ରତ୍ୟେକ କମାଣ୍ଡରଙ୍କ ପାଇଁ ୧ଲକ୍ଷ ଲେଖାଏ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇ ସମସ୍ତ ମାଓବାଦୀଙ୍କୁ ଛତିଶଗଡ଼ ପୋଲିସ ପକ୍ଷରୁ ୧ ଲକ୍ଷ ଲେଖାଏ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେମାନଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁସାରେ ସମସ୍ତ ସହାୟତା ମିଳିବ ବୋଲି ଏସପି ପଲ୍ଲବ ପ୍ରକାଶ କରିଛନ୍ତି।


ଆତ୍ମସମର୍ପଣ କରିଥିବା ମାଓବାଦୀ ମାନଙ୍କ ସମ୍ପର୍କରେ ଦାନ୍ତେୱାଡ଼ା ଏସ୍‌ପି ସୂଚନା ଦେଉଛନ୍ତି ।



କର୍ମମାର୍ଗର ଭଲ ଦିଗଟି ହେଲା– ତା'ଭିତରେ ଭଗବାନଙ୍କ ସହିତ ଶତ୍ରୁତା ବି ଯଦି ହୁଏ– ତେବେ ସେହି ଶତ୍ରୁତା ମଧ୍ୟ ମୁକ୍ତିର ଉପାୟ ହୋଇଉଠେ। କେବେ କେବେ ଭଗବାନ ଆମକୁ ତାଙ୍କ ପାଖକୁ ଟାଣି ନିଅନ୍ତି ଓ ଧରିରଖନ୍ତି – ସବୁଠାରୁ କ୍ଷିପ୍ର ଉପାୟଟି ଦ୍ୱାରା। ତା'ହେଲା – ସେ ଯେତେବେଳେ ଆମର ଦୁର୍ଦ୍ଦମ ଦୁର୍ଦ୍ଧର୍ଷ ଐକାନ୍ତିକ ଶତ୍ରୁ ହୋଇଉଠନ୍ତି। –**ଶ୍ରୀଅରବିନ୍ଦ**



# ବାବୁଙ୍କୁ ବାସିନ୍ଦା ଅଧିକାର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଜମ୍ମୁ–କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ହେବାର ୧୦ ମାସ ପରେ ସ୍ଥାନୀୟ ପ୍ରଶାସନ ଡୋମିସାଇଲ ସାର୍ଟିଫିକେଟ(ମୂଳ ବାସିନ୍ଦା ପ୍ରମାଣପତ୍ର) ଦେବା ଆରମ୍ଭ କରିଛି। ନୂଆ ନିୟମାନୁସାରେ ସ୍ଥାନୀୟ ଲୋକ ହୋଇ ନ ଥିଲେ ମଧ୍ୟ ଏହି ପ୍ରମାଣପତ୍ର ପାଇପାରିବେ। ବିହାରର ବରିଷ୍ଠ ଆଇଏଏସ୍ ଅଧିକାରୀ ନବୀନ କୁମାର ଚୌଧୁରୀ ଏହି କେନ୍ଦ୍ରଶାସିତ ଅଞ୍ଚଳରେ ମୂଳ ବାସିନ୍ଦା ଅଧିକାର ପାଇବାରେ ପ୍ରଥମ ପ୍ରଶାସକ ହୋଇପାରିଛନ୍ତି। ୧୯୯୪ ବ୍ୟାଚ୍‌ର ଜମ୍ମୁ–କଶ୍ମୀର କ୍ୟାଡର୍ ଅଧିକାରୀ ଚୌଧୁରୀ ଏବେ ଜମ୍ମୁ–କଶ୍ମୀର କୃଷି ଉତ୍ପାଦନ ବିଭାଗର ପ୍ରମୁଖ ସଚିବ ରହିଛନ୍ତି। ନିକଟରେ ଜମ୍ମୁ–କଶ୍ମୀରର ପୂର୍ବତନ ଲ୍ୟୁଟନାଣ୍ଟ ଗଭର୍ନର ଗିରିଶ ଚନ୍ଦ୍ର ମୁର୍ମୁ ଉଭୟ ସ୍ଥାନୀୟ ଓ ଅଣସ୍ଥାନୀୟ ଲୋକମାନଙ୍କୁ ଯଥାଶୀଘ୍ର ବାସିନ୍ଦା ପ୍ରମାଣପତ୍ର ଦେବା ଲାଗି ଅନ୍‌ଲାଇନରେ ଆବେଦନ ପ୍ରକ୍ରିୟା ଆରମ୍ଭ କରିଥିଲେ। ଚଳିତ ବର୍ଷର ପ୍ରାରମ୍ଭରେ ଗୃହ ବ୍ୟାପାର ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଥିଲେ ଯେ, ଯିଏ ଜମ୍ମୁ–କଶ୍ମୀରରେ ୧୫ ବର୍ଷ ବାସ କରୁଥିବେ କିମ୍ବା ଜମ୍ମୁ–କଶ୍ମୀରର କୌଣସି ଶିକ୍ଷାନୁଷ୍ଠାନରେ ୭ ବର୍ଷ ପଢିବା ସହ ଦଶମ କିମ୍ବା ଦ୍ୱାଦଶ ପରୀକ୍ଷା ଦେଇଥିବେ ସେମାନଙ୍କୁ ମୂଳ ବାସିନ୍ଦା ପ୍ରମାଣପତ୍ର ଦିଆଯିବ। କେନ୍ଦ୍ରର ଏଭଳି ଅଭିଯାନ ଦ୍ୱାରା କେନ୍ଦ୍ରଶାସିତ ଅଞ୍ଚଳରେ କେନ୍ଦ୍ର ସରକାରଙ୍କ ମନୋଭାବକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ଜମ୍ମୁ–କଶ୍ମୀରର ଜନସାଂଖ୍ୟିକ ତଥା ସାଂସ୍କୃତିକ ପରିଚୟ ପରିବର୍ତ୍ତନ କରିବାକୁ ଏହା ଏକ ପ୍ରୟାସ ବୋଲି କେତେକ ମତ ଦେଇଛନ୍ତି। ସୂତ୍ରରୁ ପ୍ରକାଶ ଯେ, କେନ୍ଦ୍ର ନିୟମ ପରିବର୍ତ୍ତନ କରିବା ପରଠାରୁ ୩୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ଅନ୍‌ଲାଇନରେ ମୂଳ ବାସିନ୍ଦା ପ୍ରମାଣପତ୍ର ପାଇସାରିଛନ୍ତି।

### ଅବସର ଧାରାରେ ବାଛବିଚାର

କୋଭିଡ୍ ମହାମାରୀ ରାଜ୍ୟଗୁଡିକୁ ସେମାନଙ୍କ ଅର୍ଥନୀତିକୁ ସୀମିତ କରିବାକୁ ବାଧ୍ୟ କରିଥିବାବେଳେ ତାମିଲନାଡୁ ସରକାର ବରିଷ୍ଠ ଅଧିକାରୀମାନଙ୍କ ପାଇଁ ଅବସରକାଳୀନ ଭତ୍ତା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆଇଏଏସ୍ ଅଫିସର୍ସ୍ ଆସୋସିଏଶନ ଓ ବରିଷ୍ଠ ପ୍ରଶାସକଙ୍କ ଆବେଦନକୁ ଭିତ୍ତି କରି ସରକାର ଅବସରପ୍ରାପ୍ତ ସମସ୍ତ ମୁଖ୍ୟ ସଚିବ ଓ ଅତିରିକ୍ତ ମୁଖ୍ୟ ସଚିବମାନଙ୍କୁ ମାସକୁ ଅଧିକ ୧୦,୦୦୦ ଟଙ୍କା ଚାକିରିକାଳୀନ ଭତ୍ତା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ବଳ ଅର୍ଥନୀତିରେ ଥିବା ଅନେକ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ସ୍ଥଗିତ ରଖିବା ସହ ପେନସନ ଗ୍ରାଣ୍ଟ ଦେବାକୁ ମନା କରିଥିବାବେଳେ ତାମିଲନାଡୁ ସରକାରଙ୍କ ଏଭଳି ପଦକ୍ଷେପ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ଅତ୍ୟଧିକ ପେନ୍‌ସନ ବୋଝର ସମ୍ମୁଖୀନ ନ ହେବା ପାଇଁ ପାଖାପାଖି ଦୁଇମାସ ତଳେ ସରକାର ବାବୁମାନଙ୍କ ଅବସର ବୟସ ୫୮ରୁ ୫୯କୁ ବୃଦ୍ଧି କରିଥିଲେ। ଖୁବ୍ ନିକଟରେ, ସରକାର ଅବସର ନେବାକୁ ଯାଉଥିବା ମୁଖ୍ୟ ଶାସନ ସଚିବ କେ.ଶାନମୁଗମଙ୍କ ଚାକିରିକାଳ ମଧ୍ୟ ତିନିମାସ ବୃଦ୍ଧି କରିଛନ୍ତି।

ସୂତ୍ରରୁ ଜଣାପଡିଛି ଯେ ୨୦୧୫ରେ ପଡ଼ୋଶୀ ରାଜ୍ୟ କର୍ନାଟକ ଜାରି କରିଥିବା ସମାନ ଧରଣର ନିର୍ଦ୍ଦେଶକୁ ଭିତ୍ତି କରି ତାମିଲନାଡୁ ସରକାର ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ସେତେବେଳେ କର୍ନାଟକ ସରକାର ଅବସର ନେଇଥିବା ମଖ୍ୟସଚିବ ଏବଂ ଅତିରିକ୍ତ ସଚିବ ସ୍ତରୀୟ ବାବୁମାନଙ୍କର ପେନ୍‌ସନ ଓ ଅନ୍ୟାନ୍ୟ ସୁବିଧା ଉପରେ ୬,୦୦୦ ଟଙ୍କାର ଚାକିରିକାଳୀନ ଭତ୍ତା ସହ ଟେଲିଫୋନ ଏବଂ ଚିକିତ୍ସା ଭତ୍ତାଦେବାକୁ ଅନୁମତି ଦେଇଥିଲେ।

### ଡାକ୍ତରରୁ ମୁଖ୍ୟ ସଚିବ

ମଣିପୁର ଜଣେ ଯୋଗ୍ୟ ଡାକ୍ତରଙ୍କୁ ନୂଆ ମୁଖ୍ୟ ଶାସନ ସଚିବ ଭାବେ ପାଇଛି। ଜେ. ସୁରେଶ ବାବୁ ଅବସର ନେବାପରେ ମଣିପୁର କ୍ୟାଡର୍‌ର ବରିଷ୍ଠ ଆଇଏଏସ୍ ଅଧିକାରୀ ରାଜେଶ କୁମାରଙ୍କୁ ନୂଆ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏହା ପୂର୍ବରୁ ସେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରହିଥିଲେ। ବାବୁ ମଧ୍ୟ ଜଣେ ଡାକ୍ତର ଥିଲେ ଓ ପରେ ସିଭିଲ୍ ସର୍ଭ୍ୟାଣ୍ଟ ହୋଇପାରିଥିଲେ। ମୁଖ୍ୟ ଶାସନ ସଚିବ ପଦରେ ମଣିପୁରର ଜଣେ ଯୋଗ୍ୟ ବାସିନ୍ଦାଙ୍କୁ ନିଯୁକ୍ତି ଦେବା ପାଇଁ ରାଜ୍ୟର ବହୁ ଛାତ୍ର ସଂଗଠନ ପକ୍ଷରୁ ଦାବି କରାଯିବା ପରେ କୁମାରଙ୍କୁ ନିଯୁକ୍ତି ଦିଆଯାଇଛି। ହେଲେ ୧୯୮୮ ବ୍ୟାଚର ଆଇଏଏସ୍ ଅଧିକାରୀ ଡ.କୁମାର ଏହାର ଅଧିକାରୀ ନୁହନ୍ତି ବୋଲି କଥା ଉଠୁଛି ଓ କୁମାରଙ୍କ ନିଯୁକ୍ତି ଘୋଷଣା କରାଗଲା ପରେ ଏବେ ବହୁ ସଂଗଠନ ଏହି ନିଷ୍ପତ୍ତିର ସମୀକ୍ଷା କରିବାକୁ ଦାବି କରୁଛନ୍ତି। ତେବେ ରାଜ୍ୟ ସରକାର ଏହି ଦାବି ଉପରେ କୌଣସି ଧ୍ୟାନ ଦେଇନାହାନ୍ତି। ଏହାସହ ସରକାର ଦେଇଥିବା 'ମୂଳ ସମୁଦାୟଙ୍କୁ ଅଧିକାରରୁ ବଞ୍ଚିତ କରାଯାଉଛି' ମନ୍ତବ୍ୟକୁ କେନ୍ଦ୍ର କରି ଛାତ୍ର ଅଶାନ୍ତି ମଧ୍ୟ ଦେଖାଦେଇଛି। ଛାତ୍ର ସମୁଦାୟର ମାନସିକତାରେ ପହଞ୍ଚିଥିବା ଆଘାତକୁ ଦୂର କରିବା ଲାଗି ପ୍ରଥମେ ନୂଆ ମୁଖ୍ୟ ଶାସନ ସଚିବ ଭାବେ ଡ. କୁମାରଙ୍କୁ ଏହାର ଚିକିତ୍ସା କରିବାକୁ ପଡିବ। ପ୍ରଶାସନିକ ଦାୟିତ୍ୱ ଭଲ ଭାବେ ନିର୍ବାହ କରିବା ସହ ଏହା ହିଁ ତାଙ୍କୁ କରିବାକୁ ହେବ।

Email: dilipcherian@gmail.com

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | | | | | E | | | | | | | 8 | 9 |
| 0 | 1 | | | | | | 5 | | | 4 | D | 2 | | A |
| | 9 | E | | | | 2 | 3 | | | 5 | | | | B |
| C | | 3 | | | | | 0 | 7 | A | | 8 | 5 | | |
| | 4 | | | 7 | | | 8 | | | | | | | D |
| | | | | E | | | 1 | 4 | | | | | | 3 |
| | | 0 | | | 5 | 7 | | A | 8 | 6 | | | | |
| | | | | | | | | | | C | | 9 | 2 | |
| | | A | 2 | | | | | E | | 9 | | 6 | | |
| B | 2 | 5 | | 4 | A | | | C | | | 3 | | | |
| 5 | | | 1 | | C | A | | | | | 9 | | 3 | 8 |
| | | | | | | | | | | | C | | 4 | |
| | E | | | | B | | | 3 | 4 | | | | | |
| 4 | 0 | | | | | | | | 7 | 2 | 5 | | A | C |
| 7 | 6 | | 8 | | | | 9 | 2 | | | 1 | D | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 6 | 7 | C | D | 8 | A | 4 | 0 | 2 | 1 | 9 | B | 3 | E |
| 9 | 4 | D | B | A | 3 | C | 2 | E | 5 | 8 | 7 | 6 | 0 | 1 |
| 0 | 8 | A | 4 | 6 | 1 | 5 | D | 3 | C | B | E | 9 | 7 | 2 |
| E | B | 2 | 5 | 9 | 0 | 1 | 6 | 7 | 3 | D | A | C | 4 | 8 |
| C | 3 | 1 | 7 | E | 2 | 9 | 8 | B | 4 | 0 | 6 | 5 | A | D |
| 8 | 5 | C | 3 | 4 | 7 | D | E | 2 | 9 | A | 1 | 0 | 6 | B |
| 6 | 2 | 9 | A | 0 | E | B | 1 | 5 | D | 4 | 3 | 7 | 8 | C |
| A | E | 0 | D | B | 5 | 7 | C | 9 | 8 | 6 | 2 | 3 | 1 | 4 |
| 7 | 1 | 3 | 8 | 2 | C | 6 | A | 4 | 0 | 5 | B | D | E | 9 |
| B | D | 4 | 6 | 1 | 9 | 0 | 3 | 8 | E | 7 | C | 2 | 5 | A |
| D | 7 | E | 0 | C | 6 | 3 | B | 1 | A | 2 | 4 | 8 | 9 | 5 |
| 2 | C | 6 | 9 | 8 | 4 | E | 5 | D | 1 | 3 | 0 | A | B | 7 |
| 4 | A | 5 | 1 | 3 | B | 8 | 7 | C | 6 | 9 | D | E | 2 | 0 |
| 1 | 9 | 8 | E | 7 | A | 2 | 0 | 6 | B | C | 5 | 4 | D | 3 |
| 3 | 0 | B | 2 | 5 | D | 4 | 9 | A | 7 | E | 8 | 1 | C | 6 |

ଗତକାଲିର ଉତ୍ତର



# ଅତିମାନସ: ପ୍ରତିଶ୍ରୁତି ନୁହେଁ ସତ୍ୟ

ଇଂ. ସୁବାସ ଚନ୍ଦ୍ର କର

'ମାନସ ହିଁ ମାନବ' ପରି 'ଅତିମାନସ ହିଁ ଅତିମାନବ'– ଶ୍ରୀଅରବିନ୍ଦଙ୍କର ଏହି ଶାଶ୍ୱତ ଉକ୍ତି ମାଧ୍ୟମରେ ଆମେ ଅନୁସନ୍ଧାନ କରିବା ଅତିମାନସ ଜଗତକୁ ଆମ ପ୍ରବେଶର ମାର୍ଗ। ଯାବତୀୟ ମାନସିକ ଯୋଜନା ଓ ତା'ର ସକଳ ସମ୍ଭାବନାର ସେପାରିରେ ବିଦ୍ୟମାନ ଅତିମାନସ। ମନୋଗତ ଦର୍ଶନ ବା ବର୍ଣ୍ଣନାର ଅପହଞ୍ଚ ମନୁଷ୍ୟ ମନର ଶିଖରସ୍ତରଗୁଡିକ ଯେପରି ପଶୁ ଅବଧାରଣାର ସୀମାତୀତ, ଠିକ୍ ସେହିପରି ଅତି ମାନସର ଗତି ସ୍ପନ୍ଦନଗୁଡିକ ମନୁଷ୍ୟର ସାଧାରଣ ମନୋଗତ ଅବଧାରଣାର ଅତୀତ। ସାଧାରଣ ମାନସଠାରୁ ଆରମ୍ଭ କରି ଅତିମାନସ ମଧ୍ୟରେ ଅନେକ ସ୍ତର ବା ସୋପାନ ବିରାଜମାନ। ଯଥା ଉଚ୍ଚତର ମନ, ଆଲୋକିତ ମନ, ବୋଧିମାନସ ଓ ଅତିମାନସ। ପ୍ରଭୁଙ୍କ ବିଚାରରେ ଅତିମାନସର ଅବତରଣ ପୂର୍ବରୁ ଅଧିମାନସର ଅବତରଣ ଅନିବାର୍ଯ୍ୟ, କାରଣ ଅଧିମାନସ ହିଁ ପ୍ରବେଶ ପଥ।

ଦଳବାନ୍ଧି ରହୁଥିବା ଗୋଟିଏ ମାଙ୍କଡ଼ର ଚେତନାର ପରିବର୍ତ୍ତନ ହୁଅନ୍ତେ ସେ ଦଳଛାଡ଼ି ରାତ୍ରିର ଅନ୍ଧକାରଭେଦୀ ସକଳ ବନ୍ଧନ ତେଜି ନୂତନ ଆତ୍ମହାର ଜଗତ ମଧ୍ୟକୁ ଯାଇ ମାନବ ଚେତନା ପ୍ରାପ୍ତ ହେଲା। ହେଲେ ଏବେ ବି ଦୁନିଆରେ ମାଙ୍କଡ଼ ଜାତି ସେଇମିତି ଗଛରେ ରହୁଛନ୍ତି, ଆଉ ମଣିଷ ଚନ୍ଦ୍ରରେ ଘର କଲାଣି। ଠିକ୍ ସେହିପରି ଏଯାବତ୍ ସୃଷ୍ଟିରେ ଶ୍ରେଷ୍ଠଜୀବ ବୋଲାଉଥିବା ମଣିଷ ସାମ୍ନାରେ ଅଧ୍ୟାତ୍ମ–ରୂପାନ୍ତରିତ ଅତିମାନବର ଆବିର୍ଭାବ କପୋଳକଳ୍ପିତ କାହାଣୀ ହେବନାହିଁ। ବରଂ ଏକ ବାସ୍ତବ ସତ୍ୟରେ ପରିଣତ ହେବ। ଏହା ଶ୍ରୀଅରବିନ୍ଦଙ୍କର ସ୍ପଷ୍ଟୋକ୍ତି।

ବିବର୍ତ୍ତନକ୍ରମରେ ମନ, ପ୍ରାଣ ଓ ଜଡ଼ ସ୍ୱୀୟ ପରମ ଉତ୍ସରୁ ବିଚ୍ୟୁତି ଓ ବିଚ୍ଛିନ୍ନ ହୋଇପଡ଼ିବାରୁ ପରମ ନିଶ୍ଚେତନାର ଆବିର୍ଭାବ ଘଟିଛି। ଆମର ମନ ହେଉଛି ଅତିମାନସର ଗୌଣରୂପ। ଜଡ଼ ବିବର୍ତ୍ତନର ଶ୍ରେଷ୍ଠରୂପ, ଜଡ଼ର ଆଧାର ପ୍ରସ୍ତୁତ ହୋଇଗଲେ ପ୍ରାଣ ଓ ମନର ଆବିର୍ଭାବ ଘଟେ। ଚେତନାର ଅଧିକ ବିକଶିତ ଏକ ସ୍ପନ୍ଦନକୁ ସ୍ୱୀକାର କରିବା ପାଇଁ ପ୍ରାଣର ଆଧାର ଉପଯୁକ୍ତ ହୋଇଗଲେ ମନର ଆବିର୍ଭାବ ହୁଏ। ଦେହଧାରୀ ମନୋମୟ ସତ୍ତା ପ୍ରସ୍ତୁତ ହେବା ସଙ୍ଗେ ସଙ୍ଗେ ଏସବୁ ସୋପାନରେ ବିଜ୍ଞାନମୟ ଭୂମିଯାଏ ମାନବ ଆରୋହଣ କରିପାରିବ ଏବଂ ଏକ ମୂର୍ତ୍ତିମନ୍ତ ଅତିମାନସ ଓ ଅଧ୍ୟାତ୍ମ ସତ୍ତାରେ ପରିଣତ ହୋଇପାରିବ। ପାର୍ଥିବ ବିବର୍ତ୍ତନ କ୍ଷେତ୍ରକୁ ଅଧିମାନସର ଅବତରଣ ଦ୍ୱାରା ନିଶ୍ଚେତନାର ସମ୍ପୂର୍ଣ୍ଣ ରୂପାନ୍ତର ସମ୍ଭବ ହେବ ନାହିଁ। ହୁଏତ ଏହାର ପ୍ରଭାବ ଦ୍ୱାରା ନିଶ୍ଚେତନ ବିଶ୍ୱ ସତ୍ୟ ଓ ବିଶ୍ୱ ଜ୍ଞାନରୂପେ ଆଲୋକିତ ହୋଇପାରେ। ତଥାପି ଆଧାରରେ ନିଶ୍ଚେତନା ରହିଥିବ। ଅତିମାନସ ଏହି ପାର୍ଥିବତା ମଧ୍ୟକୁ ଚିଦ୍ ବ୍ରହ୍ମର ସେହି ପରମ ଆଲୋକ ଓ ପରମ ବିଧାନ ବହନ କରିନେଇ ଆସିଲେ ହିଁ ସେହି ବିଧାନ ଓ ଆଲୋକସହ ଜଡ଼ଭୂମିସ୍ଥ ଏହି ନିଶ୍ଚେତନାକୁ ଭେଦକରି ତାକୁ ରୂପାନ୍ତରିତ କରିପାରିବ।



ବିବର୍ତ୍ତନର ଧୀର, ମନ୍ଥର ଓ ଅନିଶ୍ଚିତ ଗତିପଥ ଅନୁସରଣ କଲେ ସିଦ୍ଧି ପାଇଁ ବହୁ ଶତାବ୍ଦୀ ଓ ବହୁଯୁଗ ଲାଗିଯିବ, କିନ୍ତୁ ଅନ୍ତରର ଆଧ୍ୟାତ୍ମ ପୁରୁଷଙ୍କୁ ଉଦ୍‌ବୋଧିତ କରାଇ ସାଧକ ଆପଣାର ବିଜୟ ଯାତ୍ରାରେ ମାତ୍ର ଗୋଟିଏ ଜନ୍ମ ବା କେତୋଟି ମାତ୍ର ଜନ୍ମରେ ସିଦ୍ଧିଲାଭ କରିପାରେ। ଏହା ରୂପାନ୍ତରର ପଥ। ଶ୍ରୀଅରବିନ୍ଦଙ୍କ ଉକ୍ତିରେ– ' ଏହି ରୂପାନ୍ତର ମାନବ ଶକ୍ତିର ଅସୀମଗୁଣ ଶକ୍ତି ସହାୟତାରେ ସମ୍ଭବ।' ସଫଳତା ନିର୍ଭର କରେ ସମ୍ପୂର୍ଣ୍ଣ ସମର୍ପଣ ଉପରେ। କେବଳ ଚୈତ୍ୟ–ପରିବର୍ତ୍ତନଟି ପୂର୍ଣ୍ଣତା ଲାଭ କରିଥିଲେ ଓ ଚିନ୍ମୟ ରୂପାନ୍ତର ସିଦ୍ଧିର ଏକ ଅତ୍ୟୁଚ୍ଚ ସୋପାନକୁ ଉତ୍ତୀର୍ଣ୍ଣ ହୋଇସାରିଥିଲେ ହିଁ ପୂର୍ଣ୍ଣାଙ୍ଗ ସମର୍ପଣ ସମ୍ଭବ ହୋଇପାରିବ।

ପାହାଚ ପରେ ପାହାଚ ଚଢ଼ି ଉପରକୁ ଉଠିବାର ଓ ଅଧ୍ୟାତ୍ମ ଭାବାପନ୍ନ ମନସ୍ତରରୁ ଅତିମାନସ ସ୍ତରଯାଏ ବାଟ ଦେଖାଇବା କ୍ରମୋଚ୍ଚ ପର୍ଯ୍ୟାୟର ଉନ୍ମୋଚନର ଆବଶ୍ୟକତା ରହିଛି। ଶେଷ ପର୍ବର ପଥଟି ଏପରି ତୀଖ ହୋଇ ଉଠିଛି ଯେ, ପାବଚ୍ଛ ପରେ ପାବଚ୍ଛ ନ ଥିଲେ ଏଠାକୁ ଉଠିପାରିବା ସମ୍ଭବ ହୋଇ ନ ଥାନ୍ତା। ପ୍ରଥମ ସୋପାନରେ ଆମେ ଦେଖୁ ଉଚ୍ଚତ୍ତର ମନକୁ। ଏହାର ଯାବତୀୟ ସାମର୍ଥ୍ୟ ଆସିଥାଏ ଅଧିମାନସରୁ କିନ୍ତୁ ବାସ୍ତବରେ ଅତିମାନସ ହିଁ ଏହାର ମୂଳଉତ୍ସ। ଆଲୋକ ଓ ଜ୍ଞାନର ସାମର୍ଥ୍ୟ ଦ୍ୱାରା ଅନ୍ଧକାର ବା ଅଜ୍ଞାନର ସାମର୍ଥ୍ୟଗୁଡିକୁ ପରାଭୂତ କରିବାକୁ ପଡ଼ିବ। ପ୍ରକୃତି ମଧ୍ୟସ୍ଥ ପ୍ରତିରୋଧୀ ଶକ୍ତିଗୁଡିକ ପ୍ରତିବନ୍ଧକ ସାଜନ୍ତି। ଏଇଠାରେ ପ୍ରଥମ ଆଧ୍ୟାତ୍ମିକ ରୂପାନ୍ତର ପାଇଁ ଏକ ଉଚ୍ଚତର ଆରୋହଣ, ଉଚ୍ଚତର ଶକ୍ତିର ଏକ ଶକ୍ତିଶାଳୀ ଅବତରଣ ପାଇଁ ଅଧିକ ସାମର୍ଥ୍ୟ ସଞ୍ଚାର କରାଏ। ଚେତନା ଓ ବିଜ୍ଞାନମୟତାର ଏକ ଉଚ୍ଚତର ଶକ୍ତିରେ ଶକ୍ତିର ପୂର୍ଣ୍ଣୋପଲବ୍ଧି ଲାଗି ଆବଶ୍ୟକୀୟ କ୍ଷେତ୍ର ପ୍ରସ୍ତୁତ କରିଥାଏ। 'ଏହି କ୍ଷେତ୍ର ଅଧ୍ୟାତ୍ମଯୋଗୀ ଓ ମନସ୍ୱୀ ବିଚାରାନ୍ୱେଷୀଙ୍କ ନିମିତ୍ତ ସହାୟକ କ୍ଷେତ୍ର।

ପରବର୍ତ୍ତୀ ସ୍ତର ହେଉଛି ଆଧ୍ୟାତ୍ମିକ ଆଲୋକର ମନ। ଏହି ମନର ଅବତରଣ ଦ୍ୱାରା ଅନ୍ତର୍ଗୂଢ଼ ସେହି ପରମ ଶକ୍ତି ବା ପରମ ସାମର୍ଥ୍ୟର ଅଧିକ ପରିସ୍ଫୁରଣ ଘଟିଥାଏ। ବୁଦ୍ଧଦେବ ଥିଲେ ଏହି ମାନସର ଅଧିକାରୀ। ଏହାର ପର ସ୍ତର ବୋଧିମାନସ। ରାମକୃଷ୍ଣ ପରିମହଂସ ଥିଲେ ଏହି ବୋଧିମାନସର ଅଧିକାରୀ। ତା'ପରେ 'ଅଧିମାନସ'। ଏହା ଉଚ୍ଚତର ଅଧ୍ୟାତ୍ମ ଉନ୍ମୋଚନର ପ୍ରବେଶଦ୍ୱାର। ଅତିମାନସ ବିଜ୍ଞାନମୟତାର ପ୍ରତିନିଧି ତଥା ଅତିମାନସର ଆଲୋକ ବହନ କରିଥାଏ। ଅଧିମାନସର ଅବତରଣ ଫଳରେ ଅହଂକାରର ପ୍ରାଧାନ୍ୟ ତଥା ପ୍ରାଦୁର୍ଭାବ କ୍ରମେ ହ୍ରାସପାଏ ଓ ଶେଷରେ ଲୀନ ହୋଇଯାଏ। ଅଧିମାନସର କ୍ରିୟାତ୍ମକତା ପ୍ରଭାବରେ ଏକ ଅନୁଭୂତି ଆସେ ଯେ ବିଶ୍ୱଗତ ପରମାତ୍ମାସତ୍ତା ବା ଈଶ୍ୱର ସବୁ କିଛିର ଶାସନ ବା ବିଧାନ କରୁଛନ୍ତି। ସେ ହିଁ ସବୁକିଛିର ପୂର୍ଣ୍ଣ ଆଶ୍ରୟ ଓ ସର୍ବନିୟନ୍ତା। ଅଧିମାନସ ରୂପାନ୍ତର ହେଉଛି ଗତିଶୀଳ ଅଧ୍ୟାତ୍ମ ରୂପାନ୍ତର କ୍ରମର ଚରମ ଓ ପରିପୂର୍ଣ୍ଣକାରୀ। ଅବତାରୀ ଶ୍ରୀକୃଷ୍ଣ ଏହି ସ୍ତରର ଦେବତା। ୧୯୨୬ ମସିହା ନଭେମ୍ବର ୨୪ ତାରିଖରେ ଶ୍ରୀଅରବିନ୍ଦ ଅଧିମାନସଚେତନା ପ୍ରାପ୍ତ ହୋଇଥିଲେ।

ସର୍ବୋଚ୍ଚ ସ୍ତର ଅତିମାନସ। ଏ ସ୍ତରରୁ ଅବତରିତ ବିଧାନ ଓ ଆଲୋକ ନିଶ୍ଚେତନାକୁ ଭେଦ କରିପାରିବ ଓ ତାହାକୁ ରୂପାନ୍ତରିତ କରିପାରିବ। ପ୍ରକୃତିର ବିବର୍ତ୍ତନ ପାଇଁ ଏହି ସୋପାନରେ ଅଧିମାନସକୁ ଅତିମାନସ ଲାଗି ବାଟ ଛାଡ଼ିବାକୁ ପଡ଼ିବ ଓ ଅତି ମାନସକୁ ଅବତୀର୍ଣ୍ଣ ହେବାକୁ ପଡ଼ିବ। 'ଅତିମାନସର ଅର୍ଥ ପରମଙ୍କର ସମ୍ପୂର୍ଣ୍ଣ ସତ୍ୟ ଚେତନା'। ଏହି ଅତିମାନସ ଭୂମି ମଧ୍ୟବର୍ତ୍ତୀସ୍ତର ଓ ସଚ୍ଚିଦାନନ୍ଦଙ୍କ ମଧ୍ୟବର୍ତ୍ତୀ ଚେତନା। ଏହା ବାସ୍ତବିକ ବିଜ୍ଞାନମୟ ଚେତନା, ଅତିମାନସ ଜୀବନକୁ ପରିପୂର୍ଣ୍ଣ ଜ୍ଞାନ, ପରିପୂର୍ଣ୍ଣ ସାମର୍ଥ୍ୟ ଓ ପରିପୂର୍ଣ୍ଣ ତାତ୍ପର୍ଯ୍ୟ ଆଣିଦିଏ। ଶ୍ରୀଅରବିନ୍ଦଙ୍କ ଭାଷାରେ –''There is a consciousness mind can not touch''।

ଆଲୋକିତ ମନ, ଉଚ୍ଚତର ମନ ତଥା ବୋଧିମାନସ ଯେଉଁ ଅନ୍ଧକାର ତଥା ଅବିଦ୍ୟା ମାଧ୍ୟମରେ କାର୍ଯ୍ୟ କରୁଥାନ୍ତି , ତାହା ସହ ଯୁଦ୍ଧ କରିବା ପାଇଁ ଏବଂ ସେହି କାର୍ଯ୍ୟରେ ଆପଣାକୁ ପୂର୍ଣ୍ଣ ନିୟୋଜିତ କରିବା ଲାଗି ଜ୍ୟୋତିର୍ମାନସ ଓ ଉଚ୍ଚତର ମନ ବୋଧି ଚେତନାର ସାହାଯ୍ୟ ଲୋଡ଼ନ୍ତି ଓ ବୋଧି ଚେତନା ଅଧିମାନସର ସାହାଯ୍ୟ ଲୋଡ଼େ। ଗୋଟିଏ ଚେତନା ସ୍ତରରୁ ଆଉ ଗୋଟିଏ ଚେତନା ସ୍ତରକୁ ଉଠିବା ପୂର୍ବରୁ ପୂର୍ବ ସୋପାନରେ ପୂର୍ଣ୍ଣତା ଅନିବାର୍ଯ୍ୟ। ନଚେତ୍ ସ୍ଖଳନର ସମ୍ଭାବନା ଅଧିକ । ଆବଶ୍ୟକୀୟ ସର୍ତ୍ତ ହେଲା– ଊର୍ଦ୍ଧ୍ୱର ଅବତରଣକୁ ନିମ୍ନସ୍ଥ ଚେତନାର ପୂର୍ଣ୍ଣ ସ୍ୱୀକୃତି ପ୍ରଦାନ, ପରିପୂର୍ଣ୍ଣ ଆତ୍ମସମର୍ପଣ, ସ୍ୱୀୟ ଦାବିର ପୂର୍ଣ୍ଣ ପ୍ରତ୍ୟାହାର, ସତ୍ତା ଉପରେ ସମ୍ପୂର୍ଣ୍ଣ ଅଧିକାର ପରିତ୍ୟାଗ ଓ ରୂପାନ୍ତରୀକରଣ। ଅତିମାନସ ରୂପାନ୍ତର ଆଉ ପ୍ରତିଶ୍ରୁତି ହୋଇ ରହିନାହିଁ; ଏହା ବାସ୍ତବ ସତ୍ୟ। ଏ ଯାତ୍ରା ଚାଲିଛି, ଚାଲିବ, ଆହୁରି ଜ୍ୟୋତିର୍ମୟତା ଆଡ଼େ।

ମୋ–୯୮୬୧୩୯୬୪୪୧

# ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଆଦିବାସୀ



ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ

ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଆଦିବାସୀମାନଙ୍କର ଏକ ଗୌରବମୟ ଭୂମିକା ରହିଛି। ଇଂରେଜ ଶାସନ ବିରୋଧରେ ଆଦିବାସୀମାନଙ୍କର ପ୍ରଥମ ସଂଗ୍ରାମ ଦେଖାଦେଇଥିଲା ଗଞ୍ଜାମର ଘୁମୁସର ଅଞ୍ଚଳରେ। ଇଂରେଜ କର୍ତ୍ତୃପକ୍ଷ ଘୁମୁସର ରାଜ୍ୟ ଉପରେ ମାତ୍ରାଧିକ କର ଧାର୍ଯ୍ୟ କରିବାରୁ ବିଦ୍ରୋହ ଆରମ୍ଭ ହୋଇଥିଲା। ଘୁମୁସରର ରାଜା କୃଷ୍ଣଭଞ୍ଜଙ୍କ ସହିତ ସାମିଲ ହୋଇ ୧୭୬୮ ମସିହାରେ ଆଦିବାସୀମାନେ ଇଂରେଜ ଶାସନ ବିରୋଧରେ ସଂଗ୍ରାମ କରି ପ୍ରାଣବଳି ଦେଇଥିଲେ।

ସେହିପରି ପାରଳାଖେମୁଣ୍ଡିର ରାଜା ନାରାୟଣ ଦେବ ୧୭୬୮ ମସିହାରେ ଆଦିବାସୀ ପ୍ରଜାମାନଙ୍କ ସମର୍ଥନ ପାଇ ଇଂରେଜଶକ୍ତି ବିରୋଧରେ ଲଢିଥିଲେ । ଜାଲମୁରାଠାରେ ଘଟିଥିବା ସଂଘର୍ଷରେ ୩୦ ଜଣ ଆଦିବାସୀ ସଂଗ୍ରାମୀ ଆତ୍ମବଳି ଦେଇଥିଲେ। ଇଂରେଜ ଶକ୍ତି ବିରୋଧରେ ସେହି ବିଦ୍ରୋହ ସାମୟିକଭାବେ ପ୍ରଶମିତ ହୋଇଯାଇଥିଲା। ଏହି ବିଦ୍ରୋହରେ ପାରଳାଖେମୁଣ୍ଡିର ମହାରାଣୀ ପାଟ ମହାଦେବୀ ଆଦିବାସୀମାନଙ୍କ ସହାୟତାରେ ଇଂରେଜ ଶକ୍ତି ବିରୋଧରେ ଲଢିଥିଲେ। ଘୁମୁସର ପରବର୍ତ୍ତୀ ରାଜା ବିକ୍ରମ ଭଞ୍ଜଙ୍କ ନେତୃତ୍ୱରେ ମଧ୍ୟ ଆଦିବାସୀମାନେ ବ୍ରିଟିଶ ଶାସନକୁ ବିରୋଧ କରିଥିଲେ । ଘୁମୁସର ଓ ପାରଳାଖେମୁଣ୍ଡିର ଆଦିବାସୀ ବିଦ୍ରୋହ ବ୍ରିଟିଶ ଶାସନକୁ ଏପରି ବିପର୍ଯ୍ୟସ୍ତ କରିଦେଲା ଯେ, ଇଂରେଜ ସରକାର ଏହି ଅଞ୍ଚଳକୁ ଶେଷରେ 'ପରିତ୍ୟକ୍ତ ଅଞ୍ଚଳ' ବୋଲି ଘୋଷଣା କରିଥିଲେ।

ଇଂରେଜ ଶାସନ ବିରୋଧରେ ୧୮୧୭ ମସିହାରେ ଏକ ଭୟାନକ ବିଦ୍ରୋହର ସୂତ୍ରପାତ ହୋଇଥିଲା। ଏହା ପାଇକ ବିଦ୍ରୋହ ନାମରେ ଖ୍ୟାତ। ଏହି ବିଦ୍ରୋହ ଆରମ୍ଭ ହୋଇଥିଲା, ଯେତେବେଳେ ଘୁମୁସରରୁ ପ୍ରାୟ ଚାରିଶହ କନ୍ଧ ଇଂରେଜମାନଙ୍କ ବିରୋଧରେ ମେଳି କରି ବାଣପୁରରେ ପହଞ୍ଚିଥିଲେ। ସେମାନେ ସେଠାରେ ଥିବା ଥାନା, କୋଷାଗାର ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ଆକ୍ରମଣ କରି ସରକାରୀ ଧନସମ୍ପତ୍ତି ଲୁଟ୍ କରିନେଇଥିଲେ । ଅନେକ ସରକାରୀ କର୍ମଚାରୀ ଏହି ସଂଘର୍ଷରେ ମୃତାହତ ହୋଇଥିଲେ। ଏହି ଠୁ ହିଁ ପାଇକ ବିଦ୍ରୋହର ସୂତ୍ରପାତ ହୋଇଥିଲା।

ଘୁମୁସର ରାଜ୍ୟରେ ଯେତେବେଳେ ଲୋକପ୍ରିୟ ରାଜା ଧନଞ୍ଜୟ ଭଞ୍ଜଙ୍କୁ ବ୍ରିଟିଶ ସରକାର ଗାଦିଚ୍ୟୁତ କରିବାକୁ ପ୍ରୟାସ କଲେ, ସେତେବେଳେ ୧୮୩୭ ମସିହାରେ କନ୍ଧବୀର ଡୋରା ବିଶୋୟୀ କନ୍ଧମାନଙ୍କୁ ଏକଜୁଟ କରି ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ ଆରମ୍ଭ କଲେ। ଶେଷରେ ସେ ଧରାପଡି କାରାଦଣ୍ଡ ଭୋଗ କଲେ । ୧୮୪୬ ମସିହାରେ ତାଙ୍କର ମୃତ୍ୟୁ ଘଟିଥିଲା।

ଘୁମୁସରର ଅନ୍ୟଜଣେ ଆଦିବାସୀ ବୀରପୁତ୍ର ଥିଲେ ଚକରା ବିଶୋୟୀ। ଇଂରେଜ ଶାସନ ବିରୋଧରେ ପ୍ରଜା ଅସନ୍ତୋଷର ନେତୃତ୍ୱ ନେଇ ୧୮୪୬ରୁ ୧୮୫୬ ମସିହା ପର୍ଯ୍ୟନ୍ତ ଦୀର୍ଘ ଦଶବର୍ଷ ଧରି ସେ ସଂଗ୍ରାମ କରିଥିଲେ। ୧୮୫୫ ମସିହାରେ ଇଂରେଜ ସରକାରଙ୍କ ବିରୋଧରେ ସାନ୍ତାଳମାନେ ସଂଗ୍ରାମ କରିଥିଲେ। ଏହା ବଙ୍ଗଳା, ବିହାର ଓ ଓଡିଶାର ସାନ୍ତାଳ ବସବାସ କରୁଥିବା ଅଞ୍ଚଳରେ ସୀମିତ ଥିଲା। ବିଦ୍ରୋହୀ ସାନ୍ତାଳମାନଙ୍କ ନେତୃତ୍ୱ ନେଇଥିଲେ ଚାରିଜଣ ଭାଇ ସେମାନେ ଥିଲେ ସିଦୋ ମୁର୍ମୁ, କାହ୍ନୁ ମୁର୍ମୁ, ଚାନ୍ଦ ମୁର୍ମୁ ଓ ଭାଇ ମୁର୍ମୁ। ଏହି ବିଦ୍ରୋହକୁ ଦମନ କରାଯାଇ ପାରିଥିଲେ ମଧ୍ୟ ଇଂରେଜ ବିରୋଧୀ ସଂଗ୍ରାମର ଏହା ଥିଲା ଏକ ଅଭୁଲା ଅଧ୍ୟାୟ।

୧୮୫୭ ମସିହାରେ ସଂଘଟିତ ହୋଇଥିଲା ଭାରତୀୟ ମୁକ୍ତି ସଂଗ୍ରାମ ଇତିହାସର ଏକ ଯୁଗାନ୍ତକାରୀ ଅଧ୍ୟାୟ। ଓଡିଶାର ସମ୍ବଲପୁର ଅଞ୍ଚଳରେ ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ଯେତେବେଳେ ଇଂରେଜ ବିରୋଧୀ ସଂଗ୍ରାମ ଆରମ୍ଭ ହେଲା, ସେତେବେଳେ କୋହ୍ଲ, ଗଣ୍ଡ, ବିଞ୍ଝାର, କନ୍ଧ ଓ ସାନ୍ତାଳ ଜାତିର ଆଦିବାସୀମାନେ ତାଙ୍କୁ ସାହାଯ୍ୟ ଓ ସମର୍ଥନ କରିଥିଲେ। ସେତେବେଳେ ଆଦିବାସୀମାନେ ପ୍ରଗାଢ ଦେଶପ୍ରେମର ପରିଚୟ ଦେଇଥିଲେ।

୧୮୬୮ ମସିହାରେ କେଉଁଝରର ଭୂୟାଁମାନେ ସେଠାକାର ଅତ୍ୟାଚାରୀ ରାଜା ଧନୁର୍ଜୟ ଭଞ୍ଜ ଓ ତାଙ୍କୁ ସମର୍ଥନ କରୁଥିବା ଇଂରେଜ ସରକାରଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିଥିଲେ। ସେମାନଙ୍କର ନେତୃତ୍ୱ ନେଇଥିଲେ ଭୂୟାଁ ବିଦ୍ରୋହୀ ରତ୍ନା ନାଏକ। ତାଙ୍କୁ ସମର୍ଥନ ଜଣାଇଥିଲେ ଭୂୟାଁ , କୋହ୍ଲ ଓ ଜୁଆଙ୍ଗ ଜାତିର ଆଦିବାସୀଗଣ। ବିଦ୍ରୋହକୁ ନିଷ୍ଠୁର ଭାବେ ଇଂରେଜ ସରକାର ଦମନ କରିଥିଲେ। ରତ୍ନା ନାଏକ ଫାଶୀଦଣ୍ଡ ପାଇ ମାତୃଭୂମି ପାଇଁ ଶହୀଦ ହେଲେ।

ପୁଣିଥରେ ୧୮୯୧ ମସିହାରେ ଇଂରେଜ ସରକାରଙ୍କ ସମର୍ଥିତ ଅତ୍ୟାଚାରୀ ରାଜା ଧନୁର୍ଜୟ ଭଞ୍ଜଙ୍କ ବିରୋଧରେ କେଉଁଝରର ଭୂୟାଁ ଆଦିବାସୀମାନେ ବିଦ୍ରୋହ କରିଥିଲେ। ଭୂୟାଁମାନଙ୍କର ଏଥର ନେତୃତ୍ୱ ନେଇଥିଲେ ଧରଣୀଧର ଭୂୟାଁ। ଯଦିଓ ଏହି ବିଦ୍ରୋହ ପ୍ରଥମେ ଧନୁର୍ଜୟ ଭଞ୍ଜଙ୍କ ବିରୋଧରେ ଆରମ୍ଭ ହୋଇଥିଲା କିନ୍ତୁ ବାସ୍ତବପକ୍ଷେ ଏହା ବ୍ରିଟିଶ ଶାସନ ବିରୋଧରେ ହିଁ ଥିଲା। ଏହାକୁ ଦମନ କରିବା ପାଇଁ ଇଂରେଜ କର୍ତ୍ତୃପକ୍ଷ ନିଜ ସୈନ୍ୟବାହିନୀ ପ୍ରେରଣ କରିଥିଲେ। ଭୂୟାଁମାନଙ୍କର ଏହି ବିଦ୍ରୋହ ଶେଷରେ ବିଫଳ ହୋଇଥିଲେ ମଧ୍ୟ ବ୍ରିଟିଶ ସାମ୍ରାଜ୍ୟବାଦକୁ ଏହା ଏକ ଉଚିତ ଶିକ୍ଷା ଦେଇଥିଲା।

ବିଂଶ ଶତାବ୍ଦୀ ଆରମ୍ଭ ନ ହେଉଣୁ ଓଡ଼ିଶାର ସୁନ୍ଦରଗଡ଼ ଓ ସୀମାନ୍ତ ଅଞ୍ଚଳରେ ଆଉ ଗୋଟିଏ ଇଂରେଜ ବିରୋଧୀ ସଂଗ୍ରାମର ନେତୃତ୍ୱ ନେଇଥିଲେ ବିର୍ସା ମୁଣ୍ଡା। ବିପ୍ଳବୀ ବିର୍ସା ମୁଣ୍ଡାଙ୍କର ସେହି ମହାମନ୍ତ୍ର, ''ଆରେ ବାବୁ ଆରାଜ ଏତେ ଜାନା, ମହାରାଣୀ ରାଜ ତୁଣ୍ଡେ ଜାନା,'' ଯାହାର ଅର୍ଥ ହେଲା, ''ମହାରାଣୀଙ୍କ ଶାସନ ଲୋପ ପାଉ, ଆମ ରାଜ୍ୟ ପ୍ରତିଷ୍ଠା ହେଉ''। ୧୯୦୦ ମସିହା ଜାନୁୟାରୀ ମାସ ୯ ତାରିଖରେ ମୁଣ୍ଡାମାନେ ବିର୍ସା ମୁଣ୍ଡାଙ୍କ ନେତୃତ୍ୱରେ ଡୋମ୍ବାରୀ ପାହାଡ଼ ଉପରେ ଇଂରେଜମାନଙ୍କ ସହ ଯେପରି ଯୁଦ୍ଧ କରିଥିଲେ ତା'ର ପଟାନ୍ତର ନାହିଁ। ଶତାଧିକ ବିଦ୍ରୋହୀ, ଶିଶୁ ଓ ମହିଳା ବ୍ରିଟିଶ ଗୁଳିରେ ପ୍ରାଣ ହରାଇଥିଲେ। ବିର୍ସା ମୁଣ୍ଡାଙ୍କୁ ଗିରଫ କରି ଜେଲ ପଠାଗଲା, ଯେଉଁଠି ସେ ମୃତ୍ୟୁବରଣ କରିଥିଲେ।

୧୯୩୯ ମସିହାରେ ସୁନ୍ଦରଗଡ଼ ଜିଲା ଗାଙ୍ଗପୁର ଗଡ଼ଜାତ ରାଜ୍ୟରେ ଆଉ ଏକ ଇଂରେଜ ବିରୋଧୀ ବିଦ୍ରୋହର ନେତୃତ୍ୱ ନେଇଥିଲେ ମୁଣ୍ଡା ଜାତିର ଆଦିବାସୀଙ୍କ ମଉଡ଼ମଣି ନିର୍ମଳ ମୁଣ୍ଡା। ଏପ୍ରିଲ ୨୫ରେ ରାଇବୋଗା ନିକଟସ୍ଥ ଆମ୍‌କୋ ସିମ୍‌କୋଠାରେ ନିରସ୍ତ୍ର ଆଦିବାସୀମାନଙ୍କ ଉପରେ ଯେମିତି ନିଷ୍ଠୁର ଭାବେ ଗୁଳିଚାଳନା କରାଯାଇ ସେମାନଙ୍କୁ ହତ୍ୟା କରାଗଲା, ତାହା ସ୍ୱାଧୀନତା ସଂଗ୍ରାମର ଏକ ରକ୍ତବିଜଡ଼ିତ ଘଟଣା। ୧୯୪୨ ମସିହା ଅକ୍ଟୋବର ୧୦ ତାରିଖ ଦିନ ନୟାଗଡ଼ ଗଡ଼ଜାତ ରାଜ୍ୟର ନୂଆଗାଁଠାରେ ଯେଉଁ ଇଂରେଜ ବିରୋଧୀ ଆନ୍ଦୋଳନ ଯୋଗୁ ଗୁଳିକାଣ୍ଡ ରଚନା କରାଯାଇଥିଲା ସେଥିରେ କନ୍ଧ ଯୁବକ କଷ୍ଟି ଡାକୁଆଙ୍କ ଜୀବନ ନିର୍ବାପିତ ହୋଇଥିଲା।

ଆଦିବାସୀମାନଙ୍କର ଇଂରେଜ ବିରୋଧୀ ମନୋବୃତ୍ତିର ଶ୍ରେଷ୍ଠ ଦୃଷ୍ଟାନ୍ତ ଥିଲେ ମାଲକାନଗିରିର ଲକ୍ଷ୍ମଣ ନାୟକ। ଭାରତଛାଡ଼ ଆନ୍ଦୋଳନ ଅବସରରେ ଅବିଭକ୍ତ କୋରାପୁଟ ଜିଲାର ଆଦିବାସୀମାନେ ଯେଉଁ ଅଭୂତପୂର୍ବ ସାହସ ଦେଖାଇଥିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥାଏ। ଏହା ସମ୍ଭବ ହୋଇଥିଲା ସେମାନଙ୍କର ନେତା ଲକ୍ଷ୍ମଣ ନାୟକଙ୍କ ଯୋଗୁ। ଅଗଷ୍ଟ ୨୧ ତାରିଖରେ ମାଥିଲି ଥାନାକୁ ସତ୍ୟାଗ୍ରହୀମାନେ ଅହିଂସା ମାର୍ଗରେ ଅଧିକାର କରିବାକୁ ଯିବାବେଳେ ତାଙ୍କ ଉପରକୁ ଗୁଳିଚାଳନା କରାଯାଇଥିଲା। ଅନେକ ଆଦିବାସୀ ମୃତ୍ୟୁବରଣ କରିଥିଲେ। ଲକ୍ଷ୍ମଣ ନାୟକ ମୃତ୍ୟୁଦଣ୍ଡ ପାଇ ହସି ହସି ଫାଶୀ ଖୁଣ୍ଟରେ ଝୁଲିଯାଇଥିଲେ।

ମୋ: ୯୮୬୧୦୬୪୯୫୦

## ଏଇ ଭାରତରେ

ଶିକ୍ଷା ମଣିଷକୁ ମାନ୍ୟତା ଦିଏ ଓ ବ୍ୟକ୍ତିତ୍ୱ ନିର୍ମାଣ କରିବାରେ ସାହାଯ୍ୟ କରେ। ଏଥିପାଇଁ ବହୁ ବ୍ୟକ୍ତି ଶିକ୍ଷା ଉପରେ ଗୁରୁତ୍ୱ ଦିଅନ୍ତି ଓ ଅସହାୟ ପିଲାମାନଙ୍କ ଶିକ୍ଷାର ଧାରାରେ ଆଣିବା ଲାଗି ସାରା ଜୀବନ ସମର୍ପିତ ରହିଥାନ୍ତି। କେବଳ ଜଣେ ବ୍ୟକ୍ତି ନୁହନ୍ତି ,ମଧ୍ୟପ୍ରଦେଶର ଗୋଟିଏ ପରିବାର ତିନି ପିଢି ଧରି ମାଗଣାରେ ଗରିବ ପିଲାମାନଙ୍କୁ ଶିକ୍ଷାଦାନ କରିଆସୁଛନ୍ତି। ହୋସାଙ୍ଗାବାଦ ଜିଲା ମୁଖ୍ୟାଳୟଠାରୁ ୭ କି.ମି. ଦୂର ନିମସାଡ଼ିଆ ଗ୍ରାମରେ ଥିବା ଏକ ସ୍କୁଲରେ ଗରିବ ପିଲାମାନଙ୍କୁ ବିନା ଦେୟରେ ଏହି ପରିବାର ଶିକ୍ଷାଦାନ କରିଆସୁଛନ୍ତି। ଏହି ସ୍କୁଲକୁ ସେଠ ଘାସିରାମ ଶର୍ମା ଆରମ୍ଭ କରିଥିଲେ। ତାଙ୍କ ଦେହାନ୍ତ ପରେ ତାଙ୍କ ପୁଅ ରାମଲାଲ ଶର୍ମା ଓ ରାମଲାଲଙ୍କ ପରେ ତାଙ୍କ ପିଲାମାନେ ଏହି ଦାୟିତ୍ୱ ନିର୍ବାହ କରୁଛନ୍ତି। ପରିଚାଳନା ବାବଦରେ ପ୍ରତିବର୍ଷ ୫୦ରୁ ୬୦ ହଜାର ଟଙ୍କା ଖର୍ଚ୍ଚ ହେଉଛି ଓ ଶର୍ମା ପରିବାର ଏହା ଯୋଗାଡ କରୁଛନ୍ତି ଓ ଆବଶ୍ୟକ ହେଲେ ତାଙ୍କ ସମ୍ପତ୍ତିରୁ କିଛି କିଛି ବିକ୍ରି କରି ସେମାନେ ଏହି ସ୍କୁଲ ଚଳାଉଛନ୍ତି। ନିମସାଡିଆରେ ପଛୁଆ ବର୍ଗର ବହୁ ଗରିବ ପରିବାର ରହିଛନ୍ତି। ସ୍ୱାଧୀନତା ପୂର୍ବରୁ ଗରିବମାନଙ୍କୁ ଶିକ୍ଷା ଦେଉଥିବା ଜିଲାର ଏହା ଏକମାତ୍ର ପ୍ରାଇଭେଟ ସ୍କୁଲ । ୨୦୧୭ ଯାଏ ଏହା ପ୍ରାଥମିକ ସ୍କୁଲ ହୋଇ ରହିଥିଲା। ୨୦୧୮ରେ ଏହାକୁ ମାଧ୍ୟମିକ ସ୍କୁଲ ମାନ୍ୟତା ମିଳିଥିଲା। ଏବେ ନର୍ସରିରୁ ୭ମ ଯାଏ ୧୭୧ ଜଣ ପିଲା ପଢୁଛନ୍ତି। ପିଲାମାନଙ୍କୁ ପୋଷାକ ଓ ଖାତାବହି ମାଗଣାରେ ଦିଆଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଅଗଷ୍ଟ ୧୯୯୫

- ବିଶ୍ୱର ସର୍ବପ୍ରଥମ ପୁରୁଷ ଭାବେ ଆମେରିକାନ ଧାବକ ମାଇକେଲ ଜନସନ ବିଶ୍ୱ ଟ୍ରାକ ଆଣ୍ଡ ଫିଲ୍ଡ ମିଟ୍ ଚାମ୍ପିୟନଶିପ୍‌ରେ ବ୍ୟକ୍ତିଗତ ଭାବେ ତୃତୀୟ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି।
- ରାଜ୍ୟରେ ଥିବା ବୃହତ୍ ନଦୀ ଓ ସେଗୁଡ଼ିକର ମୁହାଣ ତଥା କେନାଲଗୁଡ଼ିକୁ ଜଳପଥ ରୂପେ ବ୍ୟବହାର କରି ରାଜ୍ୟ ସରକାର ରାଜ୍ୟରେ ଏକ ଆଭ୍ୟନ୍ତରୀଣ ଜଳପଥ ପରିବହନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି।

## ଚିରନ୍ତନୀ

ଭୁଲି ଜରା ଯଉବନ
ସପନ ବା ଜାଗରଣ
ଅତୀତର ଶତ ସୁଖ ଯାତନା
ଆଗାମୀର ନବ ଆଶା ବାସନା।
(ଶରତ–ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେଉ

ମହାଶୟ,

ଢେଙ୍କାନାଳ ଏକ କଳା, ସଂସ୍କୃତି ଓ ଐତିହ୍ୟସମ୍ପନ୍ନ ଜିଲା। ଏହା ମଧ୍ୟରେ ଢେଙ୍କାନାଳ ସହରର ଐତିହ୍ୟ ଅନନ୍ୟ। ଢେଙ୍କାନାଳବାସୀଙ୍କ ପାଇଁ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ନନ୍ଦିନୀ ଦେବୀଙ୍କ ଅବଦାନ ଅତୁଳନୀୟ। ଢେଙ୍କାନାଳରେ ଶିଳ୍ପ ବିପ୍ଳବଠାରୁ ଆରମ୍ଭ କରି ଗମନାଗମନ, ପାନୀୟଜଳ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଭୂମିହୀନଙ୍କୁ ଭୂମି ପ୍ରଦାନ କରିବାରେ ନନ୍ଦିନୀ ଦେବୀଙ୍କ ଭୂମିକା ଯଥେଷ୍ଟ। ଏବେ ବି ଢେଙ୍କାନାଳବାସୀଙ୍କ ନିକଟରେ ଚିର ସ୍ମରଣୀୟ ହୋଇ ରହିଛନ୍ତି। ନନ୍ଦିନୀ ଶତପଥୀଙ୍କ ଏକ ପିତଳ ପ୍ରତିମୂର୍ତ୍ତି ଢେଙ୍କାନାଳ ସହରରେ ସ୍ଥାପନ କରାଯାଉ। ଏଥିପାଇଁ ରାଜ୍ୟ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅର୍ଥ ଅନୁଦାନ କରିବାକୁ ଅନୁରୋଧ, ଯାହା କି ଢେଙ୍କାନାଳବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ହେବ। ଏଣୁ ଶୀଘ୍ର ରାଜ୍ୟ ସରକାର ନନ୍ଦିନୀ ଦେବୀଙ୍କ ଏକ ପ୍ରତିମୂର୍ତ୍ତି ଢେଙ୍କାନାଳ ସହରରେ ନିର୍ମାଣ କରନ୍ତୁ।

ବୁଲୁ ପଟ୍ଟନାୟକ, ଘସିପୁରା, ଆନନ୍ଦପୁର, କେନ୍ଦୁଝର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


ADYANTIANS Maintaining the Tradition of Excellence in CHSE-2020
Congratulations ! Well Done !! We are proud of You !!!
560 SUBRAT CH. NAHA Roll No. 395MA036 Reg. No. MA95S18037
556 GURUSNEHI CHOUDHURY Roll No. 395MA023 Reg. No. MA95S18024
554 AMIT BEHERA Roll No. 395MA014 Reg. No. MA95S18015
553 JNANARANJAN PALEI Roll No. 395MA020 Reg. No. MA95S18021
553 BHAGYASHREE DAS Roll No. 395MA064 Reg. No. MA95S18066
SCORE 550 Aditya Nr. Sahu Roll No-395MA029 Reg. No-MA95S18030
SCORE 550 Amresh Behera Roll No-395MA335 Reg. No-MA95S18357
SCORE 549 Smruti S.Mohanty Roll No-395MA022 Reg. No-MA95S18023
SCORE 548 Ayashkant Roll No-395MA026 Reg. No-MA95S18027
SCORE 547 Subhendu S. Tripathy Roll No-395MA030 Reg. No-MA95S18031
SCORE 542 Sasmita Behera Roll No-395MA085 Reg. No-MA95S18088
SCORE 541 Pritam Prasad Bal Roll No-395MA013 Reg. No-MA95S18014
SCORE 540 SILLA S. K PATRO Roll No-395MA035 Reg. No-MA95S18036
SCORE 540 Aditya Pr. Mohanty Roll No-395MA049 Reg. No-MA95S18050
SCORE 539 Ayushman Nayak Roll No-395MA164 Reg. No-MA95S18170
SCORE 538 Guru Nigam Das Roll No-395MA003 Reg. No-MA95S18003
SCORE 537 Ankita Saswati Roll No-395MA144 Reg. No-MA95S18150
SCORE 536 Nitya Swarup Rath Roll No-395MA004 Reg. No-MA95S18004
SCORE 534 Satya Bira Muduli Roll No-395MA027 Reg. No-MA95S18028
SCORE 533 Aaryan A. Kumar Roll No-395MA051 Reg. No-MA95S18052
SCORE 532 Aradhana Tripathy Roll No-395MA007 Reg. No-MA95S18008
SCORE 532 Priyanka Patnaik Roll No-395MA028 Reg. No-MA95S18029
SCORE 531 Rudra Nr. Lenka Roll No-395MA041 Reg. No-MA95S18042
SCORE 530 Om Prakash Pradhan Roll No-395MA042 Reg. No-MA95S18043
SCORE 530 Sambit Ku. Rout Roll No-395MA054 Reg. No-MA95S18055
SCORE 528 Sambit Ku. Sahoo Roll No-395MA061 Reg. No-MA95S18062
SCORE 528 Debabrata Pania Roll No-395MA070 Reg. No-MA95S18073
SCORE 527 Anwesha Patra Roll No-395MA055 Reg. No-MA95S18056
SCORE 525 Tamanna Parwin Roll No-395MA043 Reg. No-MA95S18044
SCORE 525 Ashutosh Mahapatra Roll No-395MA083 Reg. No-MA95S18086
SCORE 524 Subhankar Swain Roll No-395MA179 Reg. No-MA95S18185
SCORE 523 Debashish Purohit Roll No-395MA009 Reg. No-MA95S18010
SCORE 521 Srittam Patra Roll No-395MA091 Reg. No-MA95S18094
SCORE 520 Chinmaya Ku.Behera Roll No-395MA008 Reg. No-MA95S18009
SCORE 520 Bibekananda Pradhan Roll No-395MA157 Reg. No-MA95S18163
SCORE 519 Ritika Ku. Nayak Roll No-395MA017 Reg. No-MA95S18018
SCORE 519 Dibyadarshan Das Roll No-395MA019 Reg. No-MA95S18020
SCORE 519 Jyotiprakash Nayak Roll No-395MA046 Reg. No-MA95S18047
SCORE 519 Silla Sujit Patro Roll No-395MA082 Reg. No-MA95S18085
SCORE 518 Debashree Pr. Murmu Roll No-395MA006 Reg. No-MA95S18006
SCORE 518 Nishant Patra Roll No-395MA012 Reg. No-MA95S18013
SCORE 518 Aurobindo Gahana Roll No-395MA092 Reg. No-MA95S18096
SCORE 518 Amar Ballav Das Roll No-395MA118 Reg. No-MA95S18124
...and many more
e-Admission in +2 Science for the Session 2020-22
For Admission Apply through Common Application Form (Online) as per Government Notification
ADYANT HIGHER SECONDARY SCHOOL
(A Division of Adyant Educational & Charitable Trust)
in association with
Aakash Medical | IIT-JEE | Foundations
(Divisions of Aakash Educational Services Ltd.)
WE PROVIDE THE BEST DIGITAL PLATFORM
ONLINE CLASSES THROUGH DIGITISER
RECORDED VIDEO LECTURE
PROVIDE E-BOOKS
ONLINE OBJECTIVE & SUBJECTIVE TEST
ONLINE PARENTS TEACHER MEETING
A.C. Classroom
24x7 High Alert Security
CC TV Coverage Campus
Gymnasium
Inoxed Auditorium
Transport Facility
Separate Hostel for boys & girls
Separate Canteen for boys & girls
Separate Play Ground for boys & girls
ADYANT
Campus : Bhatakhuri, Gangapada, Janla, Bhubaneswar-752054, Mobile : 9337155221 / 222 / 224

# ଜବାବ ରଖିଲେନି ରାଜ୍ୟ ସରକାର

**ଏଟି ମୁଖ୍ୟ ପ୍ରଦୀପ ସେଠୀ ଜେଲ୍‌ରୁ ମୁକୁଳିବା ପ୍ରସଙ୍ଗ**

**କଟକ ଅଫିସ,୧୪।୮:** ସିବିଆଇ କୋର୍ଟଙ୍କ ଦ୍ୱାରା ୭ ବର୍ଷ କାରାଦଣ୍ଡ ପାଇଥିବା ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ସଂସ୍ଥାର ମୁଖ୍ୟ ପ୍ରଦୀପ ସେଠୀ ଇତିମଧ୍ୟରେ ଉକ୍ତ ସଜା କାଟିସାରିଲେଣି। ତଥାପି ସେ ଜେଲ୍‌ରୁ ମୁକୁଳି ନାହାନ୍ତି। ଜେଲ୍‌ରୁ ବାହାରିବା ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ହାଇକୋର୍ଟ ପୂର୍ବରୁ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ କରିଥିଲେ। ଶୁକ୍ରବାର ଜବାବ ରଖିବାର ଧାର୍ଯ୍ୟ ଦିନ ଥିଲେ ମଧ୍ୟ ରାଜ୍ୟ ସରକାର କୋର୍ଟରେ ଜବାବ ରଖିନାହାନ୍ତି। ଏଣୁ ହାଇକୋର୍ଟର ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍ ଓ ବିଚାରପତି ବି.ଆର୍. ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ସେପ୍ଟେମ୍ବର ୩ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି।




# ଓଡ଼ିଶାର ୧୪ଜଣଙ୍କୁ ମିଳିବ ପୋଲିସ ମେଡାଲ

- ବିଶିଷ୍ଟ ସେବା ପାଇଁ ୨ ଜଣଙ୍କୁ ରାଷ୍ଟ୍ରପତି ପଦକ
- ଉତ୍କର୍ଷ ସେବା ପଦକ ପାଇବେ ୧୨ ପୋଲିସ

**ଭୁବନେଶ୍ୱର,୧୪।୮(ବ୍ୟୁରୋ):** ଓଡ଼ିଶାର ୧୪ଜଣଙ୍କୁ ମିଳିବ ରାଷ୍ଟ୍ରପତି ପୋଲିସ ମେଡାଲ। ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏନେଇ ଘୋଷଣା କରାଯାଇଛି। ପୋଲିସ ମନୋବଳ ବଢ଼ାଇବା ପାଇଁ ଏହା ପ୍ରେରଣା ଯୋଗାଇବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏମାନଙ୍କ ମଧ୍ୟରୁ ବିଶିଷ୍ଟ ସେବା ପାଇଁ ୨ଜଣ ପୋଲିସ ପାଇବେ ରାଷ୍ଟ୍ରପତି ପଦକ। ସେମାନେ ହେଲେ ଭୁବନେଶ୍ୱର ଭିଜିଲାନ୍ସ ଡିଏସ୍‌ପି କେ. ବେଣୁଗୋପାଳ ଆଚାର୍ଯ୍ୟ ଓ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀର କନ୍‌ଷ୍ଟେବଲ ବିରଞ୍ଚି ନାରାୟଣ ସାହୁ। ସେହିପରି କଟକ ଭିଜିଲାନ୍ସ ଏଏସ୍‌ପି ଅଭିରାମ କର, ଭୁବନେଶ୍ୱର ଏସ୍‌ଓଜି ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ତାପସ ମହାପାତ୍ର, କମିଶନରେଟ ପୋଲିସ ଭୁବନେଶ୍ୱର ଜୋନ-୫ ଏସିପି ଅନୀଲ ମିଶ୍ର, ଭୁବନେଶ୍ୱର ଭିଜିଲାନ୍ସ ଡିଏସ୍‌ପି ଅନୁପମା ମହାପାତ୍ର, ଭୁବନେଶ୍ୱର ଅତିରିକ୍ତ ଡିସିପି ରାଜକିଶୋର ପାଇକରାୟ, କଟକ ୟୁପିଡି ଇନ୍ସପେକ୍ଟର ଅଜୟ ଦାସ, ଭୁବନେଶ୍ୱର ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଙ୍ଗ୍ (ଏସ୍‌ଆଇଡବ୍ଲ୍ୟୁ) ଇନ୍ସପେକ୍ଟର ଅତୁଲକ୍ରିଷ୍ଣା ଦାସ, ଭୁବନେଶ୍ୱର ଏସ୍‌ଆଇଡବ୍ଲ୍ୟୁ ଇନ୍ସପେକ୍ଟର ସରୋଜ ପଟେଲ ଓ ବରଗଡ଼ ଜିଲାରେ କାର୍ଯ୍ୟରତ ଇନ୍ସପେକ୍ଟର ନିର୍ମଳ ମହାପାତ୍ର, ୫ମ ବାଟାଲିୟନ ବୌଦ୍ଧ ଜିଲାର ସୁବେଦାର କିଶୋର ବଳବନ୍ତରାୟ, ୪ର୍ଥ ବାଟାଲିୟନ ରାଉରକେଲାର ସିପାହି ରଥ ଲାକ୍ରା ଓ କୋରାପୁଟ ଭିଜିଲାନ୍ସ ହାବିଲଦାର ମହମ୍ମଦ ଫଜଲ ଉମର ଉତ୍କର୍ଷ ସେବା ପଦକ ପାଇବେ। ପୋଲିସ ଡିଜି ଅଭୟ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ୧୪ ଅଗ୍ନିଶମ ଅଧିକାରୀଙ୍କୁ ରାଷ୍ଟ୍ରପତି ପଦକ

**କଟକ ଅଫିସ,୧୪।୮:** ସ୍ୱାଧୀନତା ଦିବସ ଅବସରରେ ରାଷ୍ଟ୍ରପତି ପଦକ ପାଇଁ ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀ ମନୋନୀତ ହୋଇଛନ୍ତି। ସାହସିକତା ପଦକ ପାଇଁ ଫାୟାରମ୍ୟାନ ପ୍ରକାଶ ବଳଙ୍କ ନାମ ଘୋଷଣା କରାଯାଇଛି। ସେହିପରି ଷ୍ଟେଶନ ଅଫିସର ସୁରେନ୍ଦ୍ରନାଥ ଗଦାପାଲ ଓ ମନୋଜ କୁମାର ସାହୁ ବିଶିଷ୍ଟ ସେବା ପଦକ ପାଇବେ। ଉଲ୍ଲେଖନୀୟ ସେବା ପଦକ ପାଇଁ ଡେପୁଟି ଫାୟାର ଅଫିସର ରମେଶ ଚନ୍ଦ୍ର ମାଝୀ, ଷ୍ଟେଶନ ଅଫିସର ଅଶୋକ କୁମାର ଶତପଥୀ, ନିରଞ୍ଜନ ପଟ୍ଟନାୟକ, ଲିଡିଂ ଫାୟାରମ୍ୟାନ ବେଣୁଧର ବେହେରା, କେ. ନରସିଂହ ରାଓ ଓ ଡ୍ରାଇଭର ଧୀରେନ୍ଦ୍ରନାଥ ଜେନାଙ୍କ ନାମ ଘୋଷଣା କରାଯାଇଛି। ହୋମ୍‌ଗାର୍ଡ ଓ ସିଭିଲ ଡିଫେନ୍ସ ବର୍ଗରେ ସିଡି ସ୍ୱେଚ୍ଛାସେବୀ ଗଣେଶ ବାରିକଙ୍କୁ ବିଶିଷ୍ଟ ସେବା ପଦକ ଓ ଉଲ୍ଲେଖନୀୟ ସେବା ପଦକ ପାଇଁ ହୋମ୍‌ଗାର୍ଡ ଗୀତାରାଣୀ ବେହେରା, ଅରୁଣ ସାହୁ, ପ୍ରଦୀପ ଦାସ ଓ ପ୍ଲାଟୁନ କମାଣ୍ଡର ବିଷ୍ଣୁ ଚରଣ ଭୁଜବଳଙ୍କ ନାମ ଘୋଷଣା କରାଯାଇଛି।

# କଟକଣା ସହ ଖୋଲିବ ଆର୍‌ଟିଓ

**କଟକ ଅଫିସ,୧୪।୮**

କରୋନା ମହାମାରୀ ବେଳେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ) କାର୍ଯ୍ୟ କରୁଥିଲେ ମଧ୍ୟ ସଂକ୍ରମଣ ଭୟରେ ସର୍ବସାଧାରଣଙ୍କ ପାଇଁ ଏଗୁଡ଼ିକ ବନ୍ଦ ରହିଥିଲା। ୫୦ ପ୍ରତିଶତ କର୍ମଚାରୀରେ କାର୍ଯ୍ୟାଳୟ ଚାଲିଥିଲା। କିନ୍ତୁ ଏବେ ସୀମିତ ସେବା ଓ କଟକଣା ଭିତରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପରିବହନ କାର୍ଯ୍ୟାଳୟଗୁଡ଼ିକ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ଶୁକ୍ରବାର ଏନେଇ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ବିଜ୍ଞପ୍ତି ଜାରି କରିଛି।

ଡ୍ରାଇଭିଂ ଲାଇସେନ୍ସ, ଲର୍ନର୍ସ ଲାଇସେନ୍ସ ଓ ଯାନବାହନ ସେବା ସମ୍ପର୍କିତ କାର୍ଯ୍ୟ ପାଇଁ ଆର୍‌ଟିଓଗୁଡ଼ିକ ଖୋଲା ରହିବ। ଡିଏଲ୍ ଓ ଏଲ୍‌ଏଲ୍ ପରୀକ୍ଷା ବର୍ତ୍ତମାନ ପାଇଁ ବନ୍ଦ ରଖାଯାଇଛି। ଆବେଦନକାରୀ ଓ ପ୍ରାଧିକୃତ ବ୍ୟକ୍ତିମାନେ ହିଁ କାର୍ଯ୍ୟାଳୟକୁ ପ୍ରବେଶ କରିପାରିବେ। ଡ୍ରାଇଭିଂ ଲାଇସେନ୍ସ ନବୀକରଣ, ଡ୍ରାଇଭିଂ ଲାଇସେନ୍ସରେ ଠିକଣା ପରିବର୍ତ୍ତନ, ନକଲି ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ, ନାମ ପରିବର୍ତ୍ତନ, ବାୟୋମେଟ୍ରିକ୍‌ରେ ପରିବର୍ତ୍ତନ, କ୍ଲାସ୍ ଅଫ୍ ଭେଇକିଲ୍‌କୁ ଦାଖଲ ସହ 'ବାହାନ' ଏବଂ ଭିସିଆର୍ ସଂପର୍କିତ ସମସ୍ତ କାର୍ଯ୍ୟ ଏଣିକି ଆର୍‌ଟିଓରେ ହୋଇପାରିବ। ପୂର୍ବରୁ ଏସବୁ କାର୍ଯ୍ୟ କେବଳ ଅନ୍‌ଲାଇନ୍‌ରେ ହେଉଥିଲା। ପ୍ରତ୍ୟେକ ବ୍ୟକ୍ତିଙ୍କୁ ଡିଏଲ୍ ଓ ଏଲ୍‌ଏଲ୍ କାର୍ଯ୍ୟ ପାଇଁ ମାତ୍ର ଅଧ ଘଣ୍ଟାର ସ୍ଲଟ୍ ଦିଆଯିବ। ସେହିଭଳି ଆର୍‌ସି ସମ୍ପର୍କିତ କାର୍ଯ୍ୟ ପାଇଁ ମଧ୍ୟ କାର୍ଯ୍ୟାଳୟକୁ ପ୍ରବେଶ ଅନୁମତି ଦିଆଯାଇଛି। ମାଲିକାନା ପରିବର୍ତ୍ତନ ଓ ନବୀକରଣ ସହ ଫିଟ୍‌ନେସ୍ ସାର୍ଟିଫିକେଟ୍ ଏବଂ ହାଇପୋଥିକେସନ୍ କାର୍ଯ୍ୟ ବର୍ତ୍ତମାନ ଆର୍‌ଟିଓରେ ହୋଇପାରିବ।

# ଗୁଗଲ୍ ପରେ ମାଇକ୍ରୋସଫ୍ଟ ଟ୍ରାନ୍ସଲେଟରରେ 'ଓଡ଼ିଆ'

**ଭୁବନେଶ୍ୱର(ବ୍ୟୁରୋ),୧୪।୮:** ଗୁଗଲ୍ ପରେ ଏବେ ମାଇକ୍ରୋସଫ୍ଟ ଟ୍ରାନ୍ସଲେଟରରେ ଯୋଡ଼ି ହୋଇଛି ଓଡ଼ିଆ। ମାଇକ୍ରୋସଫ୍ଟରେ ଓଡ଼ିଆ ଟେକ୍ସଟ୍ ଟ୍ରାନ୍ସଲେଶନକୁ ଯୋଗ କରାଯିବା ପରେ କମ୍ପାନୀ ଏନେଇ ଘୋଷଣା କରିଛି। ଓଡ଼ିଆମାନେ ଏଣିକି ମାଇକ୍ରୋସଫ୍ଟ ଟ୍ରାନ୍ସଲେଟର ଆପ୍, ମାଇକ୍ରୋସଫ୍ଟ ଅଫିସ୍, ଟ୍ରାନ୍ସଲେଟର ଫର୍ ବିଙ୍ଗ୍ ମାଧ୍ୟମରେ ଏହି ଓଡ଼ିଆ ଟ୍ରାନ୍ସଲେଟର ବ୍ୟବହାର କରିପାରିବେ। ସମଗ୍ର ବିଶ୍ୱରେ ୪.୫ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କ ଦ୍ୱାରା ବ୍ୟବହୃତ ଓଡ଼ିଆ ଭାଷା ଧୀରେ ଧୀରେ ଇଣ୍ଟରନେଟ୍‌ରେ ନିଜ ସ୍ଥିତି ମଜଭୁତ କରୁଛି। ଗୁଜରାଟୀ, ବଙ୍ଗଳା, ହିନ୍ଦୀ, କନ୍ନଡ଼, ମଲାୟଲମ୍, ମରାଠୀ, ପାବୀ, ତାମିଲ, ତେଲୁଗୁ, ଉର୍ଦ୍ଦୁ ଏବଂ ଇଂଲିଶ ଭାଷା ପରେ ସାଧାରଣଭାବେ ବ୍ୟବହୃତ ଦ୍ୱାଦଶ ଭାରତୀୟ ଭାଷା ଭାବେ ଓଡ଼ିଆକୁ ମାଇକ୍ରୋସଫ୍ଟ ଟ୍ରାନ୍ସଲେଟରରେ ଉପଲବ୍ଧ କରାଯାଇଛି।









# କାହାଣୀ ହୋଇ ରହିଯିବ

ସେଦିନ ଥିଲା ୧୯୨୯ ମସିହା ଏପ୍ରିଲ୍ ୮ ତାରିଖ। ଦେଶବ୍ୟାପୀ ସତ୍ୟାଗ୍ରହ ସତ୍ତ୍ୱେ ଦିଲ୍ଲୀର ସେଣ୍ଟ୍ରାଲ୍ ଲେଜିସ୍ଲେଟିଭ୍ ଆସେମ୍ବ୍ଲିରେ ପବ୍ଲିକ୍ ସେଫ୍ଟି ବିଲ୍ ଓ ଟ୍ରେଡ୍ ଡିସ୍ପ୍ୟୁଟ ବିଲ୍‌କୁ ଆଇନରେ ପରିଣତ କରିବାକୁ ଚାଲିଥାଏ ଯୋଜନା। ହଠାତ୍ କରି ଦର୍ଶକ ଗ୍ୟାଲେରିରୁ ଦୁଇଟି ବୋମା ଚଟାଣରେ ପଡ଼ି ବିସ୍ଫୋରଣ ହେଲା। ଆସେମ୍ବ୍ଲି ହଲ୍‌ଟି ଧୂଆଁମୟ ହୋଇଗଲା। ତଳେ ବିଛାଡ଼ି ହୋଇ ପଡ଼ିଲା କିଛି ଲିଫ୍‌ଲେଟ୍। ଦର୍ଶକ ଗ୍ୟାଲେରିରୁ ଶୁଭୁଥିଲା– 'ଇନ୍‌କିଲାବ–ଜିନ୍ଦାବାଦ, ସାମ୍ରାଜ୍ୟବାଦ–ମୁର୍ଦ୍ଦାବାଦ'। ପ୍ରାଣବିକଳେ ଯିଏ ଯୁଆଡ଼େ ଧାଇଁ ପଳାଉଥିଲା ବେଳେ ଗ୍ୟାଲେରିରେ ନିର୍ବିକାର ଭାବେ ଛିଡ଼ା ହୋଇ ରହିଥିଲେ ଦୁଇ ଜଣ ଉଦ୍ଦାମ ଯୁବକ– ଭଗତ୍ ସିଂ ଓ ବଟୁକେଶ୍ୱର ଦତ୍ତ। ପୋଲିସ ସେମାନଙ୍କୁ ଗିରଫ କଲା। ରାଜଦ୍ରୋହ ଅପରାଧରେ ଭଗତ୍ ସିଂଙ୍କୁ ଫାଶୀ ଦିଆ ଯାଇଥିଲା ଏବଂ ବଟୁକେଶ୍ୱର ଆଜୀବନ ଜେଲଦଣ୍ଡ ଭୋଗିଥିଲେ।

ଜୟକୃଷ୍ଣ ରାଜଗୁରୁ ମହାପାତ୍ର ଥିଲେ ଖୋର୍ଦ୍ଧା ରାଜାଙ୍କର ରାଜପୁରୋହିତ। ସେ ଜୟୀ ରାଜଗୁରୁ ନାମରେ ଖ୍ୟାତ। ବ୍ରିଟିଶ ସହିତ ଲଢ଼େଇ କରି ସେ ଗିରଫ ହୋଇଥିଲେ। ମେଦିନାପୁର ଜେଲ୍ ହତା ବାହାରେ ଥିବା ଏକ ବରଗଛର ଦୁଇଟି ଡାଳକୁ ଓହରାଇ ଆଣି ରାଜଗୁରୁଙ୍କ ଦୁଇ ଗୋଡ଼କୁ ବାନ୍ଧି ଡାଳ ଦୁଇଟିକୁ ଛାଡ଼ି ଦିଆଯାଇଥିଲା। ଫଳରେ ରାଜଗୁରୁଙ୍କ ଶରୀର ଦୁଇ ଫାଡ଼ ହୋଇଯାଇଥିଲା। କେତେ


ଖୁଦିରାମ ବୋଷ

> "ଆମେମାନେ ସ୍ୱାଧୀନୋତ୍ତର ପିଢ଼ି ଭାବରେ ଦେଶର ମହାନ୍ ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ କିଛି କିଛି ଜାଣୁ। ମାତ୍ର ଆମ ପରବର୍ତ୍ତୀ ପିଢ଼ି ଏ ସବୁଥିରୁ ବଞ୍ଚିତ। କେତୋଟି ଜାତୀୟ ଦିବସ ବ୍ୟତୀତ ଅନ୍ୟ କୌଣସି ଦିନରେ ସେମାନଙ୍କ କାନରେ ଏକଥା ପ୍ରାୟ ପଡ଼େ ନାହିଁ।

ମର୍ମନ୍ତୁଦ! ଏ ଥିଲା ବ୍ରିଟିଶର ଭାରତୀୟ ସଂଗ୍ରାମୀମାନଙ୍କ ଉପରେ ହୋଇଥିବା ଅକଥନୀୟ ଅତ୍ୟାଚାରର ଏକ ଦୃଷ୍ଟାନ୍ତ ମାତ୍ର। ସେହି ଜୟୀ ରାଜଗୁରୁ ଥିଲେ ସ୍ୱାଧୀନତା


ଜୟୀ ରାଜଗୁରୁ

ସଂଗ୍ରାମରେ ଓଡ଼ିଶାର ପ୍ରଥମ ଶହୀଦ।

ବିଚାରପତି ପ୍ରଶ୍ନ କଲେ– ତୁମ ନାମ କ'ଣ? ଉତ୍ତର ମିଳିଲା– ଆଜାଦ୍। ତୁମ ପିତାଙ୍କ ନାମ?– ସ୍ୱତନ୍ତ୍ରତା। ତୁମ ଘର?– ଜେଲ୍‌ଖାନା। ଜଣେ ୧୫ ବର୍ଷ ବାଳକର ଏପରି ରୋକ୍‌ଠୋକ୍ ଜବାବ ବିଚାରପତିଙ୍କୁ ହତବାକ କରିଦେଇଥିଲା। ସେହି ଦିନଠାରୁ ଚନ୍ଦ୍ରଶେଖର ତିୱାରୀ ହୋଇଯାଇଥିଲେ ଚନ୍ଦ୍ରଶେଖର ଆଜାଦ୍। ଆଲ୍ଲାହାବାଦର ଆଜାଦ ପାର୍କରେ ତାଙ୍କୁ ଗିରଫ କରିବାକୁ ପୋଲିସ୍ ଚାରିପଟୁ ଯେତେବେଳେ ଘେରିଗଲେ ସେତେବେଳେ ସେ ନିଜ ବନ୍ଧୁକରୁ ଗୁଳି ଫୁଟାଇ ନିଜେ ଶହୀଦ୍ ହୋଇଗଲେ। ଅପୂର୍ବ ଦାମ୍ଭିକତା! ବିପ୍ଳବୀ ଖୁଦିରାମ ବୋଷ। ସେ ଭାରତର ସର୍ବକନିଷ୍ଠ ଶହୀଦ୍। ମୁଜାଫରପୁର ଷଡ଼ଯନ୍ତ୍ର ମାମଲାରେ ତାଙ୍କୁ ମାତ୍ର ୧୮ ବର୍ଷ ବୟସରେ ଫାଶୀ ଦିଆଯାଇଥିଲା।

ଆମ ରାଜ୍ୟର ବାଜି ରାଉତଠାରୁ ଆରମ୍ଭ କରି ସୁରେନ୍ଦ୍ର ସାଏ, ବକ୍ସି ଜଗବନ୍ଧୁ, ବାଘାଯତୀନ୍, ଲକ୍ଷ୍ମଣ ନାୟକ, ବିର୍ସା ମୁଣ୍ଡା, ରଘୁ ଦିବାକରଙ୍କ ଅକ୍ଷୟ କୀର୍ତ୍ତି ସର୍ବଜନବିଦିତ। ଝାନ୍ସିରାଣୀ ଲକ୍ଷ୍ମୀବାଈ, ଚନ୍ଦନ ହଜୁରୀ, ସୁଖଦେବ, ଶିବରାମ ରାଜଗୁରୁ, ମଙ୍ଗଳ ପାଣ୍ଡେ, ଲାଲ–ବାଲ–ପାଲଙ୍କ ବଳିଦାନ ସମେତ ସୁଭାଷ ବୋଷ, ବଲ୍ଲଭଭାଇ ପଟେଲ, ଜବାହରଲାଲ ନେହେରୁ ଏବଂ ସର୍ବାଗ୍ରେ ମହାତ୍ମା ଗାନ୍ଧୀଙ୍କ ଆତ୍ମୋତ୍ସର୍ଗ ସହ ଆମେମାନେ ଅଳ୍ପବହୁତେ ଅବଗତ। ଆମେମାନେ ସ୍ୱାଧୀନୋତ୍ତର ପିଢ଼ି ଭାବରେ ଦେଶର ମହାନ୍ ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ କିଛି କିଛି ଜାଣୁ। ମାତ୍ର ଆମ ପରବର୍ତ୍ତୀ ପିଢ଼ି ଏ ସବୁଥିରୁ ବଞ୍ଚିତ। କାରଣ କେତୋଟି ଜାତୀୟ ଦିବସ ଭିନ୍ନ ଅନ୍ୟ କୌଣସି ଦିନରେ ଆମେ ସେମାନଙ୍କ କାନରେ ଏକଥା ପକାନ୍ତି ନାହିଁ।

ଛାତ୍ରଜୀବନରୁ ପାଠପଢ଼ା, ଘରଦ୍ୱାର ଛାଡ଼ି ସ୍ୱାଧୀନତା ଆନ୍ଦୋଳନରେ ଲକ୍ଷ ଲକ୍ଷ ସଂଖ୍ୟାରେ ଝାସ ଦେଇଥିବା ବ୍ୟକ୍ତିତ୍ୱଙ୍କ ଉଦାହରଣ ଆମ ଇତିହାସରେ ଅଭାବ ନାହିଁ। କିନ୍ତୁ ଅଭାବ ଅଛି ସେହିମାନଙ୍କ ଆଦର୍ଶ, ଯାହା ନୂତନ ପିଢ଼ିଙ୍କୁ ଭବିଷ୍ୟତ ଭାରତ ପାଇଁ ଯୋଗ୍ୟ କରିବ।

**– ରବିନାରାୟଣ ସାମଲ**
**ମୋ: ୮୯୦୮୯୪୭୬୯୯**

# ଅଧୁରା ରହିଛି ଅନେକ ସ୍ୱପ୍ନ

ସରକାର ଜନସାଧାରଣଙ୍କ ପାଇଁ ଅନେକ ଆଇନ ପ୍ରଣୟନ କରିଛନ୍ତି। ହେଲେ ଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରୁନାହିଁ। ଏଥି ଲାଗି ରାଜନୈତିକ ଦଳର ବ୍ୟକ୍ତିମାନେ ବି ଦାୟୀ। କେବଳ ଆଇନ ଘୋଷଣା ଓ ଲାଗୁ କଲେ ସ୍ୱାଧୀନତା ମିଳେ ନାହିଁ। ଏହାକୁ ପାଳନ କରିବା ନିହାତି ଆବଶ୍ୟକ। ସେ ସମୟରେ ସଂଗ୍ରାମୀମାନଙ୍କ ଅନେକ ସ୍ୱପ୍ନ ରହିଥିଲା, ଯାହାକି ଅଧୁରା ହୋଇ ରହିଯାଇଛି। ଦଳିତଙ୍କ ଉନ୍ନତି, ବୈଷମ୍ୟବାଦ ଶେଷ କରିବା, ଦାରିଦ୍ର୍ୟ ଦୂର, ସମସ୍ତଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଉପଲବ୍ଧ କରିବା ଆଦି ଅନେକ ସ୍ୱପ୍ନ ରହିଥିଲା। ଅବଶ୍ୟ ଏବେ ରାଜ୍ୟ ଓ ଦେଶ କିଛି କ୍ଷେତ୍ରରେ ବିକଶିତ ହୋଇଛି, ହେଲେ ବାସ୍ତବରେ ସେତେ ନୁହେଁ। ଯାହା ଲକ୍ଷ୍ୟ ଥିଲା ହାସଲ ହୋଇପାରି ନାହିଁ। ଆଜିକାର ସମାଜରେ ଶ୍ରମିକ, ଗରିବ ଖଟିଖିଆଙ୍କ ପାଖରେ ସରକାରୀ ସୁବିଧା ଅପହଞ୍ଚ। ପଡ଼ୋଶୀ ରାଜ୍ୟଠାରୁ ଓଡ଼ିଶା ଅନେକ କ୍ଷେତ୍ରରେ ପଛୁଆ ହୋଇ ରହିଯାଇଛି। ଏଥିରେ ନିର୍ବାଚିତ ପ୍ରତିନିଧି, ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା ଅଭାବ ଜଣାପଡୁଛି। ତେଣୁ ଆହୁରି ଅନେକ ସ୍ୱପ୍ନ ଅଧୁରା ରହିଯାଇଛି ବୋଲି କହିଛନ୍ତି ସ୍ୱାଧୀନତା ସଂଗ୍ରାମୀ ପ୍ରଫେସର ଡ. ଦୁର୍ଗାପ୍ରସାଦ ନାୟକ।


ପ୍ରଫେସର ଡ. ଦୁର୍ଗାପ୍ରସାଦ ନାୟକ

୧୯୨୪ ଅକ୍ଟୋବର ୧ରେ ତାଙ୍କ ଜନ୍ମ। ୧୮ ବର୍ଷ ବୟସରେ ସେ ଭାରତ ଛାଡ଼ ଆନ୍ଦୋଳନରେ ଯୋଗ ଦେଇଥିଲେ। ୧୯୪୫ରେ ଏଆଇଏସ୍‌ଏଫ୍‌ର ପଶ୍ଚିମ ଓଡ଼ିଶା ଶାଖାର ନେତୃତ୍ୱ ନେଇଥିଲେ ସେ। ୧୯୪୬ରେ କମ୍ୟୁନିଷ୍ଟ ପାର୍ଟିରେ ସଦସ୍ୟତା ଗ୍ରହଣ କରି ପରେ ପ୍ରତ୍ୟକ୍ଷ ରାଜନୀତିରେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟ କରିଥିଲେ। ବିଭିନ୍ନ ଟ୍ରେଡ୍ ୟୁନିୟନ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଶ୍ରମ ଆଇନକୁ ଠିକ୍ ଭାବେ ଜାଣି ସରକାରଙ୍କ ବିରୋଧରେ ଲଢ଼େଇ କରିଥିଲେ। ବିଭିନ୍ନ ସାମାଜିକ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ସଦସ୍ୟ ରହି କାର୍ଯ୍ୟ କରିଥିଲେ। ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ଏମ୍‌କମ୍ ପାସ୍ କରି ଗଙ୍ଗାଧର ମେହେର କଲେଜ ସହ ବିଭିନ୍ନ କଲେଜରେ ଶିକ୍ଷାଦାନ କରିଛନ୍ତି। ସୋନପୁର କଲେଜରୁ ୧୯୮୨ରେ ଅବସର ଗ୍ରହଣ କରିଥିଲେ। ୧୯୭୬ରେ ଇସକପ୍ ଓ ଶାନ୍ତି ସଂହତି ପରିଷଦରେ ପ୍ରତିନିଧି ଭାବେ ଦେଶ ବାହାରେ ସୋଭିଏତ୍ ୟୁନିୟନ ଓ ହଙ୍ଗେରି ବୈଠକରେ ଯୋଗ ଦେଇଥିଲେ।

**–ରିପୋର୍ଟ: ଶୁଭାଶିଷ ପାଢ଼ୀ, ସମ୍ବଲପୁର**







# କାରାଦଣ୍ଡ ୨୨ବର୍ଷ ୬ମାସ

ସେ ଥିଲେ ସ୍ୱାଧୀନତା ସଂଗ୍ରାମୀ। ତାଙ୍କୁ ଧରାଇଦେଲେ ୫ଶହ ଟଙ୍କାର ପୁରସ୍କାର ମିଳିବ ବୋଲି ଘୋଷଣା କରିଥିଲା ତତ୍କାଳୀନ ଇଂରେଜ ସରକାର। ରେଳଧାରଣା କାଟିବା, ପୋଷ୍ଟ ଅଫିସ ପୋଡ଼ିବା ଓ ପୋଲିସ ପୋଷାକକୁ ପୋଡ଼ି ସେତେବେଳେ ସେ ଦୁର୍ଦ୍ଧର୍ଷ ସଂଗ୍ରାମୀ ପରିଚୟ ପାଇଥିଲେ। ତେବେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଇଂରେଜ ସରକାର ୨୨ ବର୍ଷ ୬ ମାସ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ସେ ହେଲେ ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ତିଗିରିଆ ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ କୃଷ୍ଣମୋହନ ରାଉତରାୟ।


କୃଷ୍ଣମୋହନ ରାଉତରାୟଙ୍କ ପ୍ରତିମୂର୍ତ୍ତି

୧୮୯୯ ଜୁନ୍ ୨୮ରେ ଜନ୍ମିତ କୃଷ୍ଣମୋହନଙ୍କ ପିତା ଆନନ୍ଦ ଚନ୍ଦ୍ର ରାଉତରାୟ ତତ୍କାଳୀନ ରାଜକନିକା ରାଜାଙ୍କର ଗୁମାସ୍ତା ଭାବରେ କାର୍ଯ୍ୟ କରୁଥିଲେ। ରାଜକନିକା ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ସମୟରେ ତାଙ୍କ ସଂଗ୍ରାମୀ ଜୀବନ ଆରମ୍ଭ ହୋଇଥିଲା। ପ୍ରଜା ଆନ୍ଦୋଳନରେ କୃଷ୍ଣ ମୋହନଙ୍କ ସାମିଲ ହେବା ଖବର ତତ୍କାଳୀନ କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ନିକଟରେ ପହଞ୍ଚିଲା। ସେଠାରୁ ପୁଅକୁ ହଟାଇନେବାକୁ ବାପା ଆନନ୍ଦ ଚନ୍ଦ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଭଦ୍ରକ ହାଇସ୍କୁଲରେ ତାଙ୍କର ପାଠପଢ଼ା ଚାଲିଲା। ସେଠାରେ ବି ଇଂରେଜ ସରକାର ବିରୋଧରେ ଛାତ୍ର ଆନ୍ଦୋଳନ ଆରମ୍ଭ କଲେ କୃଷ୍ଣମୋହନ। ଏହି ଖବର ଇଂରେଜ ସରକାରଙ୍କ ନିକଟରେ ପହଞ୍ଚିଲା, ତାଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଗଲା। ସେଠାରୁ ଗାଁକୁ ଫେରିଆସି କେତେଜଣ ଯୁବକଙ୍କୁ ସାଥିରେ ଧରି ଆନ୍ଦୋଳନ କରିବାରୁ ତାଙ୍କୁ ଗିରଫ କରି ଜେଲରେ ଭର୍ତ୍ତିକରିଦେଲେ ଇଂରେଜ ସରକାର। ବର୍ଷଟିଏ ପରେ ଜେଲରୁ ଫେରି ବିଭିନ୍ନ ସ୍ଥାନରେ ଯୁବଗୋଷ୍ଠୀଙ୍କୁ ଏକତ୍ରିତ କରି ଆନ୍ଦୋଳନ ଆରମ୍ଭ କରିଥିଲେ। ସେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର ପ୍ରମୁଖ ବିଶିଷ୍ଟ ନେତାଙ୍କ ଗହଣରେ ସାମିଲ ହୋଇ ନିଷ୍ଠାର ସହ ଜନସେବାରେ ଆଗେଇଯାଇଥିଲେ। ୧୯୩୦ରେ ବଡ଼ଚଣା ବ୍ଲକର ଖଡ଼ଗପୁରଠାରେ ସ୍ୱରାଜ ଆଶ୍ରମ ପ୍ରତିଷ୍ଠା କରିଥିଲେ। ଏହା ପରେ ନିଜସ୍ୱ ଉଦ୍ୟମରେ ଏକ ବାନରସେନା ଗଠନ କରି ସାରା ଜିଲାରେ ସତ୍ୟାଗ୍ରହ ସହ ବିଦେଶୀ ବସ୍ତ୍ରବର୍ଜନ ଓ ଆନ୍ଦୋଳନ ପାଇଁ ତାଲିମ ପ୍ରଦାନ କରିଥିଲେ। ୧୯୩୧ରେ ଗୋପବନ୍ଧୁ ଚୌଧୁରୀ ଓ ରମା ଦେବୀଙ୍କ ସହ ମିଶି ଲବଣ ସତ୍ୟାଗ୍ରହ ଆରମ୍ଭ କରିଥିଲେ। ଇଂରେଜ ସରକାର ତାଙ୍କୁ ଧରାଇଦେବା ଲାଗି ସେତେବେଳେ ୫ ଶହ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ଏହା ପରେ ସେ ଲୁଚି ଲୁଚି ଓଡ଼ିଶା ସାରା ବୁଲି ଆନ୍ଦୋଳନକୁ ଜୋରଦାର କରିଥିଲେ। ଏଥିସହ ସେ ଓଡ଼ିଶାରୁ କଂଗ୍ରେସର ପ୍ରତିନିଧିତ୍ୱ କରି ୧୯୪୦ରେ କଂଗ୍ରେସ ଜୋନାଲ କମିଟିର ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ବମ୍ବେର ନାସିକ ଠାରେ ଅନୁଷ୍ଠିତ କଂଗ୍ରେସର ଜାତୀୟ ସମ୍ମିଳନୀରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରି ବେଶ୍ ଚର୍ଚ୍ଚାରେ ରହିଥିଲେ। ତେବେ ୧୯୪୨ରେ ସେ ଗିରଫ ହେବା ପରେ ଇଂରେଜ ସରକାର ତାଙ୍କୁ ୨୨ ବର୍ଷ ୬ ମାସ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଯାହାକି ସେ ସମୟର ଥିଲା ଏକ ବିରଳ ଘଟଣା। ଜଣେ ମହାନ୍ ସଂଗ୍ରାମୀ ଭାବେ ଡାକଘର ପୋଡ଼ି, ରେଳଧାରଣା କାଟିବା, ଇଂରେଜ ବ୍ୟକ୍ତିମାନଙ୍କୁ ମାରିବା, ବିଦେଶୀ ବସ୍ତ୍ର ପୋଡ଼ିବା ଆଦି ବହୁ ସଙ୍ଗିନ ଦଫା ତାଙ୍କ ବିରୋଧରେ ଲାଗିଥିଲା। ୧୯୪୬ ଏପ୍ରିଲ ୨୩ରେ ସେ କାରାମୁକ୍ତ ହୋଇଥିଲେ। ତେବେ ୧୯୫୧ ଫେବୃୟାରୀ ୯ରେ ଏହି ସଂଗ୍ରାମୀଙ୍କର ଅକାଳ ବିୟୋଗ ହୋଇଥିଲା। ଛାତ୍ର ଜୀବନରୁ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିବା କ୍ରାନ୍ତିକାରୀ କୃଷ୍ଣମୋହନଙ୍କୁ କେବଳ ଗୋଟିଏ ପ୍ରତିମୂର୍ତ୍ତିରେ ସୀମିତ ରଖାଯାଇଛି। ତାଙ୍କର ଦୀର୍ଘ ୩୭ ବର୍ଷର ସଂଗ୍ରାମୀ ଜୀବନ ସମ୍ପର୍କରେ କୌଣସି ପ୍ରଚାର ପ୍ରସାର ଅଦ୍ୟାବଧି ହୋଇନାହିଁ। ଏ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଜଣାଇବାର ଆବଶ୍ୟକତା ରହିଥିବା ବୁଦ୍ଧିଜୀବୀମାନେ ମତପୋଷଣ କରନ୍ତି।

**– ରିପୋର୍ଟ: ପ୍ରଦୀପ୍ତ କୁମାର ପୃଷ୍ଟି, ଚଣ୍ଡିଖୋଲ**






# ମୁକ୍ତି ସଂଗ୍ରାମରେ...


କଟକ ଦରଘାବଜାର ସ୍ଥିତ ପୁରାତନ ଜେଲ୍ ପରିସରରେ ଥିବା ସ୍ୱାଧୀନତା ସଂଗ୍ରାମ ସ୍ମାରକୀ ଭବନ ୱାର୍ଡ।

**ଭାରତୀୟ ମୁକ୍ତି ସଂଗ୍ରାମରେ କଟକ ନଗରର ଅବଦାନ ଅନେକ। ଏହିଠାରୁ ରାଜ୍ୟର କୋଣ ଅନୁକୋଣକୁ ପ୍ରତିଧ୍ୱନିତ୍ୱ ହେଉଥିଲା ସଂଗ୍ରାମର ଡାକ ଓ ରାଜ୍ୟବ୍ୟାପୀ ସୃଷ୍ଟି କରୁଥିଲା ନବଜାଗରଣ। ସ୍ୱାଧୀନତା ଆନ୍ଦୋଳନର ଅନେକ ଶିଖର ପୁରୁଷଙ୍କ ପାଦ କଟକ ମାଟିରେ ପଡ଼ିଛି ଓ ଏଇ ମାଟିରୁ ହିଁ ସୃଷ୍ଟି ହୋଇଛନ୍ତି ଓଡ଼ିଶାର ଅନେକ କ୍ରାନ୍ତିକାରୀ ପୁରୁଷ। ମୁକ୍ତିସଂଗ୍ରାମର ସେଇ ଘଟଣାବହୁଳ ଇତିହାସର ମୂକ ସାକ୍ଷୀ ସ୍ୱରାଜ ଆଶ୍ରମ, କାଠଯୋଡ଼ି କୂଳ, ଚୌଧୁରୀ ନିବାସ, ରେଭେନ୍ସା, ଗୁଣନିଧି ଭବନ ଓ ଦରଘାବଜାର ଜେଲ୍।**

## ସ୍ୱରାଜ ଆଶ୍ରମରୁ କ୍ରାନ୍ତିକାରୀଙ୍କ ଅଭ୍ୟୁଦୟ

ଓଡ଼ିଶା ସ୍ୱାଧୀନତା ସଂଗ୍ରାମର ଅନୁଡିଶାଳ ଭାବେ ପରିଚିତ ସ୍ୱରାଜ ଆଶ୍ରମ କଟକର ସାହେବଜାଦା ବଜାରରେ ରହିଛି। ମହାତ୍ମା ଗାନ୍ଧୀ ଏଠାରେ ଦିନ କାଟିଛନ୍ତି। ଗାନ୍ଧିଜୀ ଯେଉଁ କୋଠରିରେ ରହିଥିଲେ, ଏବେ ସେଠାରେ ତାଙ୍କର ପ୍ରତିମୂର୍ତ୍ତି ରଖାଯାଇଛି। ମୋତିଲାଲ ନେହେରୁ, ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ରାଜ ଗୋପାଳଚାରୀ, ଡ. ରାଜେନ୍ଦ୍ର ପ୍ରସାଦଙ୍କ ଭଳି ବିଶାଳ ବ୍ୟକ୍ତିତ୍ୱ ଏଠାକୁ ଆସିଛନ୍ତି।

## କାଠଯୋଡ଼ି କୂଳରେ ଅସହଯୋଗ ଆନ୍ଦୋଳନର ସମାବେଶ

ଗୋପବନ୍ଧୁ ୧୯୨୧ ଜାନୁୟାରୀ ୨୪ରେ କାଠଯୋଡ଼ି ନଦୀକୂଳରେ ଏକ ବିରାଟ ସାଧାରଣ ସଭାର ଆୟୋଜନ କରି ଅସହଯୋଗ ଆନ୍ଦୋଳନରେ ସାମିଲ ହେବାକୁ କଟକବାସୀଙ୍କୁ ଆହ୍ୱାନ ଦେଇଥିଲେ। ସେହିବର୍ଷ ମାର୍ଚ୍ଚ ୨୩ ତଥା ଦୋଳପୂର୍ଣ୍ଣମୀରେ ମହାତ୍ମା ଗାନ୍ଧୀ କଟକରେ ପହଞ୍ଚିଥିଲେ। ଉକ୍ତଦିନ ସନ୍ଧ୍ୟାରେ କାଠଯୋଡ଼ି ବାଲିରେ ଏକ ବିରାଟ ସାଧାରଣ ସଭାରେ ଗାନ୍ଧିଜୀ ଉଦ୍‌ବୋଧନ ଦେଇଥିଲେ। ପ୍ରାୟ ୫୦ ହଜାର ଲୋକ ସଭାରେ ଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ ଡ. ହରେକୃଷ୍ଣ ମହତାବ ତାଙ୍କର 'ଗାନ୍ଧିଜୀ ଓ ଓଡ଼ିଶା' ପୁସ୍ତକରେ ଲେଖିଛନ୍ତି।

## ଆଇନ ଅମାନ୍ୟ ଆନ୍ଦୋଳନରେ କଟକ

୧୯୩୦ ଡିସେମ୍ବର ୧୩ରେ କଟକସ୍ଥିତ କଂଗ୍ରେସ ଅଫିସରେ ତାଲା ଝୁଲାଇ ଦିଆଯିବା ଯୋଗୁ ତା' ପରଦିନ ସମଗ୍ର କଟକରେ ପୂର୍ଣ୍ଣ ହରତାଳ ଦେଖିବାକୁ ମିଳିଥିଲା। ଏହାକୁ ନଜରରେ ରଖି ବ୍ରିଟିଶ ସରକାର ପୂର୍ବରୁ ମାଳତୀ ଚୌଧୁରୀ, ଲିଙ୍ଗରାଜ ମିଶ୍ରଙ୍କ ସମେତ ଅନେକ ବଡ଼ ନେତାଙ୍କୁ ଗିରଫ କରି ନେଇଥିଲେ। ଗାନ୍ଧିଜୀଙ୍କ ଆହ୍ୱାନ ପରେ ଆଇନ ଅମାନ୍ୟ ଆନ୍ଦୋଳନ କଟକର କୋଣ ଅନୁକୋଣକୁ ସଞ୍ଚରି ଯାଇଥିଲା।

## ଚୌଧୁରୀ ନିବାସରୁ ଇଞ୍ଚୁଡ଼ି ସତ୍ୟାଗ୍ରହର ସୂତ୍ରପାତ

ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଥିଲେ। କଟକ ବାଖରାବାଦସ୍ଥିତ ତାଙ୍କର ପୈତୃକ ଗୃହ ଆନ୍ଦୋଳନର ଅନ୍ୟତମ ମୂକସାକ୍ଷୀ। ୧୯୩୦ ଜାନୁୟାରୀ ୨୬କୁ ପୂର୍ଣ୍ଣ ସ୍ୱରାଜ ଦିବସ ଘୋଷଣା କରାଯିବା ପରେ ଏହି ଚୌଧୁରୀ ନିବାସରେ ହିଁ ଜାତୀୟ ପତାକା ଉଡ଼ିଥିଲା। ସେହିଦିନ ଅପରାହ୍ନରେ ଗୋପବନ୍ଧୁ ଚୌଧୁରୀ ସ୍ୱରାଜର ସଙ୍କଳ୍ପନା ପାଠ କରାଇଥିଲେ। ଏହି ଘର ପିଣ୍ଡାରୁ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ଇଞ୍ଚୁଡି ଲବଣ ସତ୍ୟାଗ୍ରହ ଯାତ୍ରା ଆରମ୍ଭ କରାଯାଇଥିଲା। ପରେ କେନ୍ଦ୍ରାପଡ଼ାରେ ଗୋପବନ୍ଧୁ ଗିରଫ ହୋଇଥିଲେ। ସେଠାରୁ ଆଚାର୍ଯ୍ୟ ହରିହରଙ୍କ ନେତୃତ୍ୱରେ ଏହି ଯାତ୍ରା ଇଞ୍ଚୁଡିରେ ପହଞ୍ଚିଥିଲା। ବର୍ତ୍ତମାନ ଏହି ସ୍ଥାନରେ ଗାନ୍ଧୀ ବିଚାରଧାରାର ପ୍ରଚାର ପ୍ରସାର ପାଇଁ ଉତ୍କଳ ଗାନ୍ଧୀ ସ୍ମାରକୀ ନିଧି କାର୍ଯ୍ୟ କରୁଛି।

## ଆନ୍ଦୋଳନକୁ ଓହ୍ଲାଇଥିଲେ ରେଭେନ୍ସା ଛାତ୍ରଗୋଷ୍ଠୀ

ରେଭେନ୍ସା ବିଶ୍ୱବିଦ୍ୟାଳୟସ୍ଥିତ ହେରିଟେଜ ହଲ୍‌ରେ ସ୍ୱାଧୀନ ଓଡ଼ିଶାର ପ୍ରଥମ ବିଧାନସଭା ବୈଠକ ବସିଥିଲା। ସ୍ୱାଧୀନତା ସଂଗ୍ରାମୀ ପ୍ରହଲ୍ଲାଦ ରାୟ ଅଗ୍ରୱାଲ ଏକଦା ନିଜ ସାକ୍ଷାତ୍‌କାରରେ କହିଥିଲେ, ରେଭେନ୍ସା କଲେଜରେ ପାଠପଢ଼ା ସମୟରୁ ଅନେକ ଛାତ୍ର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆହ୍ୱାନରେ ରେଭେନ୍ସା ଛାତ୍ର ଗୋଷ୍ଠୀ ସ୍ୱାଧୀନତା ଆନ୍ଦୋଳନକୁ ଓହ୍ଲାଇଥିଲେ।

## ଗୁଣନିଧି ଭବନରେ ପ୍ରସ୍ତୁତ ହେଉଥିଲା ବିପ୍ଲବର ବ୍ଲୁ ପ୍ରିଣ୍ଟ

ଥୋରିଆସାହିସ୍ଥିତ ଗୁଣନିଧି ଭବନ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ସ୍ମାରକୀ ପୀଠ। ସଂଗ୍ରାମୀ ଗୁଣନିଧି ମହାନ୍ତି ସଂଗ୍ରାମୀମାନଙ୍କୁ ଏହି ଭବନରେ ଆଶ୍ରୟ ଦେଉଥିଲେ ଓ ଏଠାରେ ବ୍ରିଟିଶ ସରକାର ବିରୋଧରେ ବିପ୍ଲବର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହେଉଥିଲା। ଭୂଦାନ ଆନ୍ଦୋଳନ, ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଓ ଭାରତଛାଡ଼ ଆନ୍ଦୋଳନରେ ଏହି ଭବନର ବହୁତ ଅବଦାନ ରହିଥିଲା।

## ଦରଘାବଜାର ଜେଲ୍‌ରେ ବନ୍ଦୀ ଥିଲେ ବିଶିଷ୍ଟ ସଂଗ୍ରାମୀ

କଟକ ଦରଘାବଜାରରେ ରହିଛି ରାଜ୍ୟର ପୁରାତନ ଜେଲ। ୧୮୬୩ରେ ଇଂରେଜମାନେ ଏହାକୁ ନିର୍ମାଣ କରିଥିଲେ। ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନରେ ଗୋପବନ୍ଧୁ ଦାସ, ମଧୁସୂଦନ ଦାସ ଏବଂ ନବକୃଷ୍ଣ ଚୌଧୁରୀଙ୍କ ଭଳି ଅନେକ ସଂଗ୍ରାମୀ ଏଠାରେ ବନ୍ଦୀ ଜୀବନ କାଟିଥିଲେ। ରାଜ୍ୟ ସରକାର ୨୦୧୦ରେ ଏହାକୁ ସ୍ମାରକୀ ଘୋଷଣା କରିଥିଲେ।

**– ରିପୋର୍ଟ: ଅଶୋକ କୁମାର ବାରିକ, କଟକ**

# କାହିଁ ଗାନ୍ଧୀଙ୍କ କୁଟୀରଶିଳ୍ପ ନୀତି


ରାମହରି ଗୋସ୍ୱାମୀ

ଭଦ୍ରକ ଜିଲା ଧାମନଗର ବ୍ଲକର ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀ। କୃଷ୍ଣ ଚନ୍ଦ୍ର ଗୋସ୍ୱାମୀ ଏବଂ ମାତା ସତୀ ଦେଇଙ୍କଠାରୁ ୧୯୨୬ରେ ଧୂଷୁରୀ ପଞ୍ଚାୟତର ସଂଗ୍ରାମୀ ମାଟି ସୂର୍ଯ୍ୟପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଛାତ୍ରାବସ୍ଥାରେ ଅର୍ଥାତ୍ ମାତ୍ର ୧୬/୧୭ ବର୍ଷ ବୟସରେ ମହାତ୍ମା ଗାନ୍ଧୀଙ୍କ ଭାରତ ଛାଡ଼ ଆନ୍ଦୋଳନ ଡାକରାରେ ଉଦ୍‌ବୁଦ୍ଧ ହୋଇ ସେ ସଂଗ୍ରାମରେ ସାମିଲ ହୋଇଥିଲେ। ଭଣ୍ଡାରୀ ପୋଖରୀ ଥାନାପୋଡ଼ି, ଲୁଣିଆ ଗୁଳିକାଣ୍ଡ ଏବଂ ସ୍ୱାଧୀନତା ସଂଗ୍ରାମରେ ପ୍ରତ୍ୟକ୍ଷ ଭାବେ ଜଡିତ ହୋଇ ବାଲେଶ୍ୱର ଜେଲରେ କିଛି ମାସ କାରାବରଣ କରିଥିଲେ। ପ୍ରକୃତ ସ୍ୱାଧୀନତାର ସ୍ୱାଦ ଭାରତବାସୀ ଚାଖି ନ ଥିବା ସେ ପ୍ରକାଶ କରିଛନ୍ତି। ଏବେ ସରକାର ସଂଗ୍ରାମୀଙ୍କୁ ଓ ସେମାନଙ୍କ ଅନ୍ତେ ସେମାନଙ୍କ ସହଧର୍ମିଣୀଙ୍କୁ ପେନସନ ଦେଉଛନ୍ତି। ତେବେ ସେମାନଙ୍କ ଅନ୍ତେ ତାଙ୍କ ବଂଶଧରଙ୍କୁ କିଛି ସହାୟତା ପ୍ରଦାନ କଲେ ତ୍ୟାଗୀ ପରିବାରର ଲୋକେ ଉପକୃତ ହୁଅନ୍ତେ ବୋଲି ସେ କହିଛନ୍ତି। ଏବେ ଦେଶର ଶାସନତନ୍ତ୍ରରେ ଲୋକଦେଖାଣିଆ ଭାବ ବେଶି ରହୁଛି। ଦେଶରେ ସବୁ ରାଜନୈତିକ ଦଳ ବିକାଶ କରିଥିଲେ ମଧ୍ୟ ବେକାରି ଏବଂ ଦୁର୍ନୀତି ସମସ୍ୟା ଚରମରେ ପହଞ୍ଚି ସାଧାରଣ ଜନତାଙ୍କୁ ପରାଧୀନ ଅବସ୍ଥାକୁ ନେଇ ଆସୁଛି। ମହାତ୍ମା ଗାନ୍ଧୀଙ୍କ କୁଟୀରଶିଳ୍ପ ନୀତିକୁ ସରକାର ସମ୍ପୂର୍ଣ୍ଣ ଭାବେ ଭୁଲି ଯାଇ ବଡ଼ ଭୁଲ୍ କରୁଛନ୍ତି। ଯାହାଦ୍ୱାରା ବେକାରି ସମସ୍ୟା ଦୂର ହୋଇ ପାରୁ ନ ଥିବା ସେ କହିଛନ୍ତି।

**– ରିପୋର୍ଟ: ଅଜିତ ରାଉତ, ଧାମନଗର**

# ସଂଗ୍ରାମୀଙ୍କ ଗାଁ କୃଷ୍ଣନଗର

କୃଷ୍ଣନଗର, ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏହି ଗାଁର ରହିଛି ସ୍ୱତନ୍ତ୍ର ସ୍ଥାନ। ଯାଜପୁର ଜିଲା ବରୀ ଅଞ୍ଚଳର ଏହି ଗାଁଟି ସଂଗ୍ରାମୀଙ୍କ ଗାଁ ଭାବେ ବିଦିତ। ୧୯୪୨ ଅଗଷ୍ଟ ୨୬ରେ କଳାମାଟିଆ ଠାରେ ହୋଇଥିବା ଗୁଳିକାଣ୍ଡରେ ଶହୀଦ ହୋଇଥିଲେ ୪ଜଣ ସଂଗ୍ରାମୀ। ଏମାନଙ୍କ ମଧ୍ୟରୁ ଦୁଇଜଣଙ୍କର ଘର ଏହି ଗାଁରେ। ପୁଣି ଏହି ଗାଁରୁ ଜନ୍ମ ନେଇଥିଲେ ୧୮ ଜଣ ସଂଗ୍ରାମୀ। ଭାରତ ଛାଡ଼ ଆନ୍ଦୋଳନ ସମୟରେ କଳାମାଟିଆ ଠାରେ ୪ ଜଣ ଶହୀଦ ହୋଇଥିଲେ। ଉକ୍ତ ଗ୍ରାମଟି ନଦୀ ଆରପଟର ନିକଟତର ହୋଇଥିବାରୁ ଏହି ସମୟରେ ଶହ ଶହ ସଂଖ୍ୟାରେ ଦେଶପ୍ରେମୀ ଘଟଣା ସ୍ଥଳରେ ପହଞ୍ଚି ବ୍ରିଟିଶ ଫୌଜକୁ ମୁକାବିଲା କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେଦିନର ଅଙ୍ଗେନିଭା ଘଟଣା ସତେ ଯେମିତି ଏମାନଙ୍କୁ ଦେଶମାତୃକାର ସେବା ଲାଗି ସଂଗ୍ରାମ କରିବାକୁ ପ୍ରବର୍ତ୍ତାଇଥିଲା। ଏହି ଗାଁର ବେଣୁଧର ସାମଲ, ଅନାମ ଚନ୍ଦ୍ର ଦାଶ, ଧ୍ରୁବ ଚରଣ ରାୟ, ଇନ୍ଦ୍ରମଣି ତ୍ରିପାଠୀ, ବୀର କିଶୋର ରାୟ, ସୁରେନ୍ଦ୍ର ଶୁକ୍ଲ, ହଳଧର ଦାଶ, ରସାନନ୍ଦ ଶୁକ୍ଲ, ଜୟମଣି ସାମଲ, କପିଳ ଚରଣ ଶୁକ୍ଲ, ଭିକାରୀ ଚରଣ ମହାନ୍ତି, ଭାଗବତ ନାୟକ, ତ୍ରିଲୋଚନ ମହାନ୍ତି, ମୁରଲୀଧର ରାୟ, ହୃଷୀକେଶ ରାୟ ପ୍ରମୁଖ ସଂଗ୍ରାମୀ ଭାବେ ଦେଶ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। ଗାଁ ଶେଷ ମୁଣ୍ଡ ଶୈବପୀଠ ଅଷ୍ଟଶମ୍ଭୁ ମନ୍ଦିର ନିକଟରେ ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ 'ଗାନ୍ଧୀ ମଣ୍ଡପ' ନାମରେ ଏକ ଗୃହ ନିର୍ମିତ ହୋଇଛି। ଗୃହ ମଧ୍ୟରେ ସେହି ଗାଁର ଦୁଇଜଣ ଶହୀଦ ଓ ଅନ୍ୟ ସଂଗ୍ରାମୀଙ୍କର ନାମଫଳକ ମଧ୍ୟ ସ୍ଥାନ ପାଇଛି। ଏତଦ୍‌ବ୍ୟତୀତ ଗାନ୍ଧୀ ମଣ୍ଡପ ନିକଟରେ ହଳଧର ଦାଶ ମେମୋରିଆଲ ଟ୍ରଷ୍ଟ ନାମରେ ଏକ ଗୃହ ନିର୍ମିତ ହୋଇଛି। ପ୍ରତିବର୍ଷ ସ୍ୱାଧୀନତା ଦିବସରେ ଏଥିରେ ପତାକା ଉତ୍ତୋଳନ ସହିତ ଗାଁର ବହୁ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ପୂର୍ବଜଙ୍କ ଠାରୁ ଶୁଣିଥିବା ସଂଗ୍ରାମ ବେଳର କଥା ବଖାଣିଥାନ୍ତି। ଏହି ଗ୍ରାମର ଶେଷ ସଂଗ୍ରାମୀ ଭାବେ ହଳଧର ଦାଶ, ଭିକାରୀ ଚରଣ ମହାନ୍ତି ଓ ସୁରେନ୍ଦ୍ର ଶୁକ୍ଲ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଅଗଷ୍ଟ ମାସ ଆସିଲେ କେବଳ କୃଷ୍ଣନଗର ନୁହେଁ ବରୀ ଅଞ୍ଚଳର ବୁଦ୍ଧିଜୀବୀ, ସଂଗ୍ରାମୀ ଦାୟାଦ ମନେପକାନ୍ତି ମାଟି ମା' ପାଇଁ ଜୀବନ ଦେଇଥିବା ଓ ସଂଗ୍ରାମ କରି କାରାବରଣ କରିଥିବା ବୀର ପୁରୁଷଙ୍କ ଗାଥା। ଆଜି ଦେଶ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିବା ବେଳେ ସତେ ଯେପରି ସଂଗ୍ରାମୀ ପୁଅଙ୍କୁ ହରାଇ ଏହି ଗାଁ ଲାଗୁଛି ଖାଁ ଖାଁ।

**– ରିପୋର୍ଟ: ମହେନ୍ଦ୍ର ସ୍ୱାଇଁ, ବରୀ**












## ମାଲକାନଗିରିରୁ ଚିହ୍ନଟ ହେଲେ ୫୨

ମାଲକାନଗିରି,(ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ଶୁକ୍ରବାର ୫୨ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ମାଲକାନଗିରି ପୌର ପରିଷଦଅଞ୍ଚଳରୁ ୧୧ ଜଣ, ବାଲିମେଳା ଏନଏସିରୁ ୧୪, କାଲିମେଳା ବ୍ଲକରୁ ୧୧, କୋରୁକୋଣ୍ଡା ବ୍ଲକରୁ ୮, ଖଇରପୁଟ ବ୍ଲକରୁ ୨, ମାଲକାନଗିରି ବ୍ଲକରୁ ୨ ଓ ମାଥିଲି ବ୍ଲକରୁ ୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜିଲାରେ ମୋଟ ୧୦୮୩ ଜଣ ଚିହ୍ନଟ ହୋଇଥିବା ବେଳେ ୬୮୯ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୩୯୨ ଜଣ ଚିକିତ୍ସାଧୀନ ଅଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ ଆରୋହୀ ମୃତ

ଡାବୁଗାଁ, ୧୪।୮ (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ସରାଗୁଡା ଛକ ନିକଟରେ ଏକ ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଡାବୁଗାଁ ବ୍ଲକ ଭେଲୁଆଗୁଡା ଗ୍ରାମର ଦଇନୁ କଲାର (୫୬)। ଦଇନୁ ଶୁକ୍ରବାର ସକାଳେ ବାଇକରେ ଉମରକୋଟ ଆଡକୁ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଗାଡି ତାଙ୍କୁ ସରାଗୁଡା ଛକ ନିକଟରେ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା କଡକୁ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଡାବୁଗାଁ ଥାନା ସବ୍‌ଇନ୍ସପେକ୍ଟର ଫକୀର ମୋହନ ଖୁରା, ଅରୁଣ ପଟ୍ଟନାୟକ ଓ ଏଏସ୍‌ଆଇ ଜଗଦୀଶ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଦୁର୍ଘଟଣାଗ୍ରସ୍ତ ବାଇକକୁ ପୋଲିସ ଜବତ କରିଛି।

### ରାଇଘର ପଞ୍ଚାୟତ ଶଟ୍‌ଡାଉନ

ରାଇଘର, ୧୪।୮(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦରମହକୁମା କାଳିସୁନ୍ଦରୀ ସାହିରେ ଗୋଟିଏ ପରିବାରର ୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ପଞ୍ଚାୟତକୁ ସ୍ଥାନୀୟ ସରପଞ୍ଚ ୩ ଦିନ ଶଟ୍‌ଡାଉନ ଘୋଷଣା କରିଛନ୍ତି। ସେ ସମସ୍ତେ ଆନ୍ଧ୍ର ଫେରନ୍ତା ବୋଲି ଜଣାପଡିଛି।
ପ୍ରକାଶ ଯେ, ସେମାନେ ଆନ୍ଧ୍ରରୁ ଫେରି ଟିମନପୁର କ୍ୱାରାଣ୍ଟାଇନ ସେଣ୍ଟରରେ ୧୪ ଦିନ ରହିବା ପରେ ଗୁରୁବାର ଘରକୁ ଫେରିବା ସହ ବଜାରରେ ବୁଲାବୁଲି କରିଥିଲେ। ଆଜି ସେମାନଙ୍କର କରୋନା ରିପୋର୍ଟ ପଜିଟିଭ ବାହାରି ଥିଲା। ଗୋଷ୍ଠୀ ସଂକ୍ରମଣ ରୋକିବାକୁ ସରପଞ୍ଚ ପଞ୍ଚାୟତକୁ ୩ ଦିନ ପାଇଁ ଶଟଡାଉନ୍ ଘୋଷଣା କରିଛନ୍ତି।

### ବୈଦ୍ୟନାଥ ମନ୍ଦିରରୁ ଚୋରି

ନବରଙ୍ଗପୁର,୧୪।୮(ବି.ପ୍ର.)
ନବରଙ୍ଗପୁର ଜିଲା ଉମରକୋଟ ସହର ଗୁଲିପାଟଣା ଅଞ୍ଚଳର ବାବା ବୈଦ୍ୟନାଥ ମନ୍ଦିରରୁ ହୁଣ୍ଡି, ଠାକୁରଙ୍କ ପୂଜା ସାମଗ୍ରୀ ସହ ଅଳଙ୍କାର ସବୁ ଚୋରି ହୋଇଥିବା ସୂଚନା ମିଳିଛି। ସବୁଦିନ ଭଳି ବୁଧବାର ସକାଳୁ ପୂଜକ ମନ୍ଦିରକୁ ଯାଇଥିଲେ। ଏହି ସମୟରେ ମନ୍ଦିର କବାଟ ତାଲା ଭଙ୍ଗାଯାଇ ଜିନିଷ ସବୁ ନ ଥିବା ସେ ଦେଖିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ସେ ମନ୍ଦିର କମିଟିକୁ ଜଣାଇଥିଲେ। ମନ୍ଦିର କମିଟି ଉମରକୋଟ ଥାନାରେ ଏତଲା ଦେଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲା। ଦାନ ହୁଣ୍ଡିରୁ ଟଙ୍କା ନେଇ ଚୋରମାନେ ମନ୍ଦିର ପଛ ପଡ଼ିଆରେ ତାହାକୁ ପକାଇ ଦେଇଥିଲେ। କରୋନା ଯୋଗୁ ୬ମାସ ହେବ ଦାନ ହୁଣ୍ଡି ଖୋଲାଯାଇ ନ ଥିଲା। ସେଥିରେ ୭୦ରୁ ୮୦ ହଜାର ଟଙ୍କା ଥିବା ଅନୁମାନ କରାଯାଉଛି।

### ସଂଗ୍ରାମ ଚନ୍ଦାହାଣ୍ଡି ବିଜେଡି ମିଡିଆ ସଂଯୋଜକ

ଚନ୍ଦାହାଣ୍ଡି,୧୪।୮(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ବିଜେଡିର ମିଡିଆ ସଂଯୋଜକଭାବେ ସଂଗ୍ରାମ କେଶରୀ ସାହୁଙ୍କୁ ମନୋନୀତ କରାଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝିଙ୍କ ଅନୁମୋଦନକ୍ରମେ ଗୁରୁବାର ଦଳୀୟ ବୈଠକରେ ବ୍ଲକ ବିଜେଡି ସଭାପତି ଗୌରହରି ନାୟକ ଏବଂ ଜିଲା ବିଜେଡି ସଂଯୋଜକ ତଥା ବରିଷ୍ଠ ନେତା ପ୍ରମୋଦ କୁମାର ପାଢ଼ୀ ସଂଗ୍ରାମଙ୍କ ନାମକୁ ମୋହର ମାରି ଦଳୀୟ ବିଜ୍ଞପ୍ତି ମାଧମରେ ଘୋଷଣା କରିଛନ୍ତି। ସମସ୍ତଙ୍କ ସହଯୋଗରେ ଦଳୀୟ କାର୍ଯ୍ୟକ୍ରମ କିପରି ଅଧିକ ପ୍ରଚାର ପ୍ରସାର ହୋଇପାରିବ ତା' ଉପରେ ଅଧିକ ଗୁରୁତ୍ୱ ଦେବେ ବୋଲି ସଂଗ୍ରାମ କହିଛନ୍ତି। ସେ ବିଜେଡି ମିଡିଆ ସଂଯୋଜକ ମନୋନୀତ ହେବାପରେ ଚନ୍ଦାହାଣ୍ଡି ପ୍ରେସ୍ କ୍ଲବ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଦିଆଯାଇଛି।

### ଶନିବାର ମଧ୍ୟାହ୍ନରୁ ୩ଦିନ ନବରଙ୍ଗପୁର ଶଟ୍‌ଡାଉନ

ନବରଙ୍ଗପୁର,୧୪।୮(ବି.ପ୍ର.)
ନବରଙ୍ଗପୁର ଜିଲାରେ ଶୁକ୍ରବାର ୧୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ନବରଙ୍ଗପୁର ପୌରାଞ୍ଚଳରେ ୨, ତେନ୍ତୁଳିଖୁଣ୍ଟିରେ ୬, ରାଇଘରରେ ୩ ଓ କୋଷାଗୁମୁଡା ବ୍ଲକରେ ୬ ଜଣ ଆକ୍ରାନ୍ତ ରହିଛନ୍ତି। ଜିଲାରେ ଏଯାଏ କରୋନା ପଜିଟିଭଙ୍କ ସଂଖ୍ୟା ୪୭୨ରେ ପହଞ୍ଚିଛି। ସେଥିମଧ୍ୟରୁ ୩୪୫ ଜଣ ସୁସ୍ଥ ହୋଇ ସାରିଛନ୍ତି। ଅନ୍ୟ ୧୨୫ ଜଣଙ୍କ ମଧ୍ୟରୁ ଅଧିକାଂଶ ଘରେ ରହି ଚିକିତ୍ସିତ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ୧୩ ତାରିଖ ଦିନ ୨୧୭୦ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିଲା ବୋଲି ଜିଲାପାଳ ଡ. ଅଜିତ କୁମାର ମିଶ୍ର ସୂଚନା ଦେଇଛନ୍ତି। ଏହା ବ୍ୟତୀତ ୧୫ ତାରିଖ ମଧ୍ୟାହ୍ନ ୧୨ଟାରୁ ୧୭ ତାରିଖ ସକାଳ ୫ଟା ପର୍ଯ୍ୟନ୍ତ ନବରଙ୍ଗପୁର ଜିଲା ଶଟ୍‌ଡାଉନ ରହିବ ବୋଲି ଜିଲାପାଳ ନିର୍ଦ୍ଦେଶନାମା ଜାରିକରିଛନ୍ତି। ଜରୁରିକାଳୀନ ସେବା ବ୍ୟତୀତ ଅନ୍ୟ କିଛି ଖୋଲାଯିବ ନାହିଁ ବୋଲି ନିର୍ଦ୍ଦେଶ ରହିଛି।

# ମାଣ୍ଡିଆ ଦେଉଛି ରୋଜଗାର

- ସୁଆଁ ପ୍ରୋସେସିଂ ୟୁନିଟ୍ ସ୍ଥାପନ ଦାବି
- ୧୫୭୫ ଚାଷୀ ପାଇଛନ୍ତି ପ୍ରୋତ୍ସାହନ ରାଶି
- ଚଳିତ ବର୍ଷ ୯୫୨ ହେକ୍ଟର ଜମିରେ ହୋଇଛି ଚାଷ

ଚିତ୍ରକୋଣ୍ଡା,୧୪।୮((ଡି.ଏନ୍.ଏ.):
ମାଲକାନଜିଲା ଜିଲାର ଉପାନ୍ତ ଚିତ୍ରକୋଣ୍ଡା ଅଞ୍ଚଳରେ ମହିଳା ଓ ଶିଶୁ କଲ୍ୟାଣ ସମିତି ପକ୍ଷରୁ ମାଣ୍ଡିଆ ଚାଷ କରାଯାଇଛି। ଶ୍ରୀ ଓ ଧାଡି ରୁଆ ପ୍ରଣାଳୀରେ ଏହି ଚାଷ ପାଇଁ ୩ ବର୍ଷ ହେଲା ଚାଲିଛି। ଜିଲା କୃଷି ବିଭାଗ ଓ ୱାସନ ଅନୁଷ୍ଠାନ ସହଯୋଗରେ ମିଲେଟ ମିଶନ କାର୍ଯ୍ୟକ୍ରମ ମାଧ୍ୟରେ ଏହି ଚାଷ ହେଉଛି। ସ୍ୱାଭିମାନ ଅଞ୍ଚଳ ବଡ଼ପଡ଼ାଠାରେ ମାଣ୍ଡିଆ ମଣ୍ଡି ଆରମ୍ଭ ହେବା ପରେ ମାଣ୍ଡିଆ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ପ୍ରକାଶ ପାଉଛି। କମ୍ ଜମି, କମ୍ ବିହନ ଏବଂ ଦେଶୀ ଖତ, ସାର ବ୍ୟବହାର କରି ଚାଷୀ ମାଣ୍ଡିଆ ଉତ୍ପାଦନକୁ ଦୁଇ ଗୁଣ କରି ପାରୁଛନ୍ତି। ୨୦୧୯-୨୦ରେ ଚିତ୍ରକୋଣ୍ଡା ବ୍ଲକ୍‌ର ଚିତ୍ରକୋଣ୍ଡା, ଦୋରାଗୁଡା, ନୂଆଗୁଡା, ଗୁଣ୍ଠାୱାଡ଼ା, ଟନେଲ କ୍ୟାମ୍ପ, ବଡ଼ପଦର, ବଡ଼ପଡ଼ା ପଞ୍ଚାୟତରେ ୧୫୭୫ ଚାଷୀ ଶ୍ରୀ ଓ ଧାଡ଼ି ରୁଆ ପ୍ରଣାଳୀରେ ମାଣ୍ଡିଆ ଚାଷ କରିଥିଲେ। ସେମାନଙ୍କୁ କୃଷି ବିଭାଗ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଛି। ଦୋରାଗୁଡା, ବଡପଦର, ବଡ଼ପଡ଼ା ଓ ଯନ୍ତାପାଇ ମାଣ୍ଡିଆ ମଣ୍ଡିରେ ଚାଷୀ ୨୬୭୪ କୁଇଣ୍ଟାଲ ମାଣ୍ଡିଆ କିଲୋ ପିଛା ୩୧ଟଙ୍କା ମୂଲ୍ୟରେ ବିକ୍ରି କରିଛନ୍ତି। ସେହିପରି ୨୦୨୦-୨୦୨୧ ବର୍ଷରେ ୨୫୦୦ ଉର୍ଦ୍ଧ୍ୱ ଚାଷୀ ୯୫୨ ହେକ୍ଟର ଜମିରେ ମାଣ୍ଡିଆଚାଷ କରିଛନ୍ତି। ଚାଷୀ ନିଜେ ବିଭିନ୍ନ କିସମର ମାଣ୍ଡିଆ ବିହନ ଉତ୍ପାଦନ ପାଇଁ ବଡ଼ପଡ଼ାର ଅର୍ଣ୍ଣାଭଟ୍ଟାଠାରେ ଏକ 'ନର୍ସରି ବେ' କରାଯାଇଛି। ଏହି ଉତ୍ପାଦିତ ବିହନରୁ ଚାଷୀ ନିଜେ ଉପକୃତ ହୋଇପାରିବେ। ମାଣ୍ଡିଆ ଚାଷ ପାଇଁ ୧ଏକର ଜମି ପାଇଁ ମାତ୍ର ୨ କେଜି ଭଲ ବିହନ, ୧୦ ଦିନର ଛୋଟ ତଳି, ୧୦ ଇଞ୍ଚ ବ୍ୟବଧାନର ରୁଆ, କମ୍ ପାଣିର ବ୍ୟବହାର ହୋଇଥାଏ। ସେହିପରି ଘାସ ବଛା ଯନ୍ତ୍ର ମାଧ୍ୟମରେ ଘାସ ନିୟନ୍ତ୍ରଣ ଓ କେବଳ ଜୈବିକ ଖତ ଓ ସାରର ପ୍ରୟୋଗ ହୋଇଥାଏ। କମ୍ ପରିଶ୍ରମ ଏବଂ କମ୍ ଲୋକରେ ବିନା ରାସାୟନିକ ସାର ପ୍ରୟୋଗ କରି ଦେଢ଼ରୁ ଦୁଇଗୁଣ ଉତ୍ପାଦନ କରିବା ଏହି ପ୍ରଣାଳୀର ମୁଖ୍ୟ ଲକ୍ଷ୍ୟ। ଚାଷୀଙ୍କୁ ଜୈବିକ ଖତ ସାର ପାଇଁ କମ୍ପୋଷ୍ଟ ଖତ, ଜିଆଖତ ବ୍ୟବହାର ଓ ରୋଗପୋକ ନିୟନ୍ତ୍ରଣ ପାଇଁ ଜୈବିକ କୀଟନାଶକ, ହାଣ୍ଡିଖତ, ଅମୃତ ଜଳ, ବ୍ରହ୍ମସ୍ତ୍ର ଓ ନିମାସ୍ତ୍ର ବ୍ୟବହାର ଲାଗି ତାଲିମ ପ୍ରଦାନ ଦିଆଯାଉଛି। ଚଳିତ ବର୍ଷ ମଧ କୃଷି ବିଭାଗ ଚାଷୀଙ୍କୁ ପ୍ରୋତ୍ସାହନ ରାଶି ଦେବ। ଏ ସମ୍ପର୍କରେ ଶିଶୁ ଓ ମହିଳା କଲ୍ୟାଣ ସମିତିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ପଣ୍ଡାଙ୍କୁ ପଚାରବାରୁ ସେ କହିଛନ୍ତି ଯେ, ଚାଷୀମାନଙ୍କ ପାଇଁ ମାଣ୍ଡିଆ ଗୁଣ୍ଡ ମେଶିନ, ସୁଆଁ ଚାଉଳ ମେଶିନ, କାଙ୍ଗୁରୁ ଚାଉଳ ପ୍ରସ୍ତୁତ ଯନ୍ତ୍ର ସମେତ ମାଣ୍ଡିଆରୁ ବିସ୍କୁଟ, ପାଉଁରୁଟି, କେକ୍, ବରା, ପକୁଡ଼ି, ମିଠା, ଦହିବରା କରାଯାଇ ଉକ୍ତ ଅଞ୍ଚଳର ଚାଷୀଙ୍କର ଆର୍ଥିକ ମାନଦଣ୍ଡର ବିକାଶ ପାଇଁ ଯୋଜନା କରାଯାଉଛି। ମିଲେଟ ମିଶନ କାର୍ଯ୍ୟକ୍ରମକୁ ତପନ କୁମାର ରଥ , ସୁରେଶ ମାଝି ,ଲବକୁଶ ଖେମୁଡୁ ଓ ତ୍ରିନାଥ ଖେମୁଡୁ ପରିଚାଳନା କରୁଛନ୍ତି ।


ସହକାରୀ ଜିଲାପାଳଙ୍କୁ ଉଠାଦୋକାନୀ ସଂଘ ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି।

## ସହାୟତା ରାଶି ପ୍ରଦାନ ଦାବି

ନବରଙ୍ଗପୁର,୧୪।୮(ବି.ପ୍ର.)
ନବରଙ୍ଗପୁର ସହରର ଉଠାଦୋକାନୀଙ୍କୁ ପୂର୍ବ ପ୍ରତିଶ୍ରୁତି ମୁତାବକ ୩ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଦାବି ହୋଇଛି। ଏ ନେଇ ଉଠାଦୋକାନୀ ସଂଘ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସହକାରୀ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। କରୋନାକୁ ନେଇ ଲକ୍‌ଡାଉନ ଓ ଶଟ୍‌ଡାଉନ ଜାରି ରହିଛି। ପ୍ରଶାସନ ଓ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ୫ ମାସ ହେବ ଦୋକାନ ସବୁ ବନ୍ଦ ରହିଛି। ପରିବାର ପ୍ରତିପୋଷଣରେ ବହୁ ସମସ୍ୟା ଦେଖାଗଲାଣି। ସଞ୍ଚିତ ଅର୍ଥ ମଧ୍ୟ ସରିଗଲାଣି। ରୋଜଗାର ଆଉ ଆଗଭଳି ନାହିଁ। ଏଭଳି ସମସ୍ୟା ଭିତରେ ପାଇବାକୁ ଥିବା ୩ ହଜାର ଟଙ୍କା ସହାୟତା ମଧ୍ୟ ମିଳୁନାହିଁ। ପୂର୍ବରୁ କେ ଦୋକାନୀ ସହାୟତା ରାଶି ପାଇଥିବା ବେଳେ ଅନେକ ଏଯାଏ ଟଙ୍କା ପାଇବାରୁ ବଞ୍ଚିତ। ଉଠାଦୋକାନମାନେ କିଭଳି ୩ ହଜାରଟଙ୍କା ସହାୟତା ପାଇବ ସେ ନେଇ ବିଚାର କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ ସଂଘର ସୁଶାନ୍ତ ପାଣିଗ୍ରାହୀ, ଦେବରାଜ ସାହୁ, ରଜନୀକାନ୍ତ ବିଷୋୟୀ, ବୃନ୍ଦାବନ ସାହୁ, ରାଜେଶ ଜାନି ପ୍ରମୁଖ ଉପସ୍ଥିତ ଥିଲେ।

## ଜୟପୁର: ଲଗାଣ ବର୍ଷା, ଘରେ ପଶିଲା ପାଣି

ଜୟପୁର,୧୪।୮(ନି .ପ୍ର.)
କୋରାପୁଟ ଜିଲାରେ ଲଗାଣ ବର୍ଷା ଜାରି ରହିଛି । ଏଥିପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବର୍ଷା ଯୋଗୁ ତଳି ଅଞ୍ଚଳରେ ରହୁଥିବା ଲୋକଙ୍କ ଘରେ ପାଣି ପଶିଯାଇଛି। ଜୟପୁର ସହରରେ ପାରାବେଡା ନ୍ୟୁ କଲୋନୀ ଦ୍ୱାତିୟ ଲାଇନରେ ଲୋକମାନଙ୍କ ଘରେ ପାଣି ପଶିଯାଇଛି । ନାଳ ଅବରୋଧ ଯୋଗୁ ଏପରି ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏନେଇ ୬ ମାସ ହେଲା ପୌର ଅଧିକାରୀ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବାରମ୍ବାର ଜଣାଇଥିଲେ। ବର୍ଷା ଦିନ ପୂର୍ବରୁ ନାଳ ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ଦାବି କରିଥିଲେ । ମାତ୍ର କେହି ଶୁଣି ନ ଥିଲେ। ଏବେ ଲଗାଣ ବର୍ଷା ଯୋଗୁ ଘରେ ପାଣି ପଶିଛି। ନଳକୂପରେ ମଧ ବର୍ଷାପାଣି ପଶିଯାଇଛି । ଫଳରେ ପିଇବା ପାଇଁ ମଧ ପାଣି ମିଳୁନାହିଁ । ଜିଲାର ୧୪ଟି ବ୍ଲକରେ ପ୍ରାୟ ୨୦ଟି ଘର


....

ଭାଙ୍ଗିଯାଇଥିବା ଜଣାପଡିଛି। ଏଥିଯୋଗୁ ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

## ଜୀବନ ବିନ୍ଦୁ କାର୍ଯ୍ୟକ୍ରମରୁ ୨୧ ୟୁନିଟ ରକ୍ତ ସଂଗ୍ରହ

ଗୁଣପୁର,୧୪।୮(ଡି.ଏନ୍.ଏ):
ରାୟଗଡ଼ା ଜିଲା ଗୁଣପୁରଠାରେ ଶୁକ୍ରବାର ବିଜେଡି ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରଘୁନାଥ ଗମାଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିବିରରୁ ୨୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପଦ୍ମପୁର ବ୍ଲକ୍ ଅଧ୍ୟକ୍ଷ ରମାକାନ୍ତ ମାଝି, ମଣ୍ଟୁ ଆଚାର୍ଯ୍ୟ, କୈଳାସ କ୍ରାସ୍କା, ପିଙ୍କୁ ପଣ୍ଡା, ଦେବି ଆଚାର୍ଯ୍ୟ, ରାମ ପଣ୍ଡା, ସୁଧା ଶତପଥି, ରିଣ୍ଟୁ ଦାସ, ପୂର୍ଣ୍ଣ ବାଉରି, ଚନ୍ଦ୍ରମୌଳି ପ୍ରମୁଖ ଉପସ୍ଥିତ ଥିଲେ।

## ଗୁଣପୁରରୁ ୨୨ ପଜିଟିଭ ଚିହ୍ନଟ

ଗୁଣପୁର,୧୪।୮(ଡି.ଏନ୍.ଏ):
ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳରୁ ପୁଣି ୨୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରେ ଗୁଣପୁର ପୌରାଞ୍ଚଳର ୧୧ଜଣ, ଏବଂ ଗ୍ରାମାଞ୍ଚଳର ୧୧ ଜଣ ରହିଛନ୍ତି। ପୌରାଞ୍ଚଳରେ କଟୁରୁ ଅଞ୍ଚଳରୁ ୫ଜଣ, ଶାନ୍ତିନଗର, ଟି.ଆର. ଷ୍ଟ୍ରିଟ, ନିଳାଦ୍ରୀ ବିହାର, ଜଗନ ସାହି, ନୂଆ ଆନ୍ଧ୍ରବ୍ୟାଙ୍କ ଷ୍ଟ୍ରିଟ ଏବଂ ହିରୋ ଶୋ'ରୁମ୍ ନିକଟ ଅଞ୍ଚଳରୁ ଜଣେ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ଗ୍ରାମାଞ୍ଚଳରେ ଜଗନ୍ନାଥପୁରରୁ ୮ଜଣ, ଜଲତାର ପଞ୍ଚାୟତର ଲିମାମିଗୁଡ଼ାରୁ ୨ ଏବଂ ଗାଡ଼ୁଆବାଙ୍ଗରୁ ଜଣେ ପଜିଟିଭ ଚିହ୍ନଟ ହୋଇଥିବା ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଗୁରୁବାର ମଧ୍ୟ ପୌରାଞ୍ଚଳରୁ ୨ ଏବଂ ଗ୍ରାମାଞ୍ଚଳରୁ ୨୩ ପଜିଟିଭ ଚିହ୍ନଟ ହୋଇଥିଲେ।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ପଡିଆ, ୧୪।୮(ଡି.ଏନ୍.ଏ.)
ତିନି ଦିନ ତଳୁ ନିଖୋଜ ଥିବା ଜଣେ ଯୁବକଙ୍କ ଗଳିତ ମୃତଦେହ ଶୁକ୍ରବାର ପଡିଆ ପୋଲିସ ଉଦ୍ଧାର କରିଛି। ଯୁବକଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତକ ଜଣଙ୍କ ହେଲେ ମାଲକାନଗିରି ଜିଲା ପଡିଆ ଥାନା ଅଧୀନ ମୋଟୁରୁ ପଞ୍ଚାୟତ ଟେଗଡ଼ପାଲ୍ଲୀ ଗାଁର ଲାକା ମାଢ଼ି(୩୦)।
ପ୍ରକାଶ ଯେ, ଲାକା ଗତ ବୁଧବାର ସନ୍ଧ୍ୟାରୁ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ତାଙ୍କୁ ପାଇ ନ ଥିଲେ। ଗ୍ରାମବାସୀ ଶୁକ୍ରବାର ସକାଳେ ତାଙ୍କ ମୃତଦେହ ଗାଁ ମୁଣ୍ଡରେ ଥିବା ପୋଖରୀରେ ଭାସୁଥିବା ଦେଖି ଲାକାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ତାଙ୍କୁ କେହି ହତ୍ୟା କରି ପୋଖରୀରେ ପକାଇ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଲାକାଙ୍କ ସ୍ତ୍ରୀ ଆଇତା ପଡିଆ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ୯/୨୦ରେ ମାମଲା ରୁଜୁ କରିଥିଲା। ଏହାପରେ ଥାନା ଭାରାପ୍ରାପ୍ତ ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡିଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ଅମୂଲ୍ୟ କୁମାର ଡୁରୁକା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଘଟଣାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ପରେ ଏହା ହତ୍ୟା ନା ଆତ୍ମହତ୍ୟା ସ୍ପଷ୍ଟ ହେବ ବୋଲି ଭାରାପ୍ରାପ୍ତ ଥାନାଧିକାରୀ କହିଛନ୍ତି।

## କୋଷାଗୁମୁଡ଼ାରେ ପହଞ୍ଚିଲେ ସତ୍ୟବ୍ରତ

**ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ପଦଯାତ୍ରା କରି ବୁଲୁଛନ୍ତି**

କୋଷାଗୁମୁଡା, ୧୪।୮(ଡି.ଏନ୍.ଏ.)
ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି କରି ୧୦ ଜୁଲାଇ ୨୦୧୯ରେ ଜଗତସିଂହପୁର ଜିଲା ବାଲିକୁଦାରୁ ପଦଯାତ୍ରା ଆରମ୍ଭ କରିଥିବା ସତ୍ୟବ୍ରତ ଦାଶ ଶୁକ୍ରବାର ନବରଙ୍ଗପୁର ଜିଲା କୋଷାଗୁମୁଡ଼ାରେ ପହଞ୍ଚିଛନ୍ତି। କୋଷାଗୁମୁଡ଼ା ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ସେ ଏବେଯାଏ ପଦଯାତ୍ରାରେ ରାଜ୍ୟର ୨୨୫ ବ୍ଲକକୁ ଯାଇ ବିଡିଓମାନଙ୍କୁ ନିଜ ଦାବି ସମ୍ପର୍କରେ ଜଣାଇଛନ୍ତି। ଶନିବାର ନବରଙ୍ଗପୁରର ଅନ୍ୟ ବ୍ଲକକୁ ପଦଯାତ୍ରାରେ ଯାଇ ବିଡିଓମାନଙ୍କୁ ଦାବିପତ୍ର ଦେବେ। ଏହାପରେ ସେଠାରୁ କଳାହାଣ୍ଡି ଜିଲା ଅଭିମୁଖେ ଯାତ୍ରା କରିବେ। ଓଡିଶାର ୩୧୪ ବ୍ଲକକୁ ପଦଯାତ୍ରା କରିବେ ବୋଲି ସେ କହିଛନ୍ତି। ଏହି ପଦଯାତ୍ରାରେ ତାଙ୍କ ଦାବି ପୂରଣ ନ ହେଲେ ଆଗାମୀ ପନ୍ଥା ଅପଣାଇବେ ବୋଲି ସେ କହିଛନ୍ତି।

## ଲଗାଣ ବର୍ଷାରେ ଧାନ ତଳି ନଷ୍ଟ

**ପୂର୍ତ୍ତ ବିଭାଗ ଭାଙ୍ଗିଦେଇ ତିଆରି କଲାନି ଡ୍ରେନ୍**

ଗୁଣପୁର,୧୪।୮(ଡି.ଏନ.ଏ.)
ରାୟଗଡା ଜିଲା ଗୁଣପୁର ଅଞ୍ଚଳରେ ଲାଗାଣ ବର୍ଷା ଯୋଗୁ ଜଗନ୍ନାଥପୁର ଅଞ୍ଚଳରେ ଧାନ ତଳି ନଷ୍ଟ ହୋଇଛି। ଜମିରେ ପାଣି ମାଡିଯିବାରୁ ତଳି ଭାସିଯାଇଛି। ଜଗନ୍ନାଥପୁର ନିକଟ ବୋଟିନାଜୋରି ଅଞ୍ଚଳରେ ପ୍ରାୟ ୧୦ ଏକର ଜମି କ୍ଷତିଗ୍ରସ୍ତ ହୋଇଛି। ଏନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ଇତି ମଧ୍ୟରେ କୃଷି ବିଭାଗ ଅଧିକାରୀ ପ୍ରିୟନାଥ ପାତ୍ର ଏବଂ କୃଷି ଗ୍ରାମ ସେବକ ରାଜ କୁମାର ଗମାଙ୍ଗ ଘଟଣା ସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଉକ୍ତ ଅଞ୍ଚଳରେ ପୂର୍ତ୍ତ ବିଭାଗ ରାସ୍ତା ହେବା ସମୟରେ ରାସ୍ତା ପାର୍ଶ୍ୱରେ ଏକ କିଲୋମିଟର ପର୍ଯ୍ୟନ୍ତ ଡ୍ରେନ୍ ରହିଥିଲା। ସେତେବେଳେ ସେହି ଡ୍ରେନ୍‌କୁ ବିଭାଗ ଭାଙ୍ଗି ଦେଇଥିଲା। ରାସ୍ତାକାମ ପରେ ପରବର୍ତ୍ତୀ ସମୟରେ ତାହା ଆଉ ନିର୍ମାଣ କରି ନ ଥିଲା। ଫଳରେ ଡ୍ରେନ ପାଣି ସିଧାଯାଇ ଚାଷୀଙ୍କ ଜମିରେ ମାଡିଥିଲା। ଏପରି ପ୍ରତିବର୍ଷ ଏହି ଅଞ୍ଚଳରେ ୨୦ ଏକର ଜମି ଜଳମଗ୍ନ ହୋଇ ତଳି ନଷ୍ଟ ହେଉଛି। ଏନେଇ ଅଭିଯୋଗ କଲେ ମଧ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଚାଷୀ କେ.ୱାରଦା, ପାଲକା ଜାଡେୟା, ଲାଡିଭେଙ୍କେଟ, ସମନ ଗୋପାଳ କୃଷ୍ଣ ସାହୁକାର, ଜନାଡା ବଚେୟା, ରମେଶ ଚନ୍ଦ୍ର ଚୌଧରୀ, କେ.ନାଗରାଜ, ବିରି ଗୌଡ, ହରି ଗୌଡ, ରାବନେୟା ଗୌଡ ପ୍ରମୁଖ ପ୍ରକାଶ କରିଛନ୍ତି। ତୁରନ୍ତ ଡ୍ରେନ ନିର୍ମାଣ ଲାଗି ସେମାନେ ଦାବି କରିଛନ୍ତି।

## ଏମ୍.ଭି.-୧୧ ପୋଲ ଉଦ୍‌ଘାଟିତ

ମାଲକାନଗିରି, ୧୪।୮(ଡି.ଏନ୍.ଏ./ସ୍ୱ.ପ୍ର.)
ମାଲକାନଗିରି ଜିଲା ସଦର ମହକୁମାରୁ ବାଲିମେଳା, ଚିତ୍ରକୋଣ୍ଡା ଓ ଆନ୍ଧ୍ର ପ୍ରଦେଶକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ଏମ୍.ଭି.- ୧୧ ନଦୀ ଉପରେ ନିର୍ମିତ ନୂତନ ପୋଲକୁ ଶୁକ୍ରବାର ପଞ୍ଚାୟତିରାଜ, ତଥା ଆଇନମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଛନ୍ତି। ବର୍ଷା ଦିନେ ଏହି ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ମାଲକାନଗିରି ସଦର ମହକୁମାରୁ ନଦୀ ପାର ହୋଇ କୋରୁକୋଣ୍ଡା ସହ ଅନ୍ୟାନ୍ୟ ସ୍ଥାନକୁ ଯାତାୟାତ କରିବା କଷ୍ଟକର ହେଉଥିଲା। ତେବେ ଏହି ପୋଲ ଉଦ୍‌ଘାଟନ ପରେ ମଧ୍ୟ ସମସ୍ୟା ଟଳିନାହିଁ। କାରଣ ମାଲକାନଗିରିରୁ ବାଲିମେଳା ୨୮ କିମି ରାସ୍ତା ମଧ୍ୟରେ ଏମ୍.ଭି.-୧୧ ନଦୀ ସହ କୋରୁକୋଣ୍ଡା ଓ ତାର୍ଲାକୋଟାଠାରେ ଦୁଇଟି ନଦୀ ରହିଛି। ବନ୍ୟା ସମୟରେ ଏହି ଦୁଇ ନଦୀରେ ବନ୍ୟାଜଳ ଆସିଥାଏ। କୋରୁକୋଣ୍ଡା ଓ ତାର୍ଲାକୋଟାଠାରେ ନଦୀ ଉପରେ ପୋଲ ଦୀର୍ଘ ୨ବର୍ଷ ହେଲା ନିର୍ମାଣ ଚାଲିଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ପୂର୍ବତନ ବିଧାୟକ ମାନସ ମାଡକାମି, ଜିଲାପାଳ ମନୀଷ ଅଗ୍ରୱାଲ, ଡିଆରଡିଏ ପିଡି ବାଳମୁକୁନ୍ଦ ଭୂୟାଁ, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ବ୍ଲକ ଅଧ୍ୟକ୍ଷ ଅକ୍ଷୟ ନାୟକ, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ,ଏସଡିପିଓ ଉଦ୍ଧବ ଚରଣ ନୟକ, ଉପଜିଲାପାଳ ରାମେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀ ପ୍ରତାପ ଜେନା ପୋଲ ଉଦ୍‌ଘାଟନ କରୁଛନ୍ତି।

## କୋଭିଡ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

କୋରାପୁଟ,୧୪।୮(ସ୍ୱ.ପ୍ର.)
କୋରାପୁଟ ଓଏସ୍‌ଏପିସ୍ଥିତ ଓଡ୍ରାଫ କୋଭିଡ ଯୋଦ୍ଧାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗୋପବନ୍ଧୁ ସେବା ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଏସ୍‌ଏପି ତୃତୀୟ ବାଟାଲିୟନର ଦୁର୍ଗପତିପ୍ରଭାତ କୁମାର ଦାସ ଓ ଉପଦୁର୍ଗପତିମନୋଜ କୁମାର ନାୟକ ଅତିଥି ଭାବେ ଯୋଗଦେଇ କୋଭିଡ ଯୋଦ୍ଧାମାନଙ୍କୁ ମାନପତ୍ର, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନା ଯୋଗ୍ୟ ଏହି ଓଡ୍ରାଫ ଦଳର ଏକ ୨୬ ଜଣିଆ ଟିମ୍ କରୋନା ସମୟରେ ପଶ୍ଚିମବଙ୍ଗ ଯାଇ ସେଠାରେ ବାତ୍ୟା ଯୋଗୁଁଉପୁଡିଯାଇଥିବା ଗଛକୁରାସ୍ତାରୁ କାଟି ସଫା କରିବା ସହ ଅନ୍ୟାନ୍ୟ ସେବା ଯୋଗାଇଥିଲେ। ସେଠାରୁ ଫେରି ସେମାନେ କରୋନାରେ ଆକ୍ରାନ୍ତ ହୋଇଥିଲେ। ଭଲ ହେବା ପରେ ୫ ଜଣ ଓଡ୍ରାଫ କର୍ମଚାରୀ ସେମାନଙ୍କ ପ୍ଲାଜମା ଦାନ କରିଥିଲେ।

## ଜାତୀୟ ଶିକ୍ଷାନୀତି ନେଇ ଆଲୋଚନା

ଜୟପୁର, ୧୪।୮(ଡି.ଏନ.ଏ )-
ଜାତୀୟ ଶିକ୍ଷାନୀତିକୁ ନେଇ ରାଜ୍ୟ ଶିକ୍ଷା ବିକାଶ ସମିତି ପକ୍ଷରୁ ଏକ ଭରଚ୍ୟୁଆଲ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଜୟପୁରସ୍ଥିତ ଦକ୍ଷିଣ ସମ୍ଭାଗ ତତ୍ତ୍ୱାବଧାନରେ ହୋଇଥିବା ଏହି ଆଲୋଚନାରେ ଡ. କିଶୋର ଚନ୍ଦ୍ର ମହାନ୍ତି ଏବଂ ପାଲଲହଡା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅନିଲ ମିଶ୍ର ଯୋଗଦେଇ ଜାତୀୟ ଶିକ୍ଷାନୀତି ନବଜାଗରଣ, ବିଦ୍ୟାଳୟସ୍ତରୀୟ ସାର୍ବଜନୀନତା ଏବଂ ସାମାଜିକ ପରିବର୍ତ୍ତନରେ ଏହାର ଭୂମିକା ସମ୍ପର୍କରେ ମତ ରଖିଥିଲେ। ଅଧ୍ୟାପକ ସୁରଥ ଡାକୁଆଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ କୋରାପୁଟ, ନବରଙ୍ଗପୁର ,ରାୟଗଡା, ମାଲାକାନଗିରି, କଳାହାଣ୍ଡି, ନୂଆପଡା ଜିଲାର ୭୦ଜଣ ଶିକ୍ଷାବିତ୍ ଅଂଶଗ୍ରହଣ କରିଥିଲେ। ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ରମାକାନ୍ତ ମହାନ୍ତି, ବିଦ୍ୱତ ପରିଷଦର ରାଜ୍ୟ ସଂଯୋଜକ ରୁଦ୍ର ନାରାୟଣ ବେହେରା, ସମ୍ଭାଗ ପ୍ରମୁଖ ପ୍ରସନ୍ନ ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ପାଟ୍ରୋଲିଂ ବେଳେ ଧରାପଡିଲା ଚୋରା କାଠ ଚାଲାଣ

ବୈପାରିଗୁଡା,୧୪।୮ (ଡି.ଏନ୍.ଏ.)-
ବୈପାରିଗୁଡା ଓ ରାମଗିରି ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ବେଳେ ବ୍ୟାପକ ପରିମାଣର ଚୋରା କାଠ ଏବଂ ୫ଟି ବାଇକ୍ ଜବତ ହୋଇଛି । ଶୁକ୍ରବାର ଭୋର ସମୟରେ ବାଲିଗାଁ ପଞ୍ଚାୟତର ସିନ୍ଧିଗାଁ ପଟୁ ୫ଟି ବାଇକ୍‌ରେ କାଠ ଧରି ୧୦ ଜଣ ଆସୁଥିବା ବେଳେ ବନ ବିଭାଗ କର୍ମଚାରୀଙ୍କ ହାବୁଡରେ ପଡିଥିଲେ । କର୍ମଚାରୀଙ୍କୁ ଦେଖି ସେମାନେ ବାଇକ୍ ଓ କାଠ ଛାଡି ଦୌଡି ପଳାଇଥିଲେ। ପରେ ବାଇକ୍‌ଗୁଡିକରୁ ୫୫ ଖଣ୍ଡ ଶାଳ କାଠ ଓ ୮ ଖଣ୍ଡ ପିଆଶାଳ ପଟ୍ଟା ଜବତ କରାଯାଇଥିବା ବନପାଳ ସଚ୍ଚିଦାନନ୍ଦ ପରିଡା କହିଛନ୍ତି। ପାଟ୍ରୋଲିଂରେ ଜୟପୁର ସହକାରୀ ବନ ସଂରକ୍ଷକ ସବାସ ଚନ୍ଦ୍ର ଖଣ୍ଟିଆ, ବୈପାରିଗୁଡା ବନାଞ୍ଚଳ ଅଧିକାରୀ ଦିବ୍ୟା ମାଧୁରୀ ସେଠୀ, ଫରେଷ୍ଟର ଗଙ୍ଗାଧର ଚୌଧୁରୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।


ଜବତ କାଠ ଓ ବାଇକ୍।

## ଚାଷୀଙ୍କ ଉପରେ ୟୁରିଆ ଚଡ଼କ

- ଲ୍ୟାମ୍ପସ, ସରକାରୀ ଦୋକାନରେ ମିଳୁନି ସାର
- ଦୁଇଗୁଣା ଦରରେ ବିକୁଛନ୍ତି ଅସାଧୁ ବ୍ୟବସାୟୀ

କୋଡ଼ିଙ୍ଗା, ୧୪।୮(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଏକ କୃଷିପ୍ରଧାନ ଅଞ୍ଚଳ। ବ୍ଲକର ୮୦ଭାଗ ଲୋକ ଚାଷବାସ କରି ଜୀବିକା ନିର୍ବାହ କରନ୍ତି। ବ୍ଲକରେ କେନାଲ କିମ୍ବା ଅନ୍ୟ କୌଣସି ପ୍ରକାର ଜଳସେଚନର ବ୍ୟାପକ ସୁବିଧା ନ ଥିବାରୁ ଚାଷୀ ସାଧାରଣତଃ ଖରିଫ ଫସଲ ଉପରେ ନିର୍ଭର କରିଥାଏ। ଏଠାରେ ଧାନ, ଆଖୁ, ମକା ଅଧିକ ମାତ୍ରାରେ ଚାଷ କରାଯାଏ। କିନ୍ତୁ ଚଳିତ ବର୍ଷ ୟୁରିଆ ଅଭାବ ଚାଷୀଙ୍କୁ ଚିନ୍ତାରେ ପକାଉଛି। ବ୍ଲକରେ ଆବଶ୍ୟକ ମୁତାବକ ୟୁରିଆ ସାର ମିଳୁ ନ ଥିବାବେଳେ ଅସାଧୁ ବ୍ୟବସାୟୀ ଏହାର କଳାବଜାର କରୁଥିବା ଚାଷୀଙ୍କ ଦୁଃଖକୁ ଆହୁରି ବଢାଉଛି।
ଚଳିତ ବର୍ଷ ଅନିୟମିତ ବର୍ଷା ଯୋଗୁ ଚାଷକାମ ଡେରିରେ ଆରମ୍ଭ ହୋଇଥିଲା। ଏବେ କିନ୍ତୁ ୟୁରିଆ ମିଳୁନି। ବ୍ଲକର କୋଡିଙ୍ଗା ଏବଂ କୋଷାଗୁମୁଡ଼ା ଲ୍ୟାମ୍ପସରେ ସରକାରୀଭାବେ ୟୁରିଆ ସାର ବିକ୍ରି କରାଯାଏ। ଏହା ବ୍ୟତୀତ କୋଡିଙ୍ଗା, କୋଷାଗୁମୁଡା, କରିଚୋମାଳ, କଟାଗାଁ, ବଡ଼ଆମ୍ବଡାର ଅନେକ ଦୋକାନରେ ଅନୁମତିକ୍ରମେ ସାର ବିକ୍ରି କରାଯାଇଥାଏ। ବ୍ଲକରେ ୨୮ଜଣ ସ୍ୱୀକୃତିପ୍ରାପ୍ତ ସାର ଦୋକାନୀ ରହିଛନ୍ତି। କିନ୍ତୁ ବ୍ଲକରେ ସରକାରୀଭାବେ ସାର ମିଳୁନି। ଛତିଶଗଡ଼ରୁ ଚୋରା ଚାଲାଣ ହୋଇ ଆସୁଥିବା ସାରକୁ ଅସାଧୁ ବ୍ୟବସାୟୀମାନେ ଦୁଇଗୁଣାରେ ବିକ୍ରି କରୁଛନ୍ତି। ବେଳ ଗଡ଼ିଯାଉଥିବାରୁ ଚାଷୀ ବାଧ୍ୟ ହୋଇ ଚଢା ଦରରେ ବିକ୍ରି କରୁଛି। ଚଳିତ ଖରିଫ ଚାଷ ପାଇଁ ୪ହଜାର କୁଇଣ୍ଟାଲ ସାର ଆବଶ୍ୟକ ଥିବାବେଳେ ମାତ୍ର ୫ଶହ କୁଇଣ୍ଟାଲ ୟୁରିଆ ଆସିଛି ବୋଲି ଲ୍ୟାମ୍ପସ କର୍ତ୍ତୃପକ୍ଷ କହିଛନ୍ତି। ଆଠଦିନ ଭିତରେ ୟୁରିଆ ସାର ନ ମିଳିଲେ ଧାନ ଏବଂ ମକାଚାଷରେ ଚଳିତ ବର୍ଷ ବ୍ୟାପକ କ୍ଷତି ସହିବାକୁ ପଡିବ। କରୋନା ମହାମାରୀ ଜନିତ କଟକଣାରୁ କୃଷି ସାମଗ୍ରୀକୁ ସର୍ବଭାରତୀୟସ୍ତରରେ ମୁକ୍ତ ରଖାଯାଇଥିଲେ ମଧ୍ୟ ବ୍ଲକରେ ୟୁରିଆର ଘୋର ଅଭାବ ଦେଖାଦେଇଥିବା ପରିତାପର ବିଷୟ। ଏ ନେଇ ବ୍ଲକ କୃଷି ଅଧିକାରୀ ଏନ୍.କେ.ଗିରିଙ୍କୁ ପଚାରିବାରୁ ସେ କହିଥିଲେ, ନବରଙ୍ଗପୁର ଜିଲାକୁ ଏ ବର୍ଷ ୟୁରିଆ ସପ୍ଲାଇ ବହୁ କମ୍ ଥିବା ଯୋଗୁ ବ୍ଲକରେ ଏପରି ସ୍ଥିତି ସୃଷ୍ଟି ହୋଇଛି। ଏହାର ସମାଧାନ କରିବାକୁ ଚେଷ୍ଟା ଚାଲିଛି। କଳାବଜାର ରୋକିବାକୁ ପ୍ରଶାସନ ସମସ୍ତ ଚେଷ୍ଟା ଚଳାଇଛି ବୋଲି ସେ କହିଛନ୍ତି।

## ଆଇନା




# ଆମ ସ୍ୱାଧୀନତା ଦିବସ


ଆନନ୍ଦିତା


ଅଂଶୁମାନ


ଆଶାଲଗ୍ନା


ସତ୍ୟସମ୍ଭବ


ଶୁଭସ୍ମିତା

**ସ୍କୁଲଗୁଡିକରେ ଅଗଷ୍ଟ ପନ୍ଦର ପାଳନ କରିବା କୁନି ପିଲାଙ୍କ ପାଇଁ ଏକ ସ୍ୱତନ୍ତ୍ର ଅବସର। ଏହି ଦିନ ସ୍କୁଲରେ ପିଲାମାନେ ଏକାଠି ହୋଇ ପତାକା ଉତ୍ତୋଳନ କରି ଜାତୀୟ ସଙ୍ଗୀତ ଗାନ କରନ୍ତି। କିନ୍ତୁ ଏଥର ସ୍କୁଲରେ ପିଲାମାନଙ୍କ ଅନୁପସ୍ଥିତିରେ ସ୍ୱାଧୀନତା ଦିବସ ପାଳନ କରାଯିବ। ସେ ସମ୍ପର୍କରେ କେତେକ ଛାତ୍ରୀଛାତ୍ର ଯାହା କହନ୍ତି..**

**ଦୁଃଖ ଲାଗୁଛି: ଅଂଶୁମାନ ପୃଷ୍ଟି** (କ୍ଲାସ୍-୮, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ୟୁନିଟ-୮, ଭୁବନେଶ୍ୱର)

କରୋନା ମହାମାରୀ ପାଇଁ ଏଥର ଅନେକ ଦିନରୁ ସ୍କୁଲ ବନ୍ଦ ରହିଛି। ସେଥିପାଇଁ ଆମେ ସ୍ୱାଧୀନତା ଦିବସ ପାଳନ କରିପାରିଲୁ ନାହିଁ। ପ୍ରତିବର୍ଷ ଆମ ସ୍କୁଲ ପିଲା ଅଗଷ୍ଟ ପନ୍ଦରରେ ପ୍ରଭାତ ଫେରୀରେ ଯାଉ ଓ ଦେଶପ୍ରୀତି ଭାବରେ ମନ ଜାଗ୍ରତ ହୁଏ। କିନ୍ତୁ ଏଥର ଆଦୌ ସ୍କୁଲ ଯାଇ ପାରିବୁ ନାହିଁ କି ପତାକା ଉତ୍ତୋଳନ ବି କରିପାରିବୁ ନାହିଁ। ସେଥିପାଇଁ ବହୁତ ଦୁଃଖ ଲାଗୁଛି।

**ଘରେ ଗାଇବି ଜାତୀୟ ସଙ୍ଗୀତ : ଆଶାଲଗ୍ନା ମହାନ୍ତି** (ପଞ୍ଚମ ଶ୍ରେଣୀ, ହାପ୍ପି ହୋମ୍ ଇଂଲିଶ ମିଡିୟମ୍ ସ୍କୁଲ, ଧାମରା, ଭଦ୍ରକ)

ମୁଁ କେବେ ସ୍ୱାଧୀନତା ଦିବସ ବା ସାଧାରଣତନ୍ତ୍ର ଦିବସରେ ସ୍କୁଲରେ ଅନୁପସ୍ଥିତ ରହିନି। ପ୍ରଥମ ଥର ପାଇଁ କୋରୋନା ଯୋଗୁଁ ମୁଁ ସେ ସୁଯୋଗ ହରାଉଛି। ସ୍କୁଲ ବହୁତ ଦିନରୁ ବନ୍ଦ ଥିବାରୁ ଏଥର ଆମ ସ୍କୁଲର କେହି ପିଲା ସ୍କୁଲକୁ ଯାଇ ପତାକା ଉତ୍ତୋଳନରେ ଭାଗ ନେଇ ପାରିବେ ନାହିଁ। ତଥାପି ଘରେ ଭାଇ ସହିତ ଜନଗଣମନ... ସଙ୍ଗୀତଟି ନିଶ୍ଚୟ ଗାଇବି।

**ଅନ୍‌ଲାଇନ୍‌ରେ ସେଲିବ୍ରେଶନ ହେବ : ଆନନ୍ଦିତା ବେହେରା** (କ୍ଲାସ-୩, ଭେଙ୍କଟେଶ୍ୱର ଇଂଲିଶ୍ ମିଡିୟମ୍ ସ୍କୁଲ, ଭୁବନେଶ୍ୱର)

ଏଥର ଅନ୍‌ଲାଇନ୍‌ରେ ସେଲିବ୍ରେଶନ୍ ହବ। ଆଗରୁ ଫ୍ଲାଗ ଧରି ମଜା କରୁଥିଲୁ। କିନ୍ତୁ ଏଥର କେବଳ ଦେଖିବୁ। ସ୍କୁଲକୁ ଆଦୌ ଯାଇ ନ ପାରିବା ଅପେକ୍ଷା ଅନ୍‌ଲାଇନ୍‌ରେ ଫ୍ଲାଗ୍ ହୋଷ୍ଟିଂ ଆଉ ସାଙ୍ଗମାନଙ୍କୁ ଭେଟି ହେବ।



**ଘରେ ପାଳନ କରିବୁ : ସତ୍ୟସମ୍ଭବ ମହାନ୍ତି** (କ୍ଲାସ-୮, ମଦର୍ସ ପବ୍ଲିକ ସ୍କୁଲ, ଭୁବନେଶ୍ୱର)

ସ୍କୁଲରେ ସ୍ୱାଧୀନତା ଦିବସ ପାଳନ କରିବାର ମଜା ନିଆରା। କାହିଁକି ନା ଆମ ସ୍କୁଲରେ ପତାକା ଉତ୍ତୋଳନ ସହିତ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ହୋଇଥାଏ। ସ୍ୱାଧୀନତା ସଂଗ୍ରାମର ବିଭିନ୍ନ କାହାଣୀକୁ ନେଇ ନାଟକ ବି ପରିବେଷଣ କରାଯାଏ। ସେଥିପାଇଁ ବହୁତ ଭଲ ଲାଗେ। କିନ୍ତୁ ଏଥର ସରକାରଙ୍କ କଟକଣା ପାଇଁ ଏସବୁ ତ ହୋଇ ପାରିବନି। ହେଲେ ଘରେ ରହି ସମସ୍ତେ ଏକାଠି ଜାତୀୟ ସଙ୍ଗୀତ ଗାଇବୁ।

**ମନରେ ଅଛି ଦେଶପ୍ରେମ : ଶୁଭସ୍ମିତା ମହାନ୍ତି** (ସପ୍ତମ ଶ୍ରେଣୀ, ଦୀନବନ୍ଧୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଭଞ୍ଜନଗର, ଗଞ୍ଜାମ)

କରୋନା ଯୋଗୁ ସ୍କୁଲରେ ସିନା ପତାକା ଉତ୍ତୋଳନ କରିପାରୁନି, କିନ୍ତୁ ମନ ଓ ହୃଦୟରେ ଦେଶମାତୃକା ପ୍ରତି ଓ ଭଲପାଇବା ରହିଛି। କରୋନା ସେତକ ମୋଠାରୁ ଦୂରେଇ ନେଇପାରିବ ନାହିଁ।

## କବିତା

### ସ୍ୱାଧୀନତା ଦିବସ

ଅଗଷ୍ଟ ମାସର ପନ୍ଦର ତାରିଖ
ଜଣାଏ ଅନେକ କଥା,
ସେହିଦିନ ଆମେ ସ୍ୱାଧୀନତା ପାଇ
ଉଡାଇଲୁ ଜୟଗାଥା।
କେତେ ଯେ ସଂଗ୍ରାମ ସ୍ୱାଧୀନତା ପାଇଁ
ଅଗଣିତ ନରନାରୀ
ଗାନ୍ଧୀ, ଗୋପବନ୍ଧୁ ମହାନ୍ ସୁବାସ
ଜୟୀ ରାଜଗୁରୁ ପରି।
ଦୁଇ ଶହ ବର୍ଷ ଶାସନ କରିଲା
ଫିରିଙ୍ଗି ବଣିକ ଆସି
ଆମ ଦେଶ ଧନ ଲୁଟି ନେଇଗଲା
ଶାସନରେ ଦେଲା ଶୋଷି।
ଅହିଂସାର କଥା ବାପୁ କହୁଥିଲେ
ବୁଲିବୁଲି ସାରା ଦେଶ,
ଏକ ମନ ହୋଇ ସଂଗ୍ରାମ କରିଲେ
ଫିରିଙ୍ଗି ହୋଇବେ ଶେଷ।
ଏଇ କଥା ଶୁଣି ସ୍ୱାଧୀନତା ପାଇଁ
କେତେ କିଏ ପ୍ରାଣ ଦେଲେ,
ପୁଣି କେତେ କିଏ କାରାଗାର ଭୋଗି
କଷ୍ଟ ଜୀବନ ପାଇଲେ।
ଫିରିଙ୍ଗି ଦେଖିଲା ହାର୍ ମାନିଗଲା
ଛାଡ଼ି ଦେଲା ଆମ ଦେଶ,
ଖୁସି ଭରି ମନ ପ୍ରାଣେ,
ଦିନ ଗଣି ଗଣି ବୀରତ୍ୱ କାହାଣୀ
କହିଯାଏ କାନେ କାନେ।
ପତାକା ଆମର କେଡ଼େ ଶୋଭା ଦିଶେ
ଫର ଫର ଉଡ଼ି ଉଡ଼ି,
କେତେ ବିଘ୍ନ ଟାଳି ଆମେ ମହାବଳୀ
ଆଗକୁ ପାରିଛୁ ବଢ଼ି।
ସ୍ୱାଧୀନତା ରଣେ ଯେଉଁ ବୀରଗଣେ
ଦେଇଗଲେ ପ୍ରାଣ ବଳି,
ତାଙ୍କରି ଚରଣେ ତାଙ୍କରି ସ୍ମରଣେ
ଜଣାଉଛୁ ଶ୍ରଦ୍ଧାଞ୍ଜଳି।

**–ବସନ୍ତ କୁମାର ଦାସ,** ରମ୍ଭା, ବରି, ଯାଜପୁର

### ଆସିଛି ଅଗଷ୍ଟ ୧୫

ଅଗଷ୍ଟ ପନ୍ଦର ଆସିଛି ଯେଣୁ
ପତାକା ଉଡାଇ ମଜିବା ତେଣୁ।
ଏ ବରଷ ସ୍ୱାଧୀନତା ଦିବସ
ଆଡମ୍ବରେ ହେବ ନାହିଁ ଅବଶ୍ୟ।
ନିୟମ ପାଳିବା କରୋନା ପାଇଁ
ବିଦ୍ୟାଳୟ ପିଲା ଆସିବେ ନାହିଁ।
ମହାମାରୀ ଯୋଗୁ ହେବନି ମଜା
ତଥାପି ଉଡିବ ଜାତୀୟ ଧ୍ୱଜା।



ସଂଗ୍ରାମ ଶେଷରେ ସ୍ୱପ୍ନ ସତ ହେଲା
ଦେଖ ଏ ଭାରତ ବର୍ଷ।
ପ୍ରତିବର୍ଷ ଆମେ ସ୍ମରଣ କରୁଛୁ
ତ୍ରିରଙ୍ଗା ଉଡ଼ାଇ ଥାଉ,
ଜନ ଗଣ ମନ ଜାତୀୟ ସଙ୍ଗୀତ
ଦେଶ ସାରା ଗାଇ ଯାଉ।

***–ସୁଧୀର କୁମାର ଦାସ,*** *ତରାବୋଇ, ଜଟଣୀ, ଖୋର୍ଦ୍ଧା*

### ଶୃଙ୍ଖଳରୁ ମୁକ୍ତ

ପରାଧୀନତାର ଶୃଙ୍ଖଳରୁ ମୁକ୍ତ
ହସୁଛି ଭାରତ ଭୂଇଁ,
କଳା ଶାସନର ପତନ ଘଟିଛି
ସେ ଦିନ କଷଣ ନାହିଁ।
ସ୍ୱାଧୀନ ଭାବରେ କଥା କହିବାର
ପାଇଅଛୁ ଅଧିକାର,
ଆମ ହାତେ ଗଢ଼ା ଶାସନ ଖସଡ଼ା
ଆମେ ତା'ର କର୍ଣ୍ଣଧାର।
ଅଗଷ୍ଟ ପନ୍ଦର ଗରବ ଆମର
ଜନଗଣ ମନ ପାଇବା ଆମେ
ମହାପୁରୁଷଙ୍କ ମହତ ନାମେ।
ଗାନ୍ଧୀ, ଜବାହର, ନେତାଜୀ ବାଜି
ନାହାନ୍ତି ସ୍ମରଣେ କରିବା ଆଜି।
ଚଉସ୍ତରିତମ ସ୍ୱାଧୀନଦିନ
ପାଳିବାକୁ ହୁଏ ଉଚ୍ଛନ ମନ।
ସଂଗ୍ରାମୀମାନଙ୍କ ସଂଗ୍ରାମ ବଳେ
ଦେଶ ସ୍ୱାଧୀନତା ପାଇଲା ହେଳେ।
ପାଇଲେ କଷଣ ଭୋଗିଲେ କାରା
ଇଂରେଜ ଜୁଲମ ହୃଦୟ ଥରା।
ସାରା ଦେଶବାସୀ ଉଠିଲେ ମାତି
ଚାଲିଗଲେ ରୋଗା ଚଉଦ ରାତି।
କୃଷକ, ସୈନିକ, ଶିକ୍ଷକ ହେବା
ଦେଶ ହିତ ପାଇଁ ଜୀବନ ଦେବା।
ଗାଇବା ଭାରତ ମାତାର ଜୟ
ଦେଶ ପ୍ରଗତିରେ ରଖିବା ଲୟ।

**–ନିରଞ୍ଜନ ପତି,** ଗାନ୍ଧୀମାର୍ଗ, ଅନୁଗୋଳ

## ଗପ

# ନାମର ଓଜନ

କଥାଟି ଗଲା ବର୍ଷର। ସୁବର୍ଣ୍ଣପୁର ଠାରେ ସୁବର୍ଣ୍ଣଦେବୀ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହେଉଥାଏ। ଯୋଗକୁ ସେଦିନ ଥାଏ ଅଗଷ୍ଟ ପନ୍ଦର। ତେଣୁ ସେହି ଦିନ ସ୍ୱାଧୀନତା ଦିବସ ସହ ବିଦ୍ୟାଳୟର ଜୟନ୍ତୀ ପାଳିତ ହେଉଥାଏ। ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଗହଣରେ ଏହି ଉତ୍ସବ ବେଶ୍ ଧୁମ୍‌ଧାମରେ ପାଳିତ ହେଉଥାଏ। ମୁଖ୍ୟ ଅତିଥି ପତାକା ଉତ୍ତୋଳନ କରିବା ପରେ ସ୍କୁଲର ପିଲାମାନେ ହାତରେ ତ୍ରିରଙ୍ଗା ଧରି ଜାତୀୟ ସଙ୍ଗୀତ ଗାନ କଲେ। ତା'ପରେ ଆରମ୍ଭ ହେଲା ପ୍ୟାରେଡ୍। ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ମନ୍ତ୍ରୀଙ୍କର ଅଲଗା କାର୍ଯ୍ୟକ୍ରମ ଥିବାରୁ ସେ ଚାଲିଯାଇଥିଲେ। ମନ୍ତ୍ରୀଙ୍କୁ ବାଟୋଇ ଦେଇ ଫେରୁଥାଆନ୍ତି ସ୍କୁଲର ପ୍ରଧାନ ଶିକ୍ଷକ ଏବଂ ଜିଲାର ଜିଲାପାଳ। ଏହି ସମୟରେ ଜିଲାପାଳଙ୍କ ନଜର ଗୋଟିଏ ପିଲା ଉପରେ ପଡିଲା। ସେ ପ୍ରଧାନ ଶିକ୍ଷକଙ୍କୁ କହିଲେ, ‘‘ଆପଣ ଏଥର ଯାଆନ୍ତୁ ଏବଂ ବାକି କାର୍ଯ୍ୟକ୍ରମକୁ ଆଗେଇ ନିଅନ୍ତୁ।’’ ଜିଲାପାଳ ଦେଖିଲେ ଯେ ଦଶ ବର୍ଷର ପିଲାଟିଏ ରାସ୍ତା ଉପରେ, ରାସ୍ତା କଡରେ ଏବଂ ଏଠିସେଠି ପଡିଥିବା ତ୍ରିରଙ୍ଗା ପତାକାକୁ ଗୋଟେଇ ନେଉଛି। ପିଲାଟି ସେଗୁଡିକୁ ଏକାଠି କରି ରାସ୍ତାର ଗୋଟିଏ କଡରେ ରଖିଲା। ଏଥର ଜିଲାପାଳ ସେହି ପିଲାଟି ପାଖକୁ ଯାଇ ପଚାରିଲେ, ଆରେ ବାବୁ, ତୋ ନାମ କ'ଣ ? ଏକଥା ଶୁଣି ପିଲାଟି କହିଲା, ‘‘ସାର୍, ମୋ ନାମ ବାଜି ରାଉତ। ମୁଁ ଏହି ସ୍କୁଲର ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ଗୁପଚୁପ ବିକୁଥିବା ମୋ ବାପାଙ୍କର ଦେହାନ୍ତ ହେଲା। ତେଣୁ ମୁଁ ପାଠ ପଢ଼ିବା ଛାଡି ଘର ଚଳାଇବାକୁ ଏବେ ଗୁପଚୁପ ବିକୁଛି। ତେବେ ଏଇ ତ୍ରିରଙ୍ଗା ଆଜି ଆମ ଦେଶ ପାଇଁ ଗର୍ବ ସାଜିଛି। ଏହି ତ୍ରିରଙ୍ଗା ପାଇଁ କେତେ ନିଜ ଜୀବନକୁ ବଳି ଦେଇଛନ୍ତି। ତା'ର ଅପମାନ ମୁଁ କେମିତି ସହିବି ? ମୁଁ ପରା ବାଜି ରାଉତ। ଦିନେ ମୋ ନାମ ଥିବା ଏକ ପିଲା ଦେଶ ପାଇଁ ଗୁଳି ଖାଇ ନିଜ ଜୀବନ ଦେଇଦେଇଥିଲା। ମୋ ବାପା ସବୁବେଳେ ମୋତେ କହନ୍ତି, ‘ନାମର ଓଜନ ରଖିବା ପାଇଁ ନାମକୁ ସାର୍ଥକ କରିବାକୁ ପଡେ। ନାମକୁ ସାର୍ଥକ କଲେ ଜୀବନ ସାର୍ଥକ ହୁଏ।’ ତେଣୁ ମୋ ପାଇଁ ଦେଶ ସବୁଠାରୁ ବଡ।’’ ପିଲାଟିର କଥା ଶୁଣି ଜିଲାପାଳ ଅଭିଭୂତ ହୋଇଗଲେ। ପିଲାଟିକୁ ଧରି ସ୍କୁଲର ମଞ୍ଚ ଉପରକୁ ନେଇଗଲେ। ସେହିଦିନ ପିଲାଟିକୁ ସ୍ୱତନ୍ତ୍ର ଭାବରେ ପୁରସ୍କୃତ କରାଯାଇଥିଲା।



**–ଛନ୍ଦା ମିଶ୍ର,** ଭୁବନେଶ୍ୱର

# କହିଲ ଦେଖି



**୧.**ଫର ଫର ହୋଇ ସେ ଉଡୁଥାଏ
ତିନୋଟି ରଙ୍ଗରେ ଝଟକୁ ଥାଏ
ମଝିରେ ଥାଏ ତା' ଚକ୍ର ଗୋଟିଏ
ଝୁରୁଥାନ୍ତି ତାକୁ ଲୋକ କୋଟିଏ।
**ଉତ୍ତର : ତ୍ରିରଙ୍ଗା ପତାକା**

**୨.**ରାମ ରାଜ୍ୟ ଗଢିବା ସ୍ୱପ୍ନ ଥିଲା ତାଙ୍କର
ସ୍ୱାଧୀନତା ପାଇବାରେ ସେ ଶ୍ରେୟସ୍କର
ଅସହଯୋଗ ଆନ୍ଦୋଳନ ଥିଲେ ସେ କରି
ଜାତୀୟ ପିତା ନାମେ ତାଙ୍କ ନାମ ବିସ୍ତାରି
କାଟି ଖାଅ କୁଟି ପିନ୍ଧ ବୋଲି ଥିଲେ ସେ କହି
ଆଖିରେ ଚଷମା ହାତେ ବାଡିଟେ ଥାଇ।
**ଉତ୍ତର : ମହାତ୍ମା ଗାନ୍ଧୀ**

**୩.**ବରଷରେ ଥରେ ପାଳିତ ହୁଏ
ଜଣଗଣମନ ସାରା ଭାରତ ଗାଏ
ଅଗଷ୍ଟ ପନ୍ଦର ଏହି ଦିନଟି ଧାର୍ଯ୍ୟ
ଆମପାଇଁ ଥିଲା ଏହା ମହତ କାର୍ଯ୍ୟ
ଭାରତବାସୀଙ୍କ ଓଠେ ଭରିଲା ହସ
କହିଲ ଦେଖି ଏହା କେଉଁ ଦିବସ।
**ଉତ୍ତର : ସ୍ୱାଧୀନତା ଦିବସ**

**୪.**ଦେଶକୁ ସୁରକ୍ଷା ଦେବାର ପାଇଁ
ଜୀବନ ଦିଅନ୍ତି ବାଜି ଲଗେଇ
ଭୁଲି ସେ ଯାଆନ୍ତି ରାତି କି ଦିନ
ଭାରତ ମାତାର ସେ ଯୋଗ୍ୟ ସନ୍ତାନ
ରହିଥାନ୍ତି ସଦା ସଜାଗ ହୋଇ
ପଛଘୁଞ୍ଚା କେବେ ଦିଅନ୍ତି ନାହିଁ।
**ଉତ୍ତର : ସୈନିକ**

**–ପ୍ରଶାନ୍ତ କୁମାର ନାଥ,** ସୁନ୍ଦରପୁର, ଉତ୍ତରକୂଳ ହାଟ୍, ପ୍ରୀତିପୁର, ଯାଜପୁର

## ଟଗଲା ଭୀମୁ




## ତୁମ ତୂଳୀରୁ


**ଦେବସ୍ମିତା ସାହୁ,** କ୍ଲାସ-୧, ଶୁଭମ୍ ବିଦ୍ୟାନିକେତନ, ନୂଆପଡ଼ା, କଟକ






**ସେଜଲ୍ ନାୟକ,** କ୍ଲାସ- ୩, ଏସ୍‌ସିଏଚ୍ ଭିମଳା କନ୍‌ଭେଣ୍ଟ, ଭବାନିପାଟଣା


**ଆଦ୍ୟା ପଟ୍ଟନାୟକ,** କ୍ଲାସ୍-୨, ସେଣ୍ଟ ଜୋଶେଫ୍ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର





ମହାରାଷ୍ଟ୍ର କଲ୍ୟାଣରେ ବୁଲୁଥିବା ଏକ ଦୁଇମୁଣ୍ଡିଆ ବିଷାକ୍ତ ସାପକୁ ନେଇ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ପ୍ରାୟ ୧୧ ସେଣ୍ଟିମିଟର ଲମ୍ବ ଏହି ବିରଳ ପ୍ରଜାତିର ସାପର ଭିଡ଼ିଓ ଏବେ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଏହାକୁ ଡିମ୍ପଲ ଶାହା ନାମକ ଜଣେ ବ୍ୟକ୍ତି ପ୍ରଥମେ ଦେଖିଥିଲେ। ଉଦ୍ଧାରକାରୀ ଦଳ ପହଞ୍ଚି ସାପକୁ ଧରିଥିଲେ। ସାପର ଭିଡ଼ିଓକୁ ସୁଶାନ୍ତ ନନ୍ଦା ନିଜ ଟୁଇଟର ହ୍ୟାଣ୍ଡେଲରେ ଶେୟାର କରିଛନ୍ତି। ଏହି ୨୦ ସେକେଣ୍ଡର ଭିଡ଼ିଓକୁ ଇତିମଧ୍ୟରେ ୧୦ ହଜାରରୁ ଅଧିକ ଥର ଦେଖା ସରିଛି।



# ରହସ୍ୟମୟ ଚିତ୍ରକଳା

ସୃଜନଶୀଳ ଅଭିବ୍ୟକ୍ତିର ଅନନ୍ୟ ନମୁନା ଚିତ୍ରକଳା ବା ପେଣ୍ଟିଂ। ଦୁନିଆରେ ଚିତ୍ରକର ଏବଂ ଚିତ୍ରକଳାର ଅଭାବ ନାହିଁ। ହେଲେ ନିଜର ଭାବନା, ଅନୁଭବ ଏବଂ ସୂକ୍ଷ୍ମ ମନସ୍ତାତ୍ତ୍ୱିକ ଚିନ୍ତାଧାରାକୁ କାନ୍‌ଭାସ୍‌ରେ ଉତାରିବା ଦକ୍ଷତା ହିଁ ଜଣେ ଶିଳ୍ପୀକୁ ପ୍ରସିଦ୍ଧି ଆଣିଦିଏ। ପୁରାତନ କାଳରୁ ସାମାଜିକ ବିଧି ବ୍ୟବସ୍ଥା, ଧର୍ମୀୟ ବିଶ୍ୱାସକୁ ନେଇ ମାନବ ସଭ୍ୟତା ସହ ସମାନ୍ତରାଳ ଭାବେ ବିକଶିତ ହୋଇଆସିଛି ଚିତ୍ରକଳା। ହେଲେ ଏମିତି ହାତଗଣତି ପେଣ୍ଟିଂ ରହିଛି, ଯାହାର ଥିମ୍ ଦେଖଣାହାରୀଙ୍କୁ ଆଶ୍ଚର୍ଯ୍ୟଚକିତ କରିଦିଏ। ଏପରି ରହସ୍ୟମୟ ଚିତ୍ରକଳାକୁ ନେଇ ସ୍ୱତନ୍ତ୍ର ପ୍ରସ୍ତୁତି...

ବଲିଉଡ୍ ଷ୍ଟାର୍ ସୁଶାନ୍ତ ସିଂ ରାଜପୁତଙ୍କ ଡେଥ୍ ମିଷ୍ଟ୍ରିକୁ ନେଇ ଲାଗିରହିଛି ଆଲୋଚନା ଏବଂ ପର୍ଯ୍ୟାଲୋଚନା। ସୁଶାନ୍ତଙ୍କ ମୃତ୍ୟୁ ପଛରେ ବି-ଟାଉନ୍‌ର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ସମ୍ପୃକ୍ତ ଥିବା ଚର୍ଚ୍ଚା ଜୋର୍ ଧରିଛି। ଏହାପରେ ନେପୋଟିଜିମ୍ ସପକ୍ଷରେ ରହି ପ୍ରକୃତ ପ୍ରତିଭାଙ୍କୁ ଅଣଦେଖା କରୁଥିବା ନିର୍ଦ୍ଦେଶକ, ପ୍ରଯୋଜକ ଏବଂ ଷ୍ଟାର୍ କିଡ୍‌ଙ୍କ ସିନେମାକୁ ବୟକଟ୍ କରିବା ଲାଗି ଆରମ୍ଭ ହୋଇଛି ଅଭିଯାନ। ସୁଶାନ୍ତଙ୍କ ମୃତ୍ୟୁ ପଛରେ ତାଙ୍କର ଗର୍ଲଫ୍ରେଣ୍ଡ ରିଆ ଚକ୍ରବର୍ତ୍ତୀଙ୍କ ପ୍ରଚ୍ଛନ୍ନ ହାତ ରହିଥିବା ମଧ୍ୟ ଅନେକେ ଦାବି କରୁଛନ୍ତି। ଏସବୁ ଭିତରେ ସୁଶାନ୍ତଙ୍କ ସହ ୟୁରୋପ ଗସ୍ତର ଏକ ଘଟଣା ବଖାଣିଛନ୍ତି ରିଆ। ତାଙ୍କ କହିବା କଥା, ୟୁରୋପ ଗସ୍ତ ସମୟରେ ହୋଟେଲ ପ୍ରକୋଷ୍ଠରେ ଏକ ରହସ୍ୟମୟ ପେଣ୍ଟିଂ ଲାଗିଥିଲା। ଏହି ପେଣ୍ଟିଂକୁ ଦେଖି ସୁଶାନ୍ତ ମାନସିକ ସନ୍ତୁଳନ ହରାଇଥିବା ରିଆ ବୟାନରେ କହିଛନ୍ତି। ଏହି ରହସ୍ୟମୟ ପେଣ୍ଟିଂ କ'ଣ। କାହିଁକି ଏବଂ କେଉଁ ପରିସ୍ଥିତିରେ ଏପରି ଚିତ୍ରକଳା ପ୍ରସ୍ତୁତ କରାଯାଇଥିଲା। ଏପରି ଚିତ୍ର ଜଣେ ସାଧାରଣ ମଣିଷର ମାନସିକ ଅବସ୍ଥାକୁ ପ୍ରଭାବିତ କରେ କି। ଏଭଳି ଅନେକ ପ୍ରଶ୍ନକୁ ନେଇ ଏବେ ସୋସିଆଲ ମିଡିଆରେ ଆରମ୍ଭ ହୋଇଛି ବିତର୍କ।

## 'ଶଟର୍ନ ଡେଭରିଂ ହିଜ୍ ସନ୍'



'ଶଟର୍ନ ଡେଭରିଂ ହିଜ୍ ସନ'

ରିଆ ଚକ୍ରବର୍ତ୍ତୀ ଯେଉଁ ପେଣ୍ଟିଂ ବିଷୟରେ କହିଛନ୍ତି, ତାହା ହେଉଛି 'ଶଟର୍ନ ଡେଭରିଂ ହିଜ୍ ସନ'। ଇଟାଲୀର ୬୦୦ ବର୍ଷ ପୁରୁଣା ହେରିଟେଜ୍ ହୋଟେଲରେ ଏହି ରହସ୍ୟମୟ ଚିତ୍ର ଶୋଭାବର୍ଦ୍ଧନ କରୁଛି। ମହାନ୍ ସ୍ପେନିଶ ଚିତ୍ରଶିଳ୍ପୀ ଫ୍ରାନ୍ସିସ୍କୋ ଗୋୟାଙ୍କ ଦ୍ୱାରା ପ୍ରସ୍ତୁତ ଏହି ପେଣ୍ଟିଂ ଊନବିଂଶ ଶତାବ୍ଦୀ ଅନ୍ୟତମ ଶ୍ରେଷ୍ଠ କଳାକୃତି ମଧ୍ୟରୁ ଗୋଟିଏ। ଏହି ଥିମ୍‌ରେ ଫ୍ରାନ୍ସିସ୍କୋ ମୋଟ ୧୪ଟି ଚିତ୍ରକଳା ପ୍ରସ୍ତୁତ କରିଛନ୍ତି, ଯାହା 'ଦି ବ୍ଲାକ୍ ପେଣ୍ଟିଂ' ନାମରେ ପରିଚିତ। ମାଦ୍ରିଦ୍‌ସ୍ଥିତ ନିଜ ଘରେ ଫ୍ରାନ୍ସିସ୍କୋ ଏସବୁ ଚିତ୍ରକଳା ଲଗାଇଥିଲେ। 'ଶଟର୍ନ ଡେଭରିଂ ହିଜ୍ ସନ' ପେଣ୍ଟିଂ ଦେଖିବାକୁ ବେଶ୍ ଭୟଙ୍କର। ଏଥିରେ ବିବସ୍ତ୍ର ଅବସ୍ଥାରେ ଅଛନ୍ତି ଜଣେ ବିଶାଳକାୟ ବ୍ୟକ୍ତି। ତାଙ୍କ ଚୁଟି ବିକ୍ଷିପ୍ତ ଅବସ୍ଥାରେ ରହିଛି। ବ୍ୟକ୍ତି ଜଣକ ନୃଶଂସ ଭାବେ ନିଜର ସନ୍ତାନକୁ ଖାଉଥିବା ଦୃଶ୍ୟକୁ ଅତି ନିଖୁଣ ଭାବେ କାନ୍‌ଭାସ୍‌ରେ ତୋଳି ଧରିଛନ୍ତି ଫ୍ରାନ୍ସିସ୍କୋ। ରୋମାନ ମିଥ୍ ଉପରେ ପର୍ଯ୍ୟବସିତ ଏହି ଚିତ୍ରରେ ଅତି ଭୟଙ୍କର ଭାବେ ଚିତ୍ରଣ କରାଯାଇଥିବା ବ୍ୟକ୍ତିଜଣକ ହେଉଛନ୍ତି ଶର୍ଟନ ବା ଶନି। ଶନି ହେଉଛନ୍ତି ରୋମାନ ଦେବତା। ପ୍ରଚଳିତ ଲୋକକଥା ଅନୁଯାୟୀ, ଶନିଙ୍କୁ ଘାରିଥିଲା ଶାସନ ଗାଦି ବଞ୍ଚାଇବା ଭୟ। ତାହା ବି ନିଜ ଜନ୍ମିତ ସନ୍ତାନଙ୍କ ପାଇଁ। କାରଣ ପିତା ସୋଲିୟସଙ୍କଠାରୁ ଏଭଳି ଭାବେ ହିଁ ଶନି ଛଡ଼ାଇ ଆଣିଥିଲେ ଶାସନ କଳ। ଏହି ଭୟ କାରଣରୁ ସେ ନିଜର ୭ଜଣ ନବ ସନ୍ତାନଙ୍କୁ ଜୀବନ୍ତ ଖାଇଯାଇଥିଲେ। ଅଷ୍ଟମ ଗର୍ଭର ସନ୍ତାନକୁ ଜନ୍ମଦେବା ପରେ ଶନିଙ୍କ ସ୍ତ୍ରୀ କୌଶଳକ୍ରମେ ଲୁଚାଇ ଦେଇଥିଲେ। ଏହି ଶିଶୁ ଥିଲେ ଜୁପିଟର। ମିଥ୍ ଅନୁଯାୟୀ ଶେଷରେ ଜୁପିଟର ହିଁ ଶନିଙ୍କୁ ହରାଇଥିଲେ।

### ଡିପ୍ରେଶନରେ ଥିଲେ ଶିଳ୍ପୀ ଫ୍ରାନ୍ସିସ୍କୋ

'ଶଟର୍ନ ଡେଭରିଂ ହିଜ୍ ସନ'ର ଚିତ୍ରଶିଳ୍ପୀ ଫ୍ରାନ୍ସିସ୍କୋଙ୍କ ବିଷୟରେ ଅନେକ ରୋଚକ ତଥ୍ୟ ଶୁଣିବାକୁ ମିଳେ। ୪୬ବର୍ଷରୁ ଭୀଷଣ ଡିପ୍ରେଶନର ଶିକାର ହୋଇଥିଲେ ଫ୍ରାନ୍ସିସ୍କୋ। ଏପରି ସଙ୍କଟମୟ ସମୟରେ ଘର କାନ୍ଥରେ ତାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ୧୪ଟି ରହସ୍ୟମୟ ପେଣ୍ଟିଂ। ଫ୍ରାନ୍ସିସ୍କୋ ଚାହୁଁ ନ ଥିଲେ ଏସବୁ ଚିତ୍ରକଳା ବାହାରକୁ ଆସୁ। କାରଣ ଏସବୁ ପେଣ୍ଟିଂରେ ତାଙ୍କ ବିଷାଦର ଝଲକ ବାରି ହୋଇପଡୁଥିଲା। ତେଣୁ ଏହି ଚିତ୍ରଗୁଡ଼ିକର ସେ ନାମକରଣ ମଧ୍ୟ କରି ନ ଥିଲେ। ଫ୍ରାନ୍ସିସ୍କୋଙ୍କ ମୃତ୍ୟୁର ୫୦ ବର୍ଷ ପରେ କାନ୍ଥରୁ ଉଦ୍ଧାର ପେଣ୍ଟିଂଗୁଡ଼ିକ କାନ୍‌ଭାସରେ ସ୍ଥାନ ପାଇଥିଲା ଏବଂ ଏଗୁଡ଼ିକର ନାମ ଦିଆଯାଇଥିଲା 'ଦି ବ୍ଲାକ୍ ପେଣ୍ଟିଂ'।



'ହ୍ୱିଟ୍ ଫିଲ୍ଡ ୱିଥ୍ କ୍ରୋଜ୍'

## 'ହ୍ୱିଟ୍ ଫିଲ୍ଡ ୱିଥ୍ କ୍ରୋଜ୍'ରେ ଭିନ୍‌ସେଣ୍ଟଙ୍କ ଅବସାଦ

ପୃଥିବୀରେ ଏମିତି ଅନେକ ପେଣ୍ଟିଂ ରହିଛି, ଯାହାକୁ ଦେଖିଲେ ବିଷାଦପଣର ଶିକାର ହୋଇଯାଏ ମନ। ଅବସାଦଗ୍ରସ୍ତ ଅବସ୍ଥାରେ ଶିଳ୍ପୀମାନେ ଏଭଳି ଚିତ୍ର ଆଙ୍କିଥିବା କୁହାଯାଏ। କେବଳ ଏତିକି ନୁହେଁ, ଅବସାଦର ଶିକାର ହୋଇଥିବା ଅନେକ ଚିତ୍ରକର ନିଜର ମନ ପସନ୍ଦର ଚିତ୍ର ଆଙ୍କିବା ପରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ମଧ୍ୟ ନେଇଥିବା ନଜିର ରହିଛି। ପ୍ରଖ୍ୟାତ ଡଚ୍ ଚିତ୍ରଶିଳ୍ପୀ 'ଭିନ୍‌ସେଣ୍ଟ ଭାନ୍ ଗୋ'ଙ୍କ ଦ୍ୱାରା ପ୍ରସ୍ତୁତ ରହସ୍ୟମୟ ଚିତ୍ର 'ହ୍ୱିଟ୍ ଫିଲ୍ଡ ୱିଥ୍ କ୍ରୋଜ୍' ଏହାର ଏକ ଉଦାହରଣ। ଏହି ଚିତ୍ରକଳା ପ୍ରସ୍ତୁତ କରିବାର ଦୁଇ ସପ୍ତାହ ପରେ ଭିନ୍‌ସେଣ୍ଟ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିଲେ। ସେତେବେଳକୁ ତାଙ୍କୁ ମାତ୍ର ୩୭ ବର୍ଷ ହୋଇଥିଲା। ମୃତ୍ୟୁ ପୂର୍ବରୁ ଭିନ୍‌ସେଣ୍ଟ ଲୋକପ୍ରିୟତା ହାସଲ କରିପାରି ନ ଥିଲେ। କାରଣ ଅଧିକାଂଶ ଚିତ୍ରକଳାକୁ ତାଙ୍କ ମା' ଜାଳି ଦେଇଥିଲେ। ମୃତ୍ୟୁ ପରେ ତାଙ୍କ ପାରଦର୍ଶିତା ଜନସମାଜରେ ପ୍ରଚାରିତ ହୋଇଥିଲା। ତାଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳାର ଅର୍ଥକୁ ବୁଝିବା ଏବଂ ବୁଝାଇବା କାଠିକର ପାଠ ବୋଲି ଆଜି ବି ଅନେକେ ମତ ଦିଅନ୍ତି।

## 'ଦି ସ୍କ୍ରିମ୍'ରୁ ପ୍ରେରଣା



ଦି ସ୍କ୍ରିମ୍

ନରୱେର ବିଶିଷ୍ଟ ଚିତ୍ରକର ଏଡୱାର୍ଡ ମଞ୍ଚଙ୍କ ଜୀବନକୁ ଅଭିଶପ୍ତ କରିଦେଇଥିଲା ଡିପ୍ରେଶନ। ଏହି ସମୟରେ ତାଙ୍କ ତୂଳୀ ଜନମାନସକୁ ଉପହାର ଦେଇଥିଲା ପ୍ରସିଦ୍ଧ ପେଣ୍ଟିଂ 'ଦି ସ୍କ୍ରିମ୍'। ଅବସାଦର ଶିକାର ହେବା ପରେ ଏଡୱାର୍ଡଙ୍କ ମାନସିକ ସନ୍ତୁଳନ ଆଦୌ ଠିକ୍ ନ ଥିଲା। ଆକାଶର ରଙ୍ଗକୁ ନେଇ ସେ ବାରମ୍ବାର ଭ୍ରମରେ ପଡୁଥିଲେ। ଆକାଶର ନୀଳ ରଙ୍ଗ ଲାଲ୍ ହୋଇଯାଉଥିବା ତାଙ୍କୁ ଅନୁଭବ ହେଉଥିଲା। ଏଥିପାଇଁ ସେ ବ୍ୟସ୍ତବିବ୍ରତ ହୋଇ ଚିତ୍କାର କରୁଥିଲେ। ତେବେ ଅବସାଦଗ୍ରସ୍ତ ହେବା ସତ୍ତ୍ୱେ ଏଡୱାର୍ଡଙ୍କ ପ୍ରେରଣା ପାଲଟିଥିଲା 'ଦି ସ୍କ୍ରିମ୍'। ଏହା ହିଁ ତାଙ୍କୁ ବିଷାଦରୁ ମୁକୁଳାଇ ସଫଳତା ଆଡ଼କୁ ନେଇଯାଇଥିଲା।

## ନିଶାର୍ଦ୍ଧର ଚିତ୍ରକର ଏଡ୍‌ଗାର ଡେଗାସ୍



ଏଡ୍‌ଗାର ଡେଗାସ୍‌ଙ୍କ ପେଣ୍ଟିଂ

ମହାନ୍ ଫ୍ରାନ୍ସିସ୍ ଚିତ୍ରଶିଳ୍ପୀ ଏଡ୍‌ଗାର ଡେଗାସ୍‌ଙ୍କ ପେଣ୍ଟିଂଗୁଡ଼ିକରେ ମଧ୍ୟ ବିଷାଦର ଚିତ୍ର ସ୍ପଷ୍ଟ ପ୍ରତିଫଳିତ। ଏଡ୍‌ଗାର ଡେଗାସ୍‌ଙ୍କୁ ନିଶାର୍ଦ୍ଧର ଚିତ୍ରକର ବୋଲି ମଧ୍ୟ କୁହାଯାଏ। କାରଣ ଶରୀରରେ ସୂର୍ଯ୍ୟକିରଣ ପଡ଼ିଲେ ସେ ପ୍ରତିକ୍ରିୟାଶୀଳ ହୋଇ ପଡୁଥିଲେ। କେବଳ ରାତିରେ ହିଁ ବାହାରକୁ ବାହାରୁଥିଲେ। ଅଶୀ ଦଶକରେ ସେ ଗଭୀର ମାନସିକ ଅବସାଦର ଶିକାର ହୋଇଥିଲେ। ୧୯୮୪ରେ ସେ ନିଜ ଭାବନାକୁ ପରିପ୍ରକାଶ କରିବାକୁ ସେ ଲେଖିଥିଲେ କେଇ ଧାଡ଼ି। 'ମୁଁ ମରୁଭୂମି ପାଲଟିଗଲିଣି। ପ୍ରେରଣା ବି ହରାଇ ସାରିଛି।' ଏହି ପଂକ୍ତିରୁ ତାଙ୍କର ହତାଶାବୋଧ ବାରି ହୋଇପଡ଼େ। କିଛିଦିନ ପରେ ଡେଗାସ୍ ନିଜର ଦୃଷ୍ଟିଶକ୍ତି ହରାଇବସିଲେ। ପ୍ୟାରିସର ଗଳିକନ୍ଦିରେ ସେ ଇତସ୍ତତଃ ଭାବେ ବୁଲିବାକୁ ଲାଗିଲେ। ଡିପ୍ରେଶନର ଶିକାର ହେବା ଅବସ୍ଥାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।



ଶିବଲୀକା ଓବେରୟ

## 'ମୋ ବଲିଉଡ୍ ଯାତ୍ରା ସମ୍ପୂର୍ଣ୍ଣ ନିଆରା'

**ମୁମ୍ବାଇ:** ଅଭିନେତ୍ରୀ ଶିବଲୀକା ଓବେରୟ ନିଜର ବଲିଉଡ୍ ଯାତ୍ରା ସମ୍ପୂର୍ଣ୍ଣ ନିଆରା ବୋଲି ଏକ ସାକ୍ଷାତ୍‌କାରରେ କହିଛନ୍ତି। ପ୍ରଥମେ ଫିଲ୍ମ 'କିକ୍' ଓ 'ହାଉସ୍‌ଫୁଲ୍-୩'ରେ ସହ ନିର୍ଦ୍ଦେଶିକା ଭାବେ କାମ କରିବା ପରେ ସେ ଅଭିନେତ୍ରୀ ସାଜିଥିଲେ। ସେ 'ୟେ ସାଲି ଆସିକି', 'ଖୁଦା ହାଫିଜ୍'ରେ ଅଭିନୟ କରିଛନ୍ତି। ଏହି ୨ ଫିଲ୍ମ ରିଲିଜ୍ ଅପେକ୍ଷାରେ ରହିଛି। ମହାମାରୀ କରୋନା ଯୋଗୁ ଏହି ଫିଲ୍ମ ରିଲିଜ୍ ହେବାରେ ବିଳମ୍ବ ହୋଇଥିବା ସେ କହିଛନ୍ତି। ତାଙ୍କ ଜେଜେବାପା ମହାବୀର ଓବେରୟ ଜଣେ ନିର୍ଦ୍ଦେଶକ ଥିଲେ ସୁଦ୍ଧା ନିଜକୁ ଜଣେ ସମ୍ପୂର୍ଣ୍ଣ ବାହାର ଲୋକ ଭଳି ବଲିଉଡ୍‌କୁ ଆପଣାଇଥିବା ସେ ପ୍ରକାଶ କରିଛନ୍ତି। ଜେଜେବାପାଙ୍କୁ ଦେଖିନାହିଁ, କେବଳ ତାଙ୍କ ବିଷୟରେ ଶୁଣିଛି। ବାପା ଟିନ୍‌ଏଜର ଥିବାବେଳେ ସେ ଆରପାରିକୁ ଚାଲିଯାଇଥିଲେ। ୬୦ ଦଶକରେ ତାଙ୍କର ବେଶ୍ ପ୍ରଭାବ ଥିଲା ସତ, ହେଲେ ତାଙ୍କଠାରୁ କୌଣସି ଫାଇଦା ପାଇ ନ ଥିବା କହିଛନ୍ତି ଶିବଲୀକା। ସାଧାରଣ ଝିଅ ଭଳି ଅଡିଶନ ଦେଇ ସଫଳ ହୋଇଥିଲେ ବୋଲି ସେ ପ୍ରକାଶ କରିଛନ୍ତି। ଫିଲ୍ମ ଇଣ୍ଡଷ୍ଟ୍ରୀ ସହ ଆମର କିଛି ସମ୍ପର୍କ ନ ଥିଲା କହିଲେ ଚଳେ। କଠିନ ପରିଶ୍ରମ ଦ୍ୱାରା ଆଜି ମୁଁ ଯାହାକିଛି ହୋଇପାରିଛି ବୋଲି ସେ ପ୍ରକାଶ କରିଛନ୍ତି। ସହନିର୍ଦ୍ଦେଶିକା ଥିବାବେଳେ କ୍ୟାମେରା ସାମ୍ନାରେ ଯାହା ଘଟେ, ସେଥିରୁ ସବୁକିଛି ଶିକ୍ଷା କରିଥିଲି ଓ ପରେ କ୍ୟାମେରାକୁ ସାମ୍ନା କରିବା ମୋ ପାଇଁ ସହଜ ଥିଲା ବୋଲି ଶିବଲୀକା କହିଛନ୍ତି। ଅଭିଜ୍ଞତା, ଦକ୍ଷତା ଓ ଫେଶ୍ ଭ୍ୟାଲୁ ମୋତେ ଆଗେଇବାରେ ସଫଳତା ଆଣିଦେଇଛି ବୋଲି ସେ ମତ ରଖିଛନ୍ତି।



## ହୃଦ୍ କମ୍ପନ ଶୁଣି ଚିକିତ୍ସା

### ସଙ୍ଗୀତ ହିଁ ଜୀବନ

**ନୂଆଦିଲ୍ଲୀ:** ସଙ୍ଗୀତ ହିଁ ଜୀବନ। ଜାମାଇକାର କୁଇନ୍ସଠାରେ ବସବାସ କରୁଥିବା ମିଲ୍‌ଫୋର୍ଡଙ୍କ କ୍ଷେତ୍ରରେ ଏହା ହିଁ ଘଟିଛି। ମିଲ୍‌ଫୋର୍ଡ ପେସାରେ ଜଣେ ସଙ୍ଗୀତଜ୍ଞ। ୧୯୬୦ ଦଶକରେ ଜଣେ 'ଡ୍ରମର'ଭାବେ ତାଙ୍କର ବେଶ୍ ଖ୍ୟାତି ରହିଥିଲା। ସଙ୍ଗୀତକୁ ଭଲପାଉଥିବା ମିଲ୍‌ଫୋର୍ଡ ଧୀରେ ଧୀରେ ସଙ୍ଗୀତ ସହ ହୃଦ୍ କମ୍ପନକୁ ମଧ୍ୟ ଶୁଣିବା ଆରମ୍ଭ କରିଥିଲେ। 'ସଙ୍ଗୀତର ହୃଦୟ ଉପରେ ପ୍ରଭାବ'କୁ ନେଇ ସେ ଗବେଷଣା ଚଳାଇଛନ୍ତି। ୪୫ ବର୍ଷ ଧରି ସେ ହୃଦ୍‌କମ୍ପନ ଶୁଣି ସଙ୍ଗୀତ ପ୍ରସ୍ତୁତ କରୁଛନ୍ତି। ଏବେ ନିଜ ହୃଦ୍ କମ୍ପନକୁ ଶୁଣି ମ୍ୟୁଜିକ୍ ଥେରାପି ମାଧ୍ୟମରେ ସେ ନିଜର ଚିକିତ୍ସା ମଧ୍ୟ କରାଉଛନ୍ତି।

୭୮ବର୍ଷୀୟ ଏହି ଡ୍ରମ୍ ବାଦକଙ୍କ କହିବା ହେଲା, ହୃଦ୍ କମ୍ପନକୁ ନେଇ ନିଜର ସ୍ୱତନ୍ତ୍ର ମ୍ୟୁଜିକ୍ ପ୍ରସ୍ତୁତ କରାଯାଇପାରେ। ତେବେ ୨୦୧୮ରେ ତାଙ୍କୁ ଆମିଲଏଡ୍ କାର୍ଡିଓମାୟୋପାଥି ନାମକ ରୋଗ ହୋଇଥିବା ଜଣାପଡ଼ିଥିଲା। ସେ କେବଳ ୬ମାସ ହିଁ ବଞ୍ଚିପାରିବେ, ଏହି ରୋଗର କୌଣସି ଚିକିତ୍ସା ନାହିଁ ବୋଲି ଡାକ୍ତର କହିଦେଇଥିଲେ। ହେଲେ ଏହା ମଧ୍ୟରେ ସେ ଅନେକ ଥର ମୃତ୍ୟୁ ମୁହଁରୁ ଫେରିଆସିଛନ୍ତି। ତାଙ୍କ ଲଙ୍ଗସରେ ପାଣି ଜମୁଥିବାବେଳେ ଦୁର୍ବଳତା ଯୋଗୁ ସେ ଚାଲିବାରେ ମଧ୍ୟ ଅକ୍ଷମ। ତଥାପି ସେ ରୋଗ ଆଗରେ ମୁଣ୍ଡ ନୁଆଁଇନାହାନ୍ତି। ମିଲ୍‌ଫୋର୍ଡ ହୃଦ୍‌ରୋଗ ବିଶେଷଜ୍ଞଙ୍କ ନିକଟରେ ନିଜର ଚିକିତ୍ସା କରାଉଛନ୍ତି। ଏଥିସହ ବିକଳ୍ପ ଚିକିତ୍ସାଭାବେ ସେ ମ୍ୟୁଜିକ୍ ଥେରାପି ମାଧ୍ୟମରେ ନିଜର ଚିକିତ୍ସା ନିଜେ କରୁଛନ୍ତି। ଷ୍ଟେଥୋସ୍କୋପ୍ ସାହାଯ୍ୟରେ ସେ ନିଜ ହୃଦ୍ କମ୍ପନ ଶୁଣିବା ସହ ଅଲ୍‌ଟ୍ରାସାଉଣ୍ଡ ମେଶିନ ଜରିଆରେ ତାହା ରେକର୍ଡ କରୁଛନ୍ତି। ସେହି କମ୍ପନକୁ ସେ ଡ୍ରମ୍‌ରେ ବଜାଉଛନ୍ତି ଏବଂ ଗୀତ ମଧ୍ୟ ଗାଉଛନ୍ତି। ଇଲେକ୍ଟ୍ରୋନିକ୍ ଟ୍ରାନ୍ସଡ୍ୟୁସର୍ସ ସାହାଯ୍ୟରେ ଡ୍ରମ୍‌ହେଡ୍‌ରେ ମିଲ୍‌ଫୋର୍ଡ ନିଜ ହୃଦ୍ କମ୍ପନକୁ ରେକର୍ଡିଂ ପ୍ଲେ କରନ୍ତି। ଏହି ସମସ୍ତ ଜିନିଷକୁ ନେଇ ସେ ଭିଡିଓ ରେକର୍ଡିଂ ମଧ୍ୟ କରନ୍ତି। ମିଲ୍‌ଫୋର୍ଡଙ୍କ ବିଶ୍ୱାସ ଯେ, ହୃଦ୍ କମ୍ପନକୁ ଶୁଣି ବାୟୋଫିଡ୍‌ବ୍ୟାକ୍ ଜରିଆରେ ଏକ ନୂତନ ହେଲ୍‌ଦି ରିଦମ୍(ସୁସ୍ଥ ତାଳ)ପ୍ରସ୍ତୁତ କରାଯାଇପାରିବ। ଏହାକୁ ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ ମଧ୍ୟ ବ୍ୟବହାର କରାଯାଇପାରେ। ମିଲ୍‌ଫୋର୍ଡ କୁହନ୍ତି, ତାଙ୍କ ଜୀବନର କେତେଦିନ ରହିଛି ଜାଣନ୍ତିନି। କିନ୍ତୁ ଏହି ଗବେଷଣା ଠିକ୍ ରାସ୍ତାରେ ଗଲେ ଅନେକ ଲୋକଙ୍କ ପାଇଁ ଲାଭଦାୟକ ହୋଇପାରିବ।

## ପାଣି ଭିତରେ ଛାଇର ଖେଳ

**ନୂଆଦିଲ୍ଲୀ:** କଳ୍ପନାରେ ବେଳେବେଳେ ଏମିତି କିଛି ଜିନିଷ ଆସେ ତାକୁ ରୂପ ଦେବା ବେଳକୁ ମଣିଷ ନିଜେ ବି ଆଶ୍ଚର୍ଯ୍ୟ ହୋଇଯାଏ। ଠିକ୍ ଏମିତି ଏକ ଭିଜୁଆଲ ଏବେ ଦେଖିବାକୁ ମିଳୁଛି ସୋସିଆଲ୍ ମିଡିଆରେ। ଭିଡିଓରେ ଦୁଇଜଣ ବାଳକ ଏକ ବାସ୍କେଟବଲ୍ କୋର୍ଟରେ ପାଣି ଭିତରେ ଏଭଳି ଏକ ଦୃଶ୍ୟ ତିଆରି କରିଛନ୍ତି, ଯାହାକୁ ଦେଖି ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବ।

ଏମିତି ଏକ ଭିନ୍ନ ଧରଣର ଭିଡିଓକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି ପୂର୍ବତନ ବାସ୍କେଟବଲ୍ ଖେଳାଳି ରେକ୍ସ ଚାପ୍‌ମ୍ୟାନ୍। ୨୨ ସେକେଣ୍ଡର ଏହି ଭିଜୁଆଲରେ ଦୁଇଜଣ ବାଳକଙ୍କ ମଧ୍ୟରୁ ଜଣେ ବାସ୍କେଟବଲ୍ କୋର୍ଟରେ ତଳେ ଶୋଇଥିବାବେଳେ ଅନ୍ୟ ଜଣେ ତା' ଉପରେ ପାଣି ଢାଳି ପ୍ରଥମେ ଏକ ଆଉଟ୍‌ଲାଇନ୍ ତିଆରି କରୁଛନ୍ତି। ଏହାପରେ ଆଉଟ୍‌ଲାଇନ୍ ଚିତ୍ରଟି ବାସ୍କେଟବଲ୍ ଖେଳୁଛି। ପାଣିରେ ଏଭଳି ଚିତ୍ର ଖେଳ ଦେଖିଲେ ନିଶ୍ଚିତଭାବେ ଆଶ୍ଚର୍ଯ୍ୟ ଲାଗିବ। ତେବେ ଦୁଇ ବାଳକଙ୍କୁ ଏହି ଭିଜୁଆଲଟି ତିଆରି କରିବା ପାଇଁ ୫ଦିନ ସମୟ ଲାଗିଛି ବୋଲି କ୍ୟାପସନରେ କୁହାଯାଇଛି। ଭିଡିଓଟି ସୋସିଆଲ ମିଡିଆରେ ପୋଷ୍ଟ ହେବା ମାତ୍ରେ ଏହି ଭିଡିଓଟି ଏବେ ଭାଇରାଲ୍ ହେବାରେ ଲାଗିଛି। ଏଭଳି ଏକ ଭିଡିଓକୁ କିପରି ତିଆରି କରାଯାଇପାରିଛି ତାହା ଦେଖି ଅନେକେ କିଛି କମେଣ୍ଟ ବି ଦେଇପାରୁ ନ ଥିବା ପ୍ରକାଶ କରିଛନ୍ତି।



## ସଂକ୍ଷେପରେ

### ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସରେ ଫ୍ରିଡମ୍ ସେଲ୍ ଆରମ୍ଭ

**ଭୁବନେଶ୍ୱର,୧୪।୮:** ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ପକ୍ଷରୁ ଏହାର ସବୁ ଶୋ'ରୁମରେ ଫ୍ରିଡମ୍ ସେଲ୍ ଆରମ୍ଭ କରାଯାଇଛି। ଗ୍ରାହକମାନେ ଗୁପ୍ତା ଶୋ'ରୁମରେ ଗୋଟିଏ ଛାତ ତଳେ ଇଲେକଟ୍ରୋନିକ୍ସ ପ୍ରଡକ୍ଟ, ହୋମ୍ ଆପ୍ଲାଏନ୍ସ, ମୋବାଇଲ, କ୍ୟାମେରା, କମ୍ପ୍ୟୁଟର, ଲାପ୍‌ଟପ୍ ଆଦି ପାଇ ପାରିବେ। ଏହି ସେଲ୍‌ରେ ବଛାବଛା ଏସି ଉପରେ ଗ୍ରାହକ ୪୦% ପର୍ଯ୍ୟନ୍ତ ଡିସ୍‌କାଉଣ୍ଟ, ଏଲ୍‌ଇଡି ଟିଭି ଉପରେ ୫୫% ପର୍ଯ୍ୟନ୍ତ ଡିସ୍‌କାଉଣ୍ଟ ଏବଂ ହୋମ୍ ଆପ୍ଲାଏନ୍ସ ପ୍ରଡକ୍ଟ ଉପରେ ଆକର୍ଷଣୀୟ ରିହାତି ରହିଛି। ଏହାବାଦ କମ୍ପ୍ୟୁଟର, ଲାପ୍‌ଟପ୍, ପ୍ରିଣ୍ଟର, ମୋବାଇଲ ଏବଂ କ୍ୟାମେରା ଉପରେ ମଧ୍ୟ ଗ୍ରାହକ ଅଫର ପାଇପାରିବେ। କମ୍ ଡାଉନପେମେଣ୍ଟ, ୦% ସୁଧ, ସହଜ କିସ୍ତି, ଫାଇନାନ୍ସରେ ପ୍ରଡକ୍ଟ କିଣିଲେ ୧୦% କ୍ୟାଶବ୍ୟାକ ଭଳି ଅଫର ସୁବିଧା ଗ୍ରାହକ ଲାଭ କରିପାରିବେ ବୋଲି ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ସ୍ୱତ୍ତ୍ୱାଧୀକାରୀ ରାଜେଶ କୁମାର ଗୁପ୍ତା ସୂଚନା ଦେଇଛନ୍ତି।

### ପାଇକାରୀ ମୁଦ୍ରାସ୍ଫୀତି ୦.୫୮%

**ମୁମ୍ବାଇ,୧୪।୮:** ଜୁଲାଇ ମାସରେ ଘରୋଇ ବଜାରର ପାଇକାରୀ ମୁଦ୍ରାସ୍ଫୀତି ୦.୫୮% ସ୍ତରରେ ରହିଛି। ଖାଦ୍ୟ ସାମଗ୍ରୀ ଦର ଉଚ୍ଚରେ ରହିଥିଲେ ମଧ୍ୟ ଏହି ବର୍ଗରେ ମୁଦ୍ରାସ୍ଫୀତି ନିମ୍ନକୁ ଖସିଥିବା ଜଣାପଡିଛି। ଜୁନରେ ପାଇକାରୀ ମୂଲ୍ୟ ବର୍ଗରେ ମୁଦ୍ରାସ୍ଫୀତି (-) ୧.୮୧% ସ୍ତରରେ ରହିଥିଲା। ଏପ୍ରିଲ ଏବଂ ମେ ମାସରେ ଏହା ଯଥାକ୍ରମେ(-)୩.୩୭ ଏବଂ (-) ୧.୫୭% ସ୍ତରରେ ରହିଥିଲା। ଖାଦ୍ୟ ବର୍ଗରେ ମୁଦ୍ରାସ୍ଫୀତି ୪.୦୮% ସ୍ତରରେ ରହିଛି। ଏହା ଜୁନ୍‌ରେ ୨.୦୪% ରହିଥିଲା। ତୈଳ ଏବଂ ଶକ୍ତି ବାସ୍କେଟରେ ମୁଦ୍ରାସ୍ଫୀତି ୦.୫୧% ସ୍ତରରେ ରହିଛି। ଜୁଲାଇରେ ଖୁଚୁରା ମୁଦ୍ରାସ୍ଫୀତି ୬.୯୩% ସ୍ତରରେ ରହିଥିବା ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି।

# ଆର୍ଥିକ ଅନ୍ତର୍ଭୁକ୍ତି ଲାଗି ଏସ୍‌ବିଆଇର ପଦକ୍ଷେପ

ଭୁବନେଶ୍ୱର,୧୪।୮



**୨ ଶାଖା, ୨୮ ଡିଏସ୍‌ଏଚ୍ ଉଦ୍‌ଘାଟିତ**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ୨ଟି ନୂଆ ଶାଖା ସହ ୨୮ଟି ଏଫ୍‌ଆଇଏମ୍‌ଏମ୍ ଡିଷ୍ଟ୍ରିକ୍ଟ ସେଲ୍‌ସ ହବ୍ (ଡିଏସ୍‌ଏଚ୍) ଏବଂ ୫୧ଗୋଟି ନୂଆ ଗ୍ରାହକ ସେବା କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନରୁ ଏକ ଭିଡିଓ କନଫେରନ୍ସ ମାଧ୍ୟମରେ ଏହି ନୂଆ ସେବା କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବାସୀଙ୍କୁ ଉନ୍ନତ ବ୍ୟାଙ୍କ ସେବା ପ୍ରଦାନ ସହ ସରକାରଙ୍କ ବିଭିନ୍ନ ଯୋଜନାକୁ ଅଧିକ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ବ୍ୟାଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏସ୍‌ବିଆଇ ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧସହରାଞ୍ଚଳ କ୍ଷେତ୍ରରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ କ୍ଷୁଦ୍ର ବଜାରକୁ ଧ୍ୟାନରେ ରଖି ଅନ୍ତର୍ଭୁକ୍ତୀକରଣ ଏବଂ କ୍ଷୁଦ୍ର ବଜାର (ଏଫ୍‌ଆଇ ଆଣ୍ଡ ଏମ୍‌ଏମ୍) ବ୍ୟବସ୍ଥା ଆଣିଛି। ସେହିଭଳି ରାଜ୍ୟରେ ୨୮ଟି ଡିଷ୍ଟ୍ରିକ୍ଟ ସେଲ୍‌ସ ହବ୍ ଆରମ୍ଭ କରାଯାଇଛି। ଖୋର୍ଦ୍ଧା, ଯାଜପୁରରୋଡ, କେନ୍ଦୁଝର, ଝାରସୁଗୁଡା, ବଲାଙ୍ଗୀର, ଭବାନୀପାଟଣା ଫୁଲବାଣୀଠାରେ ୭ଟି ଏଫ୍‌ଆଇ ଆଣ୍ଡ ଏମ୍‌ଏମ୍‌ର ଆଞ୍ଚଳିକ କାର୍ଯ୍ୟାଳୟ ସ୍ଥାପନ ହୋଇଛି। ବର୍ତ୍ତମାନ ରାଜ୍ୟରେ ଏସ୍‌ବିଆଇର ପ୍ରାୟ ୮୭୪ଟି ଶାଖା ଓ ୪୪୩୫ଟି ଗ୍ରାହକ ସେବା କେନ୍ଦ୍ର ଏବଂ ମୋଟ ୩୩ଟି ଏସ୍‌ଏମ୍‌ଇ ଶାଖା ଗ୍ରାହକଙ୍କୁ ସେବା ଯୋଗାଉଛି। ଭୁବନେଶ୍ୱର ଏସ୍‌ଏମ୍‌ଇ ଶାଖା ଶୁକ୍ରବାର ଏଥିରେ ଯୋଡି ହୋଇଛି। ଉଦ୍‌ଘାଟନ ଉତ୍ସବରେ ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ କୁମାର ମୀନା, ଏସ୍‌ବିଆଇର ମୁଖ୍ୟ ମହାପ୍ରବନ୍ଧକ ରୁମା ଦେ, ଏସ୍‌ବିଆଇ ମହାପ୍ରବନ୍ଧକ ସିଏଲ୍‌ଏନ୍ ଚାରିୟୁଲୁ, ମହାପ୍ରବନ୍ଧକ ବିଜୋୟ କୁଜୁର ଏବଂ ଉପ ମହାପ୍ରବନ୍ଧକ (ଏଫ୍‌ଆଇ ଆଣ୍ଡ ଏମ୍‌ଏସ୍) ଧ୍ରୁବଚରଣ ବଳ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ଏସ୍‌ବିଆଇ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖ୍ୟ ମହାପ୍ରବନ୍ଧକ ରୁମା ଦେ କହିଛନ୍ତି ଯେ, ବ୍ୟାଙ୍କ ପକ୍ଷରୁ ୫୦୧ଟି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ଆର୍ଥିକ ସହାୟତ ପ୍ରଦାନ କରାଯାଇଛି।

## ରିଲାଏନ୍ସ ଜୁଏଲ୍ସର 'ଆଭାର' କଲେକ୍ସନ



**ଭୁବନେଶ୍ୱର,୧୪।୮:** ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ଏହାର ପୂର୍ତ୍ତି ଅବସରରେ ନୂଆ ଆଭାର କଲେକ୍ସନ ବଜାରକୁ ଛାଡ଼ିଛି। ଗତ କିଛି ବର୍ଷ ଧରି ଗ୍ରାହକମାନେ ରିଲାଏନ୍ସ ଜୁଏଲ୍ସ ଉପରେ ବିଶ୍ୱାସ ଏବଂ ଭରସା ରଖି ଆସିଛନ୍ତି। ଏହାକୁ ଧ୍ୟାନରେ ରଖି କମ୍ପାନୀ ପକ୍ଷରୁ ଏହି ସ୍ୱତନ୍ତ୍ର ବର୍ଗରେ ଗହଣାକୁ ବଜାରକୁ ଆଣିଛି। ଲଣ୍ଡନ ଥିମ୍‌ରୁ ଉତ୍ସାହିତ ହୋଇ କମ୍ପାନୀ ଏହି ନୂଆ ବର୍ଗର ଗହଣା ସମ୍ଭାର ନିଜ ପୋର୍ଟଫୋଲିଓରେ ଯୋଡ଼ିଛି। ଏହି କଲେକ୍ସନ ମଧ୍ୟରେ ୫୪ ସ୍ୱତନ୍ତ୍ର ଡିଜାଇନର ସୁନା ଏବଂ ହୀରା କାନଫୁଲ ରହିଛି। ଗହଣାଗୁଡିକ ୩ ଗ୍ରାମରୁ ୧୫ ଗ୍ରାମ ମଧ୍ୟରେ ରହିଛି। ଏହା ସହ କମ୍ପାନୀ ଗ୍ରାହକଙ୍କ ଲାଗି ଏକ ନୂଆ ଅଭିଯାନ ଆରମ୍ଭ କରିଛି। ନୂଆ କଲେକ୍ସନ ଉପରେ ଗ୍ରାହକ ୩୧ ଅଗଷ୍ଟ ପର୍ଯ୍ୟନ୍ତ ଅଫର ଲାଭ କରିପାରିବେ। ଗ୍ରାହକଙ୍କୁ ସୁନା ଗହଣା ଗଢ଼ା ମୂଲ୍ୟରେ ଫ୍ଲାଟ୍ ୩୦% ଅଫ୍ ଏବଂ ହୀରା ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନର ବ୍ୟବସ୍ଥା କରାଯାଇଛି।

## ଏଲ୍‌ଜି ଇଲେକ୍‌ଟ୍ରୋନିକ୍ସର 'କର୍ ସଲାମ୍'

**ଭୁବନେଶ୍ୱର,୧୪।୮:** ଦେଶର ପ୍ରମୁଖ କଞ୍ଜ୍ୟୁମର ଡ୍ୟୁରେବଲ୍ସ ବ୍ରାଣ୍ଡ ଏଲ୍‌ଜି ଇଲେକ୍‌ଟ୍ରୋନିକ୍ସ ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ 'କର୍ ସଲାମ' ପଦକ୍ଷେପ ସମ୍ପର୍କରେ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ କମ୍ପାନୀ ଆର୍ମଡ ଫୋର୍ସେସ ଫ୍ଲାଗ୍ ଡେ ଫଣ୍ଡକୁ ୧ କୋଟି ଟଙ୍କା ଦାନ କରିଛି। ଏହି ପାଣ୍ଠି କେନ୍ଦ୍ରୀୟ ସୈନିକ ବୋର୍ଡ ସେକ୍ରେଟାରିଏଟ୍ ଅଧୀନରେ ରହିଛି। ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟର ଏହା ଏକ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରୁଛି। ଦେଶ ସେବାରେ ଉତ୍ସର୍ଗୀକୃତ ଯୋଗଦାନ ଲାଗି ଏଭଳି ଏକ ପଦକ୍ଷେପ ଦ୍ୱାରା ଏଲ୍‌ଜି ସେନାକୁ ସମ୍ମାନ ଜଣାଇ ଆସୁଛି। କର୍ ସଲାମ ଦ୍ୱାରା ସେନାକୁ ସମ୍ମାନ ଜଣାଇ ଏଭଳି ଏକ ଯୋଜନା ଗ୍ରହଣ କରାଯାଇଥିବା ଏଲ୍‌ଜି ଇଲେକ୍‌ଟ୍ରୋନିକ୍ସ ଇଣ୍ଡିଆର ଏମ୍‌ଡି ୟଙ୍ଗ୍ ଲାକ୍ କିମ୍ ସୂଚନା ଦେଇଛନ୍ତି।

## ପିଟର ଇଂଲଣ୍ଡ ପକ୍ଷରୁ ମାସ୍କ ପ୍ରଦାନ



**କଟକ,୧୪।୮:** ସ୍ୱାଧୀନତା ଦିବସ ଅବସରରେ ପିଟର ଇଂଲଣ୍ଡ ଓଡ଼ିଶା ପକ୍ଷରୁ କମିଶନରେଟ ପୋଲିସକୁ ମାସ୍କ ଯୋଗାଇ ଦିଆଯାଇଛି। ପୋଲିସ ଲୋଗୋ ଲାଗିଥିବା ୩୦୦୦ ମାସ୍କକୁ କମ୍ପାନୀର ବରିଷ୍ଠ ଅଧିକାରୀମାନେ କଟକ ଡିସିପି ପ୍ରତୀକ ସିଂଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ଜୋନ ୨ ଏସିପି ଏସ୍.କେ.ସରିଫୁଦ୍ଦିନ ଏବଂ କମ୍ପାନୀ ପକ୍ଷରୁ ଦୀପକ କୁମାର ଅଗ୍ରୱାଲ ଉପସ୍ଥିତ ଥିଲେ।

## ପ୍ରସାରିତ ହେବ 'ଅମ୍ରିତ୍ ଗଙ୍ଗା'

**ଭୁବନେଶ୍ୱର,୧୪।୮:** ଆଧ୍ୟାତ୍ମିକ ଗୁରୁ ମାତା ଅମ୍ରିତାନନ୍ଦମୟୀଙ୍କ ଉପରେ ଆଧାରିତ ସତ୍‌ସଙ୍ଗ 'ଅମ୍ରିତ୍ ଗଙ୍ଗା' ସ୍ୱାଧୀନତା ଦିବସ ଅବସରରେ ପ୍ରସାରିତ ହେବ। ୨୦ ମିନିଟର ଏହି ଏପିସୋଡ୍‌କୁ ହିନ୍ଦୀରେ ଡବିଂ କରାଯାଇଛି। ଆଧ୍ୟାତ୍ମିକ ଭଜନ ଏବଂ ଆମ୍ମାଙ୍କର ସାରା ବିଶ୍ୱର କିଛି ସ୍ଥାନକୁ ପରିଭ୍ରମଣ ଏଥିରେ ସ୍ଥାନିତ ହୋଇଛି। ଏହି କାର୍ଯ୍ୟକ୍ରମ ଆସ୍ଥା ଚ୍ୟାନେଲରେ ଶନିବାର ରାତି ୧୦ଟା, ଷ୍ଟାର ଭାରତରେ ରବିବାର ସକାଳ ୬.୩୦, ଦିବ୍ୟ ଚ୍ୟାନେଲରେ ରବିବାର ସକାଳ ୮ଟାରେ ପ୍ରସାରିତ ହେବ ବୋଲି ସୂଚନା ରହିଛି। ଆମ୍ମା ସାରା ବିଶ୍ୱରେ ଦାତବ୍ୟ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟ କରୁଛନ୍ତି। ଗତ ୩୧ ବର୍ଷ ହେବ ସେ ବିଶ୍ୱର ବିଭିନ୍ନ ଦେଶକୁ ଭ୍ରମଣ କରୁଛନ୍ତି। ଆମ୍ମାଙ୍କ ଆଶ୍ରମ (ଦ ମାତା ଅମୃତାନନ୍ଦମୟୀ ମଠ) ଏବଂ ତାଙ୍କର ବିଭିନ୍ନ ସେଣ୍ଟର ଦ୍ୱାରା ଜନକଲ୍ୟାଣ ଦିଗରେ କାର୍ଯ୍ୟ କରିଆସୁଛି।




## ସେନାକୁ ଏୟାର ଏସିଆର ସମ୍ମାନ

**ଭୁବନେଶ୍ୱର,୧୪।୮:** ସ୍ୱାଧୀନତା ଦିବସ ପାଳନ ଅବସରରେ ଏୟାର ଏସିଆ ଇଣ୍ଡିଆ ପକ୍ଷରୁ ଭାରତୀୟ ସେନାକୁ ସମ୍ମାନ ପୂର୍ବକ ରେଡ୍ ପାସ୍ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଦେଶ ଗଠନରେ ସେନାର ଯୋଗଦାନକୁ ବିଚାରକରି କମ୍ପାନୀ ଏହି ଅଭିଯାନ ଆରମ୍ଭ କରିଛି। ଏଥିରେ ସ୍ଥାନୀୟ ବିମାନର ସେନାକୁ ୫୦ ହଜାର ସିଟ୍ ପ୍ରଦାନ କରାଯିବ। ମାଗଣା ସିଟ୍ ସହିତ ଅତିଥିମାନେ ଅଗ୍ରାଧିକାର ବୋର୍ଡିଂ ଏବଂ ବ୍ୟାଗେଜ୍ ସୁବିଧା ପାଇପାରିବେ। ଜୁନ୍ ମାସରେ କମ୍ପାନୀ ଆରମ୍ଭ କରିଥିବା ରେଡ୍ ପାସ୍ ଅଭିଯାନରେ ପ୍ରାଥମିକ ପର୍ଯ୍ୟାୟରେ ଡାକ୍ତରଙ୍କୁ ଯାତ୍ରା ସୁବିଧା ଯୋଗାଣ କରାଯାଇଥିଲା। ଚଳିତ ମାସ ୧୫ରୁ ୨୧ ମଧ୍ୟରେ ଟିକେଟ କରିବା ସହ ଚଳିତ ବର୍ଷ ସେପ୍ଟେମ୍ବର ୨୫ରୁ ୩୧ ଡିସେମ୍ବର ମଧ୍ୟରେ ଏଥିରେ ଯାତ୍ରା ସୁବିଧା ଉପଲବ୍ଧ ହେବ। ସେନାକୁ ସଲାମ କରି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଏୟାର ଏସିଆ ଇଣ୍ଡିଆର ଚିଫ୍ କମର୍ସିଆଲ ଅଫିସର ଅଙ୍କୁର ଗର୍ଗ ସୂଚନା ଦେଇଛନ୍ତି।

DADLS-52

ଓଡ଼ିଶା ସରକାର





ପ୍ରତିଟି ଜୀବନ ଆମ ପାଇଁ ମୂଲ୍ୟବାନ

କରୋନା ମହାମାରୀ ସମୟରେ ଧନୀ ହେଉ କି ଗରିବ ସମସ୍ତଙ୍କ ପାଇଁ ବିନା ଖର୍ଚ୍ଚରେ ଚିକିତ୍ସା ସୁବିଧା ଯୋଗାଇ ଦେବାରେ ଓଡ଼ିଶା ଅନ୍ୟତମ ଅଗ୍ରଣୀ ରାଜ୍ୟ । କରୋନା ପୀଡିତଙ୍କ ପାଇଁ ଖାଇବା, ରହିବା, ଔଷଧ ଖର୍ଚ୍ଚ, ପରିବହନ ପ୍ରଭୃତି ସୁବିଧା ରାଜ୍ୟ ସରକାର ନିଜ ତରଫରୁ ଯୋଗାଇ ଦେଉଛନ୍ତି । ସଂଖ୍ୟାଧିକ ଲୋକ ସୁସ୍ଥ ହେବା ସହିତ କିଭଳି ଅଧିକରୁ ଅଧିକ ଲୋକଙ୍କ ଜୀବନ ରକ୍ଷା କରାଯାଇ ପାରିବ ସେ ଦିଗରେ ନିଷ୍ଠାପର ଉଦ୍ୟମ ଜାରି ରହିଛି ।

କରୋନା ମହାମାରୀକୁ ପ୍ରତିହତ କରିବା ପାଇଁ ଟେଷ୍ଟିଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ତେଣୁ ଆପଣମାନେ କରୋନାର ପ୍ରାଥମିକ ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ଭୟଭୀତ ନ ହୋଇ ତୁରନ୍ତ ସ୍ୱେଚ୍ଛାକୃତ ଭାବେ ଟେଷ୍ଟିଂ ପାଇଁ ଆସନ୍ତୁ, ଏହାଦ୍ୱାରା ଆମେ ସଂକ୍ରମଣକୁ ନିୟନ୍ତ୍ରଣ କରିପାରିବା ଏବଂ ଅଧିକ ଲୋକଙ୍କୁ ଗୁରୁତର ଅବସ୍ଥାରୁ ରକ୍ଷା କରିପାରିବା । ଏହି ଟେଷ୍ଟିଂ ସୁବିଧା ମାଗଣାରେ ରାଜ୍ୟର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ସମସ୍ତ ଚିକିତ୍ସାଳୟରେ ଉପଲବ୍ଧ । ବିନା ଦ୍ୱିଧାରେ ଟେଷ୍ଟିଂ ଏବଂ ଚିକିତ୍ସା ପାଇଁ ଆଗେଇ ଆସନ୍ତୁ । ଆପଣମାନଙ୍କ ସେବାରେ ଆମର ହଜାର ହଜାର କୋଭିଡ ଯୋଦ୍ଧା ନିଷ୍ଠାପର ଭାବେ କାର୍ଯ୍ୟରତ । ଲକ୍ଷଣ ବିହୀନ ରୋଗୀ ଘରେ ରହି ମଧ୍ୟ ନିଜର ଚିକିତ୍ସା କରିପାରିବେ । ଆପଣମାନେ କରୋନା ପାଇଁ ଜାରି କରାଯାଇଥିବା ନିୟମାବଳୀକୁ କଡାକଡି ଭାବରେ ପାଳନ କରନ୍ତୁ । ନିୟମ ପାଳନ କରିବା ସହିତ ଆମକୁ ଆଉ କିଛି ଦିନ ସତର୍କତା ଅବଲମ୍ବନ କରିବା ପାଇଁ ପଡ଼ିବ, ତେବେ ଯାଇ ଆମେ ରାଜ୍ୟକୁ କରୋନାମୁକ୍ତ କରିବା ପାଇଁ ସମର୍ଥ ହୋଇପାରିବା ।

ଆଜି ୭୪ତମ ସ୍ୱାଧୀନତା ଦିବସ । ସ୍ୱାଧୀନତା ପ୍ରାପ୍ତି ପାଇଁ ଆମର ସଂଗ୍ରାମୀମାନେ ଅସୀମ ତ୍ୟାଗ ଓ ଧୈର୍ଯ୍ୟର ପରୀକ୍ଷା ଦେଇ ସଫଳ ହୋଇଥିଲେ । ଆମେ ଓଡ଼ିଶାବାସୀ ସମସ୍ତେ ସେହିପରି କରୋନାକୁ ହରାଇବା ନିମନ୍ତେ ଆସନ୍ତୁ ସଙ୍କଳ୍ପବଦ୍ଧ ହୋଇ କାର୍ଯ୍ୟ କରିବା । କରୋନା ହାରିବ, ଆମେ ଜିତିବା ।

ବନ୍ଦେ ଉତ୍କଳ ଜନନୀ ।

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0078/2021

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଶନିବାର, ଅଗଷ୍ଟ ୧୫/୨୦୨୦ Saturday, August 15/2020

# ଇଂଲଣ୍ଡ, ଜର୍ମାନୀ, ସ୍ପେନ୍‌କୁ ଯୋଗ୍ୟତା

ଭୁବନେଶ୍ୱର, ୧୪।୮(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ସମେତ ଦେଶର ୫ଟି ସ୍ଥାନରେ ହେବାକୁଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ପାଇଁ ଇଂଲଣ୍ଡ, ଜର୍ମାନୀ ଓ ସ୍ପେନ ଯୋଗ୍ୟତା ଅର୍ଜନ କରିଛନ୍ତି। ୟୁନିୟନ ଅଫ୍ ୟୁରୋପିଆନ ଫୁଟବଲ ଆସୋସିଏଶନ୍ସ(ୟୁଫା) ପକ୍ଷରୁ ଶୁକ୍ରବାର ଏହା ପ୍ରକାଶ କରାଯାଇଛି। କରୋନା ଭାଇରସ ସଂକ୍ରମଣ ଜନିତ କାରଣରୁ ୨୦୨୦ ୟୁଫା ୧୭ ବର୍ଷରୁ କମ୍ ମହିଳା ଫୁଟବଲର ଚାମ୍ପିୟନଶିପ୍‌ର ଅନ୍ତିମ ରାଉଣ୍ଡକୁ ବାତିଲ କରାଯାଇଛି। ପୂର୍ବ ମ୍ୟାଚ ଗୁଡ଼ିକର ଫଳାଫଳ ଏବଂ ର୍‍ୟାଙ୍କିଙ୍ଗ୍ ଦୃଷ୍ଟିରୁ ଇଂଲଣ୍ଡ, ଜର୍ମାନୀ ଓ ସ୍ପେନ ବିଶ୍ୱକପ ଖେଳିବେ। ୫ମ ଥରପାଇଁ ଏହି ମେଗା ପ୍ରତିଯୋଗିତା ଖେଳିବାକୁ ଯାଉଥିବା ସ୍ପେନ ୨୦୧୮ରେ ଚାମ୍ପିୟନ ହୋଇଥିଲା। ତେଣୁ ଏହି ଦଳ ଡିଫେଣ୍ଡିଂ ଚାମ୍ପିୟନଭାବେ ଖେଳିବ। ୩ୟ ଥର ପାଇଁ ଖେଳିବାକୁ ଯାଉଥିବା ଇଂଲଣ୍ଡ ୨୦୦୮ରେ ସର୍ବାଧିକ ୪ର୍ଥ ସ୍ଥାନ ହାସଲ କରିଥିବାବେଳେ ଜର୍ମାନୀ ୭ମ ଥର ପାଇଁ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବ। ୨୦୦୮ରେ ତୃତୀୟ ସ୍ଥାନ ହାସଲ ଏହି ଦଳର ଶ୍ରେଷ୍ଠ ପ୍ରଦର୍ଶନ।

ପୂର୍ବରୁ ଆୟୋଜକ ଦଳଭାବେ ଭାରତ ପ୍ରଥମଥରପାଇଁ ଏହି ପ୍ରତିଯୋଗିତା ଲାଗି ଯୋଗ୍ୟ ବିବେଚିତ ହୋଇଛି। ୨୦୧୯ ଏଏଫସି ୧୬ ବର୍ଷରୁ କମ୍ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ପ୍ରଦର୍ଶନ ଆଧାରରେ ଏସିଆନ ଫୁଟବଲ କନ୍‌ଫେଡେରେଶନରୁ ଜାପାନ ଓ ଉତ୍ତର କୋରିଆ ଯୋଗ୍ୟତା ହାସଲ କରି ସାରିଛନ୍ତି। ସେହିପରି ୨୦୨୦ ଓଏଫସି ୧୭ ବର୍ଷରୁ କମ୍ ମହିଳା ଫୁଟବଲର ଅନ୍ତିମ ଚରଣ ବାତିଲ ହେବାରୁ ଓସେନିଆ କନ୍‌ଫେଡେରେଶନରୁ ନ୍ୟୁଜିଲାଣ୍ଡ ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛି। ୨୦୧୮ ସଂସ୍କରଣରେ ନ୍ୟୁଜିଲାଣ୍ଡ ସର୍ବାଧିକ ୩ୟ




ସ୍ଥାନ ହାସଲ କରିଥିବାବେଳେ ୨୦୧୪ରେ ଜାପାନ ଏବଂ ୨୦୦୮ ଓ ୨୦୧୬ରେ ଉତ୍ତର କୋରିଆ ଚାମ୍ପିୟନ ହୋଇଛି। ନ୍ୟୁଜିଲାଣ୍ଡ, ଜାପାନ ଓ ଉତ୍ତର କୋରିଆ ୭ମ ଥର ପାଇଁ ପ୍ରତିଯୋଗିତା ଖେଳିବେ।

କନ୍‌ଫେଡେରେଶନ ଅଫ୍ ଆଫ୍ରିକାନ୍ ଫୁଟବଲ(କାଫ୍), କନ୍‌ଫେଡେରେଶନ ଅଫ୍ ନର୍ଥ, ସେଣ୍ଟ୍ରାଲ ଆମେରିକାନ ଆଣ୍ଡ କାରିବିୟନ ଆସୋସିଏଶନ ଫୁଟବଲ(କନ୍‌କାକାଫ) ଏବଂ ସାଉଥ୍ ଆମେରିକାନ ଫୁଟବଲ କନ୍‌ଫେଡେରେଶନ(କନ୍‌ମେବୋଲ)ରୁ ୩ଟି ଲେଖାଏ ଦଳ ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ କରିବା ବାକି ରହିଛି। ପ୍ରକାଶ ଯୋଗ୍ୟ ଯେ, ଏହି ପ୍ରତିଯୋଗିତା ପ୍ରକୃତରେ ୨୦୨୦ ନଭେମ୍ବର ୨ରୁ ୨୧ ପର୍ଯ୍ୟନ୍ତ ହେବାର ଥିଲା। ମାତ୍ର କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଏହା ୨୦୨୧ ଫେବୃୟାରୀ ୧୭ରୁ ମାର୍ଚ୍ଚ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭାରତର ୫ଟି ଭେନ୍ୟୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ, କୋଲକାତାର ସଲ୍ଟଲେକ୍, ଗୁଆହାଟୀର ଇନ୍ଦିରାଗାନ୍ଧୀ ଆଥଲେଟିକ୍ ଷ୍ଟାଡିୟମ, ଅହମ୍ମଦାବାଦର ଏକା ଆରେନା ଏବଂ ନଭି ମୁମ୍ବାଇର ଡି.ୱାଇ. ପାଟିଲ ଷ୍ଟାଡିୟମରେ ଆୟୋଜିତ ହେବ।

# ଇଂଲଣ୍ଡ ବୋଲର ପ୍ରଭାବୀ

ସାଉଥାମ୍ପଟନ, ୧୪।୮

ସ୍ଥାନୀୟ ରୋଜବାଓଲ ଷ୍ଟାଡିୟମରେ ଚାଲିଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ବୋଲରମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ତେବେ ଲଢୁଆ ଅର୍ଦ୍ଧଶତକ ହାସଲ କରି ପାକିସ୍ତାନକୁ ଲଜ୍ଜାଜନକ ସ୍ଥିତିରୁ ଉଦ୍ଧାର କରିଛନ୍ତି ଉଇକେଟ କିପର ବ୍ୟାଟ୍ସମ୍ୟାନ ମହମ୍ମଦ ରିଜୱାନ। ଶୁକ୍ରବାର ଦ୍ୱିତୀୟ ଦିବସ ଚା' ବିରତି ପରେ ଆଲୋକ ଅଭାବ ଯୋଗୁ ଖେଳ ବନ୍ଦ ରହିବା ବେଳକୁ ପାକିସ୍ତାନ ପ୍ରଥମ ଇନିଂସରେ ୯ ଉଇକେଟ ହରାଇ ୨୨୩ ରନ ସଂଗ୍ରହ କରିଥିଲା। ସେତେବେଳକୁ ରିଜୱାନ ୬୦ ରନରେ ଅପରାଜିତ ରହିଥିଲେ।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୧୨୬/୫ରୁ ଖେଳ ଆରମ୍ଭ କରିଥିବା ପାକିସ୍ତାନ ଦ୍ୱିତୀୟ ଦିବସର ପ୍ରଥମ ସେସନରେ କୌଣସି ଉଇକେଟ ନ ହରାଇ ୨୯ ରନ ଯୋଗ କରିଥିଲା। ବର୍ଷା ଯୋଗୁ ଦେଢ଼ଘଣ୍ଟା ବିଳମ୍ବରେ ଖେଳ ଆରମ୍ଭ ହୋଇଥିଲା। ଦ୍ୱିତୀୟ ସେସନ ଆରମ୍ଭରେ ପାକିସ୍ତାନ ୩ଟି ଉଇକେଟ ହରାଇ ବିପଦରେ ପଡ଼ିଥିଲା। ନିୟମିତ ବ୍ୟବଧାନରେ ଉଇକେଟ ପତନ ଘଟିବାରୁ ପାକ୍ ସ୍କୋର ଏକଦା ୧୭୬/୮ ହୋଇ ଯାଇଥିଲା। ମାତ୍ର ଧୈର୍ଯ୍ୟର ସହିତ ଘରୋଇ ବୋଲରଙ୍କୁ ମୁକାବିଲା କରି କ୍ୟାରିୟରରେ ଦ୍ୱିତୀୟ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଥିଲେ ରିଜୱାନ। ୧୦୪ ବଲ୍‌ରୁ ସେ ଅର୍ଦ୍ଧଶତକ ପୂରଣ କରିଥିଲେ। ବାବର ଆଜମ ଭଲ ଖେଳି ଅର୍ଦ୍ଧଶତକର ନିକଟତର ହୋଇଥିଲେ ହେଁ ବ୍ୟକ୍ତିଗତ ୪୭(୧୨୭ ବଲ, ୩ ଚୌକା) ରନ କରି ଷ୍ଟୁଆର୍ଟ ବ୍ରଡ୍‌ଙ୍କ ବଲ୍‌ରେ ଉଇକେଟ କିପର ଜୋସ୍ ବଟଲରଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଲୋୟର ଅର୍ଡରରେ ୟାସିର ଶାହା(୫), ଶାହିନ ଶାହ ଆଫ୍ରିଦୀ(୦) ଓ ମହମ୍ମଦ ଆବାସ(୨)ଫେଲ୍ ମାରିଥିଲେ ହେଁ ରିଜୱାନ ଚମତ୍କାର ବ୍ୟାଟିଂ କରି ପାକିସ୍ତାନ ସ୍କୋରକୁ ୨୦୦ ଅତିକ୍ରମ କରାଇଥିଲେ। ସେ ଆବାସଙ୍କ ସହ ୯ମ ଉଇକେଟ ଭାଗୀଦାରିରେ ୩୯ ରନ ଯୋଗ କରିଥିଲେ। ଇଂଲଣ୍ଡ ପକ୍ଷରୁ ଜେମ୍ସ ଆଣ୍ଡରସନ ୩ଟି, ଷ୍ଟୁଆର୍ଟ ବ୍ରଡ୍ ୩ଟି ଏବଂ ସାମ୍ କୁରାନ ଓ କ୍ରିସ୍ ୱୋକ୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଉଇକେଟ ହାସଲ ପରେ ଷ୍ଟୁଆର୍ଟ ବ୍ରଡ୍।

# ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ ଶୁଭାରମ୍ଭ

ନୂଆଦିଲ୍ଲୀ, ୧୪।୮(ପି.ଟି.)

କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଶୁକ୍ରବାର ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ ଲଞ୍ଚ୍ କରିଛନ୍ତି। ସାରା ଦେଶରେ ଏହି ଇଭେଣ୍ଟ ଫିଟ୍‌ନେସ୍‌ରେ ଉଦାହରଣ ସୃଷ୍ଟି କରିବ ବୋଲି କୁହାଯାଉଛି। ଏବେ ସାରା ଦେଶ ତଥା ବିଶ୍ୱରେ କୋଭିଡ୍-୧୯ ମହାମାରୀର ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଏହାର ପ୍ରାସଙ୍ଗିକତା ରହିଛି। ଅଂଶଗ୍ରହଣକାରୀମାନେ ନିଜ ସ୍ଥାନ ଓ ଗତିରେ ଅଗଷ୍ଟ ୧୫ଠାରୁ ଅକ୍ଟୋବର ୨ ତାରିଖ ମଧ୍ୟରେ ଦୌଡ଼ି ପାରିବେ ବୋଲି କୁହାଯାଇଛି।

ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍ଏଫ୍), ଇଣ୍ଡୋ-ଟିବେଟାନ ବର୍ଡର ପୋଲିସ (ଆଇଟିବିପି) ଓ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆରପିଏଫ୍) ଭଳି ସଶସ୍ତ୍ର ବାହିନୀ ଦେଶର ଏହି ସର୍ବବୃହତ୍ ଦୌଡ଼ରେ ସାମିଲ ହେବେ। ଏମାନଙ୍କ ସହିତ ଯୋଗ ଦେବେ ଭାରତୀୟ ରେଲୱେ, ସିବିଏସ୍ଇ ଓ ଆଇସିଏସ୍ଇ ସ୍କୁଲ। ନେହେରୁ ଯୁବା କେନ୍ଦ୍ର ସଙ୍ଗଠନ (ଏନ୍‌ୱାଇକେଏସ୍) ଓ ନ୍ୟାଶନାଲ ସର୍ଭିସ ସ୍କିମ୍ (ଏନ୍‌ଏସ୍ଏସ୍) ଅଫ୍ ୟଥ ଆଫୟାର୍ସ ଡିପାର୍ଟମେଣ୍ଟର ୭୫ ଲକ୍ଷ ଭଲ୍ୟୁଣ୍ଟିୟରମାନେ ଓ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ଟ୍ରେନିମାନେ ଏହି ଇଭେଣ୍ଟରେ ଯୋଗ ଦେବେ। ପ୍ରୋକାମ ଓ ଗୋକ୍ୱି ଭଳି ଫିଟ୍‌ନେସ୍ କେର୍ପୋରେଟମାନେ ଏଥିରେ ସହଯୋଗ କରିବେ। ସ୍ୱାଧୀନତା ଦିବସ ଉପଲକ୍ଷେ ବହୁ ସଂଖ୍ୟାରେ ଲୋକ ଏଥିରେ ଯୋଗ ଦେବେ। ଏହି ରନ୍‌ରେ ଅଂଶଗ୍ରହଣ ନେଇ ଉତ୍ସାହ ଦେଖି ବେଶ୍ ଅଭିଭୂତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବରୁ ଲଞ୍ଚ୍ କରିଥିବା ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟର ଏହା ଏକ ଦୃଷ୍ଟି ଓ ଏହା ଏବେ ବାସ୍ତବତାରେ ପରିଣତ ହେବାକୁ ଯାଉଛି ବୋଲି ରିଜିଜୁ କହିଛନ୍ତି।


କିରେନ ରିଜିଜୁ

# ମାଇକେଲ ଜୋର୍ଡାନଙ୍କ ଜୋତା ରେକର୍ଡ ୪ କୋଟି ୬୦ ଲକ୍ଷ ଟଙ୍କାରେ ନିଲାମ

**ନ୍ୟୁୟର୍କ,୧୪।୮:** ଆମେରିକୀୟ ପୂର୍ବତନ ବାସ୍କେଟବଲ ଖେଳାଳି ତଥା ଏନ୍‌ବିଏ କିମ୍ବଦନ୍ତୀ ମାଇକେଲ ଜୋର୍ଡାନଙ୍କ ଏକ ହଳ ଜୋତା ରେକର୍ଡ ମୂଲ୍ୟରେ ନିଲାମ ହୋଇଛି। ଏକ ଅନ୍‌ଲାଇନ୍ ଅକସନ ମାଧ୍ୟମରେ ଏହା ୪କୋଟି ୬୦ ଲକ୍ଷ ଟଙ୍କା (୬୧୫,୦୦୦ ଆମେରିକୀୟ ଡଲାର)ରେ ବିକ୍ରି ହୋଇଛି। କିଷ୍ଟି ଅକ୍ସନ ତରଫରୁ ଗୁରୁବାର ଏ ନେଇ ସୂଚନା ଦିଆଯାଇଛି। କିଛି ମାସ ପୂର୍ବରୁ ଜୋର୍ଡାନଙ୍କ ଏକ ଜୋତାକୁ ରେକର୍ଡ ମୂଲ୍ୟରେ ବିକ୍ରି କରାଯାଇଥିଲା। ତେବେ ଏହି ରେକର୍ଡ ଏବେ ପଛରେ ପଡିଛି। ଇଟାଲୀରେ ଏହି ଜୋତା ବ୍ୟବହାର କରି ଜୋର୍ଡାନ ୧୯୮୫ରେ ଗୋଟିଏ ପ୍ରଦର୍ଶନୀ ମ୍ୟାଚ୍ ଖେଳିଥିଲେ। ମ୍ୟାଚ୍‌ରେ ଜୋର୍ଡାନ ଏତେଜୋରରେ ବଲ୍ ଫିଙ୍ଗି ଥିଲେ ଯେ, ବ୍ୟାକ୍ ବୋର୍ଡର କାଚ୍ ଭାଙ୍ଗିଯାଇଥିଲା। ଜୋତାରେ ସିଲ୍‌ରେ କାଚଖଣ୍ଡ ମଧ୍ୟ ରହିଛି। ୧୩.୫ ସାଇଜ୍‌ର ଏହି ଜୋତା ପିନ୍ଧି ଜୋର୍ଡାନ ୩୦ ପଏଣ୍ଟ ହାସଲ କରିଥିଲେ। ଲାଲ୍ ଓ କଳା ରଙ୍ଗର ଏହି ଜୋତା ସେ ଶିକାଗୋ ବୁଲ୍ସ ତରଫରୁ ଖେଳୁଥିବା ବେଳେ ପିନ୍ଧୁଥିଲେ।

ଏହାପୂର୍ବରୁ ଗତ ମେ'ରେ ଏୟାର ଜୋର୍ଡାନ ୧ର ଏକ ଜୋତା ୫ ଲକ୍ଷ ୬୦ ହଜାର ଡଲାରରେ ବିକ୍ରି ହୋଇଥିଲା। ତେବେ ଏହି ନୂଆ ନିଲାମରେ ଆଶାଠାରୁ କମ୍ ଅର୍ଥ ସଂଗ୍ରହ କରାଯାଇଛି। ଅତିକମ୍‌ରେ ୬ ଲକ୍ଷ ୫୦ରୁ ୮ ଲକ୍ଷ ୫୦ ହଜାର ଡଲାର ଅର୍ଥ ସଂଗ୍ରହ କରାଯିବ ବୋଲି ଆୟୋଜକମାନେ ଆଶା ରଖିଥିଲେ। କିନ୍ତୁ ଶେଷରେ ଏପରି ହୋଇ ନ ଥିଲା।

# ଦୁଇ ଭଉଣୀ ମୁକାବିଲାରେ ସେରେନା ବିଜୟୀ

**ଲେକ୍ସିଂଟନ,୧୪।୮(ଏପି):** ଆମେରିକୀୟ ମହିଳା ଟେନିସ ତାରକା ତଥା ଦୁଇ ଭଉଣୀ ସେରେନା ଓ ଭେନସ ୱିଲିୟମ୍ସଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ପ୍ରତିଦ୍ୱନ୍ଦ୍ୱିତା ବେଶ୍ ରୋମାଞ୍ଚକ ହୋଇଥାଏ। ଏଥିରେ ସାନ ଭଉଣୀ ସେରେନାଙ୍କ ପଲା ସବୁବେଳେ ଭାରି ରହି ଆସିଛି। ଏଠାରେ ଚାଲିଥିବା ଡବ୍ଲ୍ୟୁଟିଏ ଟପ୍ ସିଡ୍ ଓପନ୍‌ରେ ସେରେନା ଗୁରୁବାର ସେକେଣ୍ଡ ରାଉଣ୍ଡ ମ୍ୟାଚ ଅପ୍‌ରେ ଭେନସଙ୍କୁ ୩-୬, ୬-୩, ୬-୪ ସେଟରେ ପରାସ୍ତ କରିଛନ୍ତି। ଉଭୟ ପେସାଦାର ଟେନିସ୍‌ରେ ପରସ୍ପରକୁ ୩୧ତମ ମୁକାବିଲରେ ଭେଟିଥିଲେ। ଏହି ବିଜୟ ସହ ସେରେନା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ବିଜୟ ସହ ସେରେନା ୟୁଏସ୍ ଓପନ୍ ପାଇଁ ତାଙ୍କ ପ୍ରସ୍ତୁତି ଜୋର୍‌ଦାର କରିଛନ୍ତି। ଟପ୍‌ସିଡ୍ ସେରେନା ଏବେ ନିଜ ଦେଶର ୱାଇଲ୍ଡ କାର୍ଡ ଏଣ୍ଟ୍ରି ପାଇଥିବା ଶେଲବି ରୋଜର୍ସଙ୍କୁ ଭେଟିବେ।

ଦୀର୍ଘ ୨୨ବର୍ଷ ପୂର୍ବେ ଦୁଇ ଭଉଣୀ ପ୍ରଥମଥର ପାଇଁ ମୁହାଁମୁହିଁ ହୋଇଥିଲେ। ଏପର୍ଯ୍ୟନ୍ତ ଉଭୟ ୩୧ଥର ପରସ୍ପରକୁ ଭେଟିଛନ୍ତି। ଏଥିରେ ସେରେନା ୧୯ଥର ବିଜୟୀ ହୋଇଥିବା ବେଳେ ଭେନସ ୧୨ଥର ବାଜି ମାରିଛନ୍ତି। ପ୍ରତିଦ୍ୱନ୍ଦ୍ୱିତାରେ ଭେନସଙ୍କଠାରୁ ସେରେନା ଆଗରେ ରହିଛନ୍ତି। ସେରେନା ଏପର୍ଯ୍ୟନ୍ତ ୨୩ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ଆଉ ଗୋଟିଏ ଟାଇଟଲ ଜିତିଲେ ସେ ଅଷ୍ଟ୍ରେଲିଆର କିମ୍ବଦନ୍ତୀ ମହିଳା ଖେଳାଳି ମାର୍ଗରେଟ କୋର୍ଟଙ୍କର ୨୪ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ହାସଲ ବିଶ୍ୱରେକର୍ଡର ସମକକ୍ଷ ହେବେ। ଅନ୍ୟପଟେ ଭେନସ ମାତ୍ର ୭ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ବହୁ ପଛରେ ରହିଛନ୍ତି। ଭେନସଙ୍କୁ ୪୦ ବର୍ଷ ହୋଇଥିବା ବେଳେ ସେରେନା ଆସନ୍ତାମାସରେ ୩୯ ବର୍ଷରେ ପଦାର୍ପଣ କରିବେ।


ସେରେନା ୱିଲିୟମ୍ସ

# ଆଇପିଏଲ୍ ସ୍ପନସରଶିପ୍ ଦୌଡ଼ରେ ଟାଟା, ଡ୍ରିମ୍ ୧୧, ଅନ୍‌ଏକାଡେମୀ




**ନୂଆଦିଲ୍ଲୀ, ୧୪।୮ (ପି.ଟି.):** ଚଳିତବର୍ଷର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଟାଇଟଲ ସ୍ପନସରଶିପ୍ ପାଇଁ ଦୌଡ଼ରେ ଏଜୁକେଶନ ଟେକ୍ନୋଲୋଜି କମ୍ପାନୀ ଅନ୍‌ଏକାଡେମୀ ଫାଣ୍ଟାସି ସ୍ପୋର୍ଟ୍ସ ପ୍ଲାଟଫର୍ମ ଡ୍ରିମ୍ ୧୧ ସହିତ ଟାଟା ଗ୍ରୁପ୍ ସାମିଲ ହୋଇଛି। ଚାଇନିଜ୍ ମୋବାଇଲ୍ କମ୍ପାନୀ ଭିଭୋ ଗୋଟିଏ ସିଜନ ପାଇଁ ଟାଇଟଲ ସ୍ପନସରଶିପ୍‌ରୁ ଓହରିଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିକଟରେ 'ଇଓଆଇ' ଦାଖଲ କରିବା ଶେଷ ତାରିଖ ଶୁକ୍ରବାର ରହିଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଆଇପିଏଲ୍ ସେପ୍ଟେମ୍ବର ୧୯ରୁ ନଭେମ୍ବର ୧୦ ପର୍ଯ୍ୟନ୍ତ ହେବ। ବିଜୟୀ ବିଡର ୪ମାସ ଓ ୧୩ ଦିନ ପର୍ଯ୍ୟନ୍ତ ଟାଇଟଲ ଅଧିକାର ହାସଲ କରିବ। ଟାଟା ଗ୍ରୁପ୍‌ର ପ୍ରବେଶ ପରେ ଅଗଷ୍ଟ ୧୮ରେ ବିଡ୍ ଲଢେଇ ଜୋର୍‌ଦାର ହେବ ବୋଲି ଆଶା କରାଯାଉଛି। ଏଥର ବିଡ୍‌ର ମୂଲ୍ୟ ଭିଭୋର ବାର୍ଷିକ ଚୁକ୍ତି ୪୪୦କୋଟି ଟଙ୍କାରୁ ଅଧିକ ହେବ ବୋଲି ବିସିସିଆଇ ଆଶା କରୁଛି। ଇଓଆଇରେ ବିଡ୍‌ର ପରିମାଣ ଉଲ୍ଲେଖ କରାଯାଇ ନାହିଁ। ଏହା ଅଗଷ୍ଟ ୧୮ରେ ପଠାଯିବ ବୋଲି ଗ୍ରୁପ୍‌ର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି।

# କିପ୍‌ଚୋଗେ ଆମ୍ବାସାଡର ନିଯୁକ୍ତ

**ମୁମ୍ବାଇ, ୧୪।୮ (ପି.ଟି.):** କୋଭିଡ୍-୧୯ରେ ପ୍ରଭାବିତ ଲୋକମାନଙ୍କୁ ସାହାଯ୍ୟାର୍ଥେ ପାଣ୍ଠି ସଂଗ୍ରହ ଉଦ୍ଦେଶ୍ୟରେ ଶନିବାରଠାରୁ ଆରମ୍ଭ ହେବାକୁ ଥିବା 'ସନ୍‌ଫିଷ୍ଟ ଇଣ୍ଡିଆ ରନ୍ ଆଜ୍ ୱାନ୍' କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି ଭର୍ଚୁଆଲ ଇଭେଣ୍ଟ ଲାଗି ଅଲିମ୍ପିକ ମାରାଥନ ଚାମ୍ପିୟନ ଏଲିଉଡ୍ କିପ୍‌ଚୋଗେଙ୍କୁ ଶୁକ୍ରବାର ଏହାର ଆମ୍ବାସାଡର ଭାବେ ନିଯୁକ୍ତି ମିଳିଛି। ଦୁଇଘଣ୍ଟା ମଧ୍ୟରେ ମାରାଥନ ଦୂରତା ଅତିକ୍ରମ କରିବାରେ କିପଚୋଗେ ହେଉଛନ୍ତି ବିଶ୍ୱର ପ୍ରଥମ ବ୍ୟକ୍ତି। ୩୫ ବର୍ଷୀୟ ଆଥଲେଟ୍ ଭିଏନାରେ ୧:୫୯:୪୦ ଟାଇମିଂରେ ଏହି ସଫଳତା ହାସଲ କରିଛନ୍ତି। ଭାରତ ଏକ ସୁନ୍ଦର ଦେଶ। ଏହି ଦେଶରେ ଲୋକମାନଙ୍କ ଭଲ ପାଇବା ଓ ଆତିଥେୟକୁ ସେ ଅଙ୍ଗେ ନିଭେଇଛନ୍ତି।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ